# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୪/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, August 4/2021 | ★★★★★★

୪୭ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
Anokha Swad
कमलापसन्द
अनोखा स्वाद
KP GROUP
Quality Since 1965
पान मसाला
Rs.10/-
6g.
Watch at: f | YouTube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୪/୨୦୨୧ | Bhubaneswar, Wednesday, August 4/2021 



ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ପଞ୍ଚଦଶତମ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି ।

# ରେଗୁଲାର ପରୀକ୍ଷାର୍ଥୀଙ୍କୁ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର

**ମାଟ୍ରିକ୍ ଅଫ୍‌ଲାଇନ ପରୀକ୍ଷା**

- ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା
- ୧ ଘଣ୍ଟାପରେ ତ୍ରୁଟି ସୁଧାରିଲେ ପରୀକ୍ଷାକେନ୍ଦ୍ର ପରିଚାଳକ
- ସ୍କୁଲ ଫାଟକ ସମ୍ମୁଖରେ ଅଭିଭାବକଙ୍କ ହୋହଲ୍ଲା
- ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ

କଟକ ଅଫିସ,୩।୮

କଟକ ସେକେଣ୍ଡାରି ବୋର୍ଡ ହାଇସ୍କୁଲରେ ମାଟ୍ରିକ୍ ଅଫ୍‌ଲାଇନ ପରୀକ୍ଷା ପ୍ରଶ୍ନପତ୍ରକୁ ନେଇ ମଙ୍ଗଳବାର ବିଭ୍ରାଟ ଦେଖିବାକୁ ମିଳିଥିଲା । ଏହି ପରୀକ୍ଷା କେନ୍ଦ୍ରରେ ରେଗୁଲାର ପରୀକ୍ଷାର୍ଥୀଙ୍କୁ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କୁ ରେଗୁଲାର ପ୍ରଶ୍ନପତ୍ର ଦିଆଯାଇଥିଲା । ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

ମିଳିଥିବା ସୂଚନାନୁଯାୟୀ, ପୂର୍ବାହ୍ନ ୧୦ଟାରେ ଏହି ପରୀକ୍ଷାକେନ୍ଦ୍ରରେ ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିଲା । ଏହାର ୧୦ ମିନିଟ ପରେ ପ୍ରଶ୍ନପତ୍ର ଓଲଟପାଲଟ ହୋଇଥିବା ଛାତ୍ରୀଛାତ୍ର ଜାଣିବାକୁ ପାଇଥିଲେ । ଏ ନେଇ ସେମାନେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଜଣାଇଥିଲେ । ହେଲେ ସେମାନେ ଏହାକୁ କର୍ଣ୍ଣପାତ କରି ନ ଥିଲେ । ପରବର୍ତ୍ତୀ ସମୟରେ ଏହି ତ୍ରୁଟି ସମ୍ପର୍କରେ ଜାଣିବା ପରେ ପରୀକ୍ଷାକେନ୍ଦ୍ର ପରିଚାଳକ ସାଢେ ୧୧ଟାରେ ରେଗୁଲାର ଛାତ୍ରୀଛାତ୍ରଙ୍କଠାରୁ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ନେଇଯାଇଥିଲେ । ଫଳରେ ପ୍ରାୟ ଅଧଘଣ୍ଟା ଧରି ପରୀକ୍ଷାର୍ଥୀମାନେ ବସି ରହିଥିଲେ । ମଧ୍ୟାହ୍ନ ୧୨ଟାରେ ସେମାନଙ୍କୁ ଠିକ୍ ପ୍ରଶ୍ନପତ୍ର ଦିଆଯିବା ସହ ପରୀକ୍ଷା ପାଇଁ ଅଧିକ ୧ ଘଣ୍ଟା ସମୟ ଦିଆଯାଇଥିଲା । ପରେ ସେମାନେ ପରୀକ୍ଷା ଦେଇ ୧ଟାରେ ବାହାରକୁ ବାହାରିଥିଲେ । ଅନ୍ୟପକ୍ଷରେ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀମାନେ ରେଗୁଲାର ପ୍ରଶ୍ନପତ୍ରରେ ଉତ୍ତର ଲେଖିଥିଲେ । ସେମାନଙ୍କୁ ପରୀକ୍ଷା ପାଇଁ ଅଧିକ ସମୟ ଦିଆଯାଇ ନ ଥିଲା । ଏ ସମ୍ପର୍କରେ ଜଣାପଡିବା ପରେ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ହୋହଲ୍ଲା କରିଥିଲେ । ମଙ୍ଗଳାବାଗ ଥାନାଧିକାରୀ ଅମିତାଭ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ । ପରେ ଅଭିଭାବକମାନେ ଏଭଳି ବିଭ୍ରାଟକୁ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

ଏ ସମ୍ପର୍କରେ ରେଗୁଲାର ପରୀକ୍ଷା ଦେଇଥିବା ଛାତ୍ରୀ ସୋନାଲି ପାତ୍ର କହିଛନ୍ତି, ପ୍ରଥମେ ମୋତେ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ଦିଆଯାଇଥିଲା । ପରୀକ୍ଷା ଆରମ୍ଭ ହେବାର ପ୍ରାୟ ଦେଢ ଘଣ୍ଟା ପରେ ମୋ ଠାରୁ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ନିଆଯାଇ ରେଗୁଲାର ପ୍ରଶ୍ନପତ୍ର ଦିଆଗଲା । ସେହିପରି ରେଗୁଲାର ଛାତ୍ର ମିହିର ପତ୍ରୀ କହିଛନ୍ତି, ମୁଁ ପ୍ରଥମେ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ପାଇ ଉତ୍ତର ଲେଖିଥିଲି । ଏହାପରେ ପ୍ରଶ୍ନପତ୍ର ବଦଳାଇ ଦିଆଯାଇଥିଲା । ପରେ ମୁଁ ରେଗୁଲାର ପ୍ରଶ୍ନପତ୍ର ଅନୁଯାୟୀ ଉତ୍ତର ଲେଖିଥିଲି । ଅନ୍ୟପକ୍ଷରେ ଏକ୍ସ-ରେଗୁଲାର ଛାତ୍ର ରଣଦ୍ୱୀପ ରାୟ କହିଛନ୍ତି, ପରୀକ୍ଷା ଆରମ୍ଭ ହେବାର ୧୫ ମିନିଟ ପରେ ମୁଁ ସାର୍‌ଙ୍କୁ ରେଗୁଲାର ପ୍ରଶ୍ନପତ୍ର ମିଳିଥିବା ସମ୍ପର୍କରେ ଜଣାଇଥିଲି । ହେଲେ ସାର୍ ମୋ କଥା ନ ଶୁଣି ଚୁପ୍ ବସି ପରୀକ୍ଷା ଦେବାକୁ କହିଥିଲେ । ଅବ୍‌ଜେକ୍ଟିଭ ଏବଂ ସବ୍‌ଜେକ୍ଟିଭ ଉଭୟ ପେପର ମୁଁ ରେଗୁଲାର ପ୍ରଶ୍ନ ପତ୍ରରୁ ଉତ୍ତର ଲେଖିଆସିଲି । ମୋତେ ଏକ୍ସ-ରେଗୁଲାର ପ୍ରଶ୍ନପତ୍ର ମିଳିନାହିଁ କି ମୁଁ ଦ୍ୱିତୀୟ ଥର ପରୀକ୍ଷା ଦେଇନାହିଁ । ତେବେ ଏନେଇ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପ୍ରିନ୍ସିପାଲ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ ।




**ଆଜିର ସମ୍ପାଦକୀୟ**

**ପ୍ରମାଣ ନାହିଁ**

## ରୋଜ୍ ଭ୍ୟାଲି ଓଡ଼ିଶା ମୁଖ୍ୟ ଭୌମିକ ଗିରଫ

**ପଶ୍ଚିମବଙ୍ଗରୁ ଧରିଲା ଇଓଡବ୍ଲ୍ୟୁ ଟିମ୍**

**ଭୁବନେଶ୍ୱର(ବ୍ୟୁରୋ)/ ବାଲେଶ୍ୱର ଅଫିସ, ୩।୮:** ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ସଂସ୍ଥାର ଓଡ଼ିଶା ମୁଖ୍ୟ ବିକ୍ରମଜିତ୍ ଭୌମିକଙ୍କୁ ଭୁବନେଶ୍ୱର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଏକ ଟିମ୍ ସୋମବାର ରାତିରେ ପଶ୍ଚିମବଙ୍ଗର ମିଦିନାପୁର ଅଞ୍ଚଳରୁ ଗିରଫ କରିଛି । ତାଙ୍କୁ କୋଲକାତାର ତାମ୍‌ଲୁକ ସିଜେଏମ୍ କୋର୍ଟରେ ହାଜର କରାଯିବାପରେ ସେଠାରୁ ଇଓଡବ୍ଲ୍ୟୁ ଟ୍ରାନଜିଟ୍ ରିମାଣ୍ଡରେ ଆଣି ମଙ୍ଗଳବାର ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରିଥିଲା । କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ☞ପୃଷ୍ଠା-୨



ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ ଖୁସି ମନାଉଛନ୍ତି ଭୁବନେଶ୍ୱରର ବିଜେଇଏମ୍ ସ୍କୁଲ ଛାତ୍ରୀମାନେ ।

# ଓଡ଼ିଶାରେ ପାସ୍ ହାର ୯୯.୨୧%

**ସିବିଏସ୍‌ଇ ଦଶମ ରେଜଲ୍ଟ**

- ଦେଶରେ ୯୯.୦୪%
- ତ୍ରିଭେନ୍ଦ୍ରମ ରିଜିଅନରେ ସର୍ବାଧିକ ୯୯.୯୯% ପିଲା ପାସ୍
- ଭୁବନେଶ୍ୱର ରିଜିଅନ୍‌ରେ ପାସ୍ ହାର ୯୯.୬୨%

ଭୁବନେଶ୍ୱର,୩।୮(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି । ଚଳିତବର୍ଷ ରେକର୍ଡ ପାସ୍ ହାର ଅର୍ଥାତ୍ ୯୯.୦୪ ପ୍ରତିଶତ ହୋଇଛି । ୨୦,୯୭,୧୨୮ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୦,୭୬,୯୯୭ ଜଣ ପାସ୍ କରିଛନ୍ତି । ଛାତ୍ରଙ୍କଠାରୁ ଛାତ୍ରୀଙ୍କ ପାସ୍ ହାର ୦.୩୫ ପ୍ରତିଶତ ଅଧିକ ରହିଛି । ଛାତ୍ରୀଙ୍କ ପାସ୍ ହାର ୯୯.୨୪% ହୋଇଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୮.୮୯% । ୫୭,୮୨୪ ଜଣ ଛାତ୍ରୀଛାତ୍ର ୯୫%ରୁ ଅଧିକ ନମ୍ବର ରଖିଛନ୍ତି । ସେହିପରି ୨,୦୦,୯୬୨ ଛାତ୍ରୀଛାତ୍ର ୯୦ରୁ୯୫ ପ୍ରତିଶତ ମଧ୍ୟରେ ନମ୍ବର ରଖିଛନ୍ତି । ତେବେ କେନ୍ଦ୍ରୀୟ ବିଦ୍ୟାଳୟରେ ଶତ ପ୍ରତିଶତ ପିଲା ପାସ୍ କରିଥିବା ବେଳେ ନବୋଦୟ ସ୍କୁଲ୍‌ଗୁଡ଼ିକର ୯୯.୯୯% ପିଲା ପାସ୍ କରିଛନ୍ତି । ତ୍ରିଭେନ୍ଦ୍ରମ ରିଜିଅନରେ ସର୍ବାଧିକ ୯୯.୯୯% ପିଲା ପାସ୍ କରିଛନ୍ତି ।

ଅନ୍ୟପକ୍ଷରେ ଭୁବନେଶ୍ୱର ରିଜିଅନ୍‌ରେ ପାସ୍‌ହାର ୯୯.୬୨% ହୋଇଥିବା ବେଳେ ଓଡ଼ିଶାରେ ୯୯.୨୧% ପିଲା ପାସ୍ କରିଛନ୍ତି । ଓଡ଼ିଶାରେ ୪୩,୬୩୦ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲେ । ☞ପୃଷ୍ଠା-୨




# ମହାମାରୀ ବିଗାଡ଼ିଲା ମହିଳାଙ୍କ ନିଯୁକ୍ତି

**ସ୍ଥାୟୀ ଭାବେ ଶ୍ରମ ଶକ୍ତି ବାହାରେ ଚାକିରି ହରାଇଥିବା ୪୭% ମହିଳା**



ନୂଆଦିଲ୍ଲୀ, ୩।୮

କରୋନା ମହାମାରୀ ସାରା ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲିଦେଇଛି । ଏହା ବଜାର ବ୍ୟବସ୍ଥାକୁ କ୍ଷତିଗ୍ରସ୍ତ କରିଥିବାବେଳେ ଲକ୍‌ଡାଉନ ଯୋଗୁ କଳକାରଖାନା ଏବଂ ଦୋକାନ ବଜାର ତାଲା ଝୁଲିବା ଅବସ୍ଥାକୁ ଚାଲିଆସିଛି । ଅନେକଙ୍କୁ ଚାକିରି ହରାଇବାକୁ ପଡ଼ିଛି । ନୂଆଦିଲ୍ଲୀରେ ସାବିତ୍ରୀ ଦେବୀ (୪୪) ଏକ କପଡ଼ା କାରଖାନାରେ ଗତ ବର୍ଷ କାମ କରୁଥିଲେ । କରୋନା ମହାମାରୀ ଯୋଗୁ ଚାକିରି ଗଲା ପରେ ବର୍ତ୍ତମାନ ଯାଏ ସେ ନୂଆ ଚାକିରି ଖଣ୍ଡେ ପାଇବାକୁ ସକ୍ଷମ ହୋଇନାହାନ୍ତି । ବଜାର ଦୀର୍ଘଦିନ ଧରି ବନ୍ଦ ରହିବାରୁ ସେ କାମ କରୁଥିବା କମ୍ପାନୀ କ୍ଷତି ସହିଥିଲା । କମ୍ପାନୀରେ ତାଲା ପଡିବା ପରେ କେବଳ ସେ ନୁହନ୍ତି ତାଙ୍କ ସହ କାମ କରୁଥିବା ଅନେକ ଲୋକଙ୍କ ଚାକିରି ଚାଲିଯାଇଛି । ଘର ନିକଟସ୍ଥ ଓଖଲା ଶିଳ୍ପାଞ୍ଚଳରେ ଛୋଟଛୋଟ ୱାର୍କଶପ ଏବଂ ଫ୍ୟାକ୍ଟ୍ରିରେ ସାବିତ୍ରୀଙ୍କ ଭଳି ଅନେକ ଅଣକୁଶଳୀ ମହିଳା କାମ କରୁଥିଲେ । ହେଲେ ନୂଆ ଚାକିରି ଲାଗି ସେ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ତାଙ୍କୁ ମିଳିପାରୁନାହିଁ । ସାବିତ୍ରୀ ଦେବୀ କୁହନ୍ତି, କମ୍ ବେତନ ନେଇ କାମ କରିବାକୁ ପ୍ରସ୍ତୁତ ଅଛି, ମାତ୍ର କାମ ମିଳୁନାହିଁ । ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଯଦି ନିମନ୍ତ୍ରଣ କରାଯାଏ ତେବେ ମକ୍କଲ ନିଧି ମୟମ ଦଳ ଭାଜପା ବିରୋଧରେ ମେଣ୍ଟ ଗଠନ ପାଇଁ ବିରୋଧୀ ଦଳଗୁଡ଼ିକ ସହ ହାତ ମିଳାଇବ।"

–କମଲ ହାସନ, ଏମ୍‌ଏନ୍‌ଏମ୍ ସୁପ୍ରିମୋ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ନିଲୁଫର୍
ପରିବାରବର୍ଗ


ରଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୁସା ଯୋଜନାରେ ଓଡ଼ିଶାକୁ ମିଳିଛି ୩୯୫.୪୨ କୋଟି

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହନ ଦେବା ସହ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୦ ଜିଲାର ୧୬୧ ଶିକ୍ଷାନୁଷ୍ଠାନକୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଅଭିଯାନରେ ୩୯୫.୪୨ କୋଟି ଟଙ୍କା ଦିଆଯାଇଛି। ପାର୍ଲାମେଣ୍ଟରେ ଉଠାଯାଇଥିବା ଏ ସମ୍ପର୍କିତ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲିଖିତ ଉତ୍ତର ରଖିଛନ୍ତି। ଅନୁଗୋଳର ୫, ବଲାଙ୍ଗୀର ୪, ବାଲେଶ୍ୱର ୧୪, ବରଗଡ଼ରେ ୫, ବୌଦ୍ଧ ୨, ଭଦ୍ରକ ୪, କଟକ ୧୧, ଦେବଗଡ଼ ୨, ଢେଙ୍କାନାଳ ୬, ଗଜପତି ୪, ଗଞ୍ଜାମ ୧୦, ଜଗତ୍‌ସିଂହପୁର ୪, ଯାଜପୁର ୭, ଜୟପୁରରେ ଗୋଟିଏ, ଝାରସୁଗୁଡ଼ା ୪, କଳାହାଣ୍ଡି ୫, କନ୍ଧମାଳରେ ୪, କେନ୍ଦ୍ରାପଡ଼ା ୫, କେନ୍ଦୁଝର ୫, ଖୋର୍ଦ୍ଧା ୧୬, କୋରାପୁଟ ୪, ମାଲକାନଗିରି ୨, ମୟୂରଭଞ୍ଜ ୮, ନବରଙ୍ଗପୁର ଗୋଟିଏ, ନୟାଗଡ଼ ୪, ନୂଆପଡ଼ା ୩, ପୁରୀ ୫, ରାୟଗଡ଼ା ୩, ସମ୍ବଲପୁର ୬, ସୋନପୁର ୨, ସୁନ୍ଦରଗଡ଼ ଜିଲାରେ ଥିବା ୫ଟି ଶିକ୍ଷାନୁଷ୍ଠାନକୁ ରୁସା ଯୋଜନାରେ କେନ୍ଦ୍ରୀୟ ଅନୁଦାନ ଦିଆଯାଇଛି ବୋଲି ଧର୍ମେନ୍ଦ୍ର ଦର୍ଶାଇଛନ୍ତି।

# 'ଓଡ଼ିଶାରେ ତୃତୀୟ ଲହର ପ୍ରଭାବ କମ୍ ରହିବ'

**ଭୁବନେଶ୍ୱର,୩।୮(ବ୍ୟୁରୋ)**

କେରଳ, ମହାରାଷ୍ଟ୍ରରେ କରୋନା ସଂକ୍ରମଣ ଉପର ମୁହାଁ ହୋଇଛି। ଏହା ୩ୟ ଲହର ସଂକେତ ବୋଲି ଡିଏମ୍‌ଇଟି ସି.ବି.କେ. ମହାନ୍ତି କହିଛନ୍ତି। ଅଗଷ୍ଟରେ ୩ୟ ଲହର ଆସିବା ନେଇ ବିଶେଷଜ୍ଞ ଆକଳନ କରିଛନ୍ତି। ସେପ୍ଟେମ୍ବର ଓ ଅକ୍ଟୋବରରେ ଶୀର୍ଷକୁ ଯିବ ବୋଲି ଆକଳନ ହୋଇଛି। ତେବେ ଓଡ଼ିଶାରେ କରୋନା ଡାଉନ ୱାର୍ଡ ଟ୍ରେଣ୍ଡରେ ଅଛି। ତେଣୁ ୩ୟ ଲହର ପ୍ରଭାବ କମ୍ ରହିବ ବୋଲି ଡିଏମ୍‌ଇଟି କହିଛନ୍ତି। ସେପଟେ ଆମ ରାଜ୍ୟରେ ଡେଲ୍‌ଟା ଭାଇରସ୍ ସଂଖ୍ୟା ଅଧିକ ଥିଲେ ମଧ୍ୟ ସଂକ୍ରମଣ ହେଉନି ବୋଲି ସେ କହିଛନ୍ତି। ତେବେ ଓଡ଼ିଶାରେ ୧ ପ୍ରତିଶତ ତଳେ ଆର୍-ଭାଲ୍ୟୁ ରହିଥିବାରୁ ସଂକ୍ରମଣ କମିବାରେ ଲାଗିଛି ବୋଲି ଡିଏମ୍‌ଇଟି କହିଛନ୍ତି। ଡେଲ୍ଟା ଭାରିଆଣ୍ଟ ଯୋଗୁ ଭାରତରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ରୂପ ନେଇଥିଲା। ଏବେ ବି ଡେଲ୍‌ଟା ଭାରିଆଣ୍ଟ ପ୍ରଭାବୀ ରହିଛି। ମୋଟ ସଂକ୍ରମଣର ୮୦ ପ୍ରତିଶତ ଡେଲ୍‌ଟା ଭାଇରସ ଯୋଗୁ ହେଉଛି। ଏହା ହିଁ ତୃତୀୟ ଲହରର କାରଣ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରଜ ମିଶ୍ର କହିଛନ୍ତି। ଓଡ଼ିଶାରେ କରୋନା ସଂକ୍ରମଣ ତଳ ମୁହାଁ ହେଉଛି। ଗତ ୨୪ଘଣ୍ଟାରେ ଆଉ ୧,୧୨୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୧.୯%ରେ ପହଞ୍ଚିଛି। ସେହିପରି ରାଜ୍ୟରୁ ପୁଣି ୬୯ ଜଣ କରୋନା ରୋଗୀ ଆଖି ବୁଜିଛନ୍ତି।

# ରାଜ୍ୟରେ ୨୨% କମ୍ ବର୍ଷା

**ଭୁବନେଶ୍ୱର,୩।୮(ବ୍ୟୁରୋ)**

ଗତ କିଛି ଦିନ ହେବ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଉଭାନ ହୋଇଯାଇଛି। ଫଳରେ ୧୫ ଜିଲାରେ ଅବସ୍ଥା ସଙ୍ଗିନ ହେଲାଣି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଅଗଷ୍ଟ ୩ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୨୨ % କମ୍ ବର୍ଷା ହୋଇଛି। ଏହି ସମୟରେ ସମଗ୍ର ରାଜ୍ୟରେ ୫୯୯.୭ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୪୬୫.୯ ମିଲିମିଟର। ଜୁଲାଇରେ ସାଧାରଣତଃ ୨୫୪.୭ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୧୦୫.୫ ମିଲିମିଟର। ଅଗଷ୍ଟରେ ମଧ୍ୟ ପାଗ ଶୁଖିଲା ହେବା ଆଶଙ୍କା ବଢ଼ିଲାଣି।

ଆସନ୍ତା ସପ୍ତାହ ମଧ୍ୟରେ ଲଘୁଚାପ ହେବା ସୂଚନା ନ ଥିବାରୁ ରାଜ୍ୟରେ ପରିସ୍ଥିତି ଆହୁରି ବିଗିଡ଼ିବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି। ପାଣିପାଗ ବିଭାଗର ସୂଚନା ମୁତାବକ ଯାଜପୁର ଜିଲାରେ ସ୍ୱାଭାବିକଠାରୁ ୫୪ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଭଦ୍ରକରେ ୪୯, ବଲାଙ୍ଗୀର ୩୭, ଗଜପତି ୪୨, ଝାରସୁଗୁଡ଼ା ୩୦, କଳାହାଣ୍ଡି ୩୨,

**ମୌସୁମୀ ଉଭାନ**
- ୧୫ ଜିଲାରେ ସ୍ଥିତି ସଙ୍ଗିନ
- ଯାଜପୁରରେ ସ୍ୱାଭାବିକଠାରୁ ୫୪% କମ୍

କେନ୍ଦୁଝର ୩୪, ନବରଙ୍ଗପୁର ୩୪, ରାୟଗଡ଼ା ୩୦, ଅନୁଗୋଳ ୨୭, ବାଲେଶ୍ୱର ୨୧, ଦେବଗଡ଼ ୨୩, ଗଞ୍ଜାମ ୨୯, କନ୍ଧମାଳ ୨୧ ଏବଂ ସମ୍ବଲପୁରରେ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ଯଦି ଏଭଳି ଅବସ୍ଥା ଆଉ କିଛି ଦିନ ଜାରି ରହିବ ତେବେ ଉକ୍ତ ଜିଲାଗୁଡ଼ିକରେ ଉତ୍କଟ ଗଜା ମରୁଡ଼ି ଅବସ୍ଥା ସୃଷ୍ଟି ହେବା ଏକପ୍ରକାର ନିଶ୍ଚିତ। ଚଳିତ ବର୍ଷ ରାଜ୍ୟରେ ୬୧.୯୬ ଲକ୍ଷ ହେକ୍ଟର ଜମିରେ ଖରିଫ ଫସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ମାତ୍ର ୩୦ ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୦ ଏହି ସମୟ ବେଳକୁ ରାଜ୍ୟରେ ୩୫.୪୭ ଲକ୍ଷ ହେକ୍ଟର ଜମିରେ ଖରିଫ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୧-୨୨ ଖରିଫ ଋତୁରେ ୩୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିରୁ ମାତ୍ର ୧୫.୩୯ ଲକ୍ଷ ହେକ୍ଟରରେ ଚାଷ ଆରମ୍ଭ ହୋଇଛି। ଗତ ବର୍ଷ ଏହି ସମୟରେ ୨୦.୬୧ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ବର୍ଷା ଅଭାବରୁ ରାଜ୍ୟର ଅଧା ଜିଲାରେ ଏ ପର୍ଯ୍ୟନ୍ତ ତଳି ରୁଆ ହୋଇପାରି ନାହିଁ। ଧାନ ତଳି ହଳଦିଆ ପଡ଼ିଯିବା ସହିତ ପାଣି ଅଭାବରୁ ରୁଆ ବେଉଷଣ କାମ ଆରମ୍ଭ ହୋଇ ନାହିଁ ବୋଲି ଯାଜପୁର ସଦର ବ୍ଲକ ଇନ୍ଦାରୋଇ ଗ୍ରାମର ଚାଷୀ ପାଣ୍ଡବ ଚରଣ ଜେନା କହିଛନ୍ତି।

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ବର୍ଷା ଯୋଗୁ ଡିପ ଜମିରେ ଧାନ ଚାଷ ପ୍ରଭାବିତ ହେବ। ରୁଆ ବେଉଷଣ ପାଇଁ ୩୦୦ ମିଲିମିଟର ପାଣିର ଆବଶ୍ୟକତା ରହିଛି। ବର୍ଷା ଅଭାବରୁ ତାହା ପୂରଣ ହୋଇପାରୁ ନାହିଁ। ଫଳରେ ଧାନ ଯେତିକି ଅମଳ ହେବା କଥା ହେବ ନାହିଁ। ଅଗଷ୍ଟ ମାସରେ ଯଦି ବର୍ଷା ଭଲ ନ ହେବ ତେବେ ଖରିଫ ଶସ୍ୟ ଉତ୍ପାଦନରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ପାସ୍ ହାର...

ସେମାନଙ୍କ ମଧ୍ୟରୁ ୪୩,୨୮୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ରିଜିଅନ୍‌ରେ ଓଡ଼ିଶା ସମେତ ଛତିଶଗଡ଼ ଓ ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ। ସେହିପରି ବେଙ୍ଗାଲୁରୁ ରିଜିଅନ୍‌ରେ ୯୯.୯୬%, ଚେନ୍ନାଇ ୯୯.୯୪%, ପୁଣେ ୯୯.୯୨%, ଅଜମେର ୯୯.୮୮%, ପଞ୍ଚକୁଲା ୯୯.୭୭%, ପାଟଣା ୯୯.୬୬%, ଭୋପାଳ ୯୯.୪୭%, ଚଣ୍ଡିଗଡ଼ ୯୯.୪୬%, ଡେରାଡୁନ ୯୯.୨୩%, ପ୍ରୟାଗରାଜ ୯୯.୧୯%, ନୋଏଡ଼ା ୯୮.୭୮%, ପଶ୍ଚିମ ଦିଲ୍ଲୀ ୯୮.୭୮%, ପୂର୍ବଦିଲ୍ଲୀ ୯୭.୮୦% ଏବଂ ଗୌହାଟୀ ରିଜିଅନ୍‌ରେ ୯୦.୫୪% ପାସ୍‌ହାର ରହିଛି।

ମଙ୍ଗଳବାର ୨୦,୯୭,୧୨୮ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଘୋଷଣା ହୋଇଥିବା ବେଳେ ଆଉ ୧୬,୬୩୯ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଏହି ୧୬,୬୩୯ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ନିମନ୍ତେ ପ୍ରକ୍ରିୟା ଜାରି ରହିଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ୩୬,୮୪୧ଜଣ ପ୍ରାଇଭେଟ୍ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ପାଇନାହିଁ। ଏମାନଙ୍କ ପୂର୍ବ ପରୀକ୍ଷାର କୌଣସି ଠିକ୍ ତଥ୍ୟ ମିଳି ନ ଥିବାରୁ ମୂଲ୍ୟାୟନ କରିବା ଅସମ୍ଭବ ଥିଲା। ତେଣୁ ଏହି ପିଲାଙ୍କର ପରୀକ୍ଷା ହେବ। ଏମାନଙ୍କ ପରୀକ୍ଷା ଆସନ୍ତା ୧୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ରେ ଶେଷ ହେବ।

ସୂଚନାଯୋଗ୍ୟ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ମେ' ୪ରେ ଆରମ୍ଭ ହେବାକୁ ଥିବା ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ବାତିଲ କରାଯାଇଥିଲା। ଏହାପରେ ବୋର୍ଡ ଦ୍ୱାରା ଗଠିତ ୧୩ ଜଣିଆ ପ୍ୟାନେଲ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟାୟନ ନୀତି ଆଧାରରେ ଫଳ ପ୍ରକାଶ ପାଇଛି। ପରେ ବୋର୍ଡ ଦ୍ୱାରା ବିକଶିତ ଏକ ଅବଜେକ୍ଟିଭ୍ ମାନଦଣ୍ଡ ଆଧାରରେ ଫଳାଫଳ ଘୋଷଣା କରାଯାଇଛି। ଦଶମ ଶ୍ରେଣୀ ରେଜଲ୍ଟ http://cbseresults.nic.in ଓ http://cbse.gov.inରେ ଉପଲବ୍ଧ କରାଯାଇଛି। ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଡିଜିଲକର ୱେବସାଇଟ୍ digilocker.gov.inକୁ ଲଗ୍ ଇନ୍ କରି ମଧ୍ୟ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ଏଥିସହ ମାର୍କଶିଟ୍ ଓ ସାର୍ଟିଫିକେଟ୍ ମଧ୍ୟ ପାଇପାରିବେ। ତେବେ ଯେଉଁମାନେ ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ନୁହନ୍ତି, ସେମାନେ ଅଫ୍‌ଲାଇନ ଜରିଆରେ ପରୀକ୍ଷା ଦେଇ ପାରିବେ। କରୋନା ସ୍ଥିତି ସୁଧୁରିବା ପରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ରୋଜ୍ ଭ୍ୟାଲି ଓଡ଼ିଶା...

ପଠାଇ ଦିଆଯାଇଥିବା ଓପିଆଇଡି କୋର୍ଟର ସ୍ୱତନ୍ତ୍ର ସରକାରୀ ଓକିଲ ସୁଲଳିତ କର ସୂଚନା ଦେଇଛନ୍ତି। ରୋଜ୍‌ଭ୍ୟାଲି ନାମରେ ଏକ ଚିଟ୍ ଫଣ୍ଡ ସଂସ୍ଥା ଜମାକାରୀଙ୍କୁ ଅଧିକ ଲାଭ ଦେବାର ଲୋଭ ଦେଖାଇ ଓଡ଼ିଶାରୁ ୬କୋଟିରୁ ଅଧିକ ଟଙ୍କା ଠକିଥିବା ନେଇ ୨୦୧୩ ମେ ୧୦ରେ ବାଲେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ରୋଜ୍‌ଭ୍ୟାଲି ଓଡ଼ିଶା ମୁଖ୍ୟ ବିକ୍ରମଜିତ୍ ଭୌମିକଙ୍କ ସମେତ ବହୁ ଲୋକଙ୍କ ନାମରେ ଆଇପିସି ଦଫା ୪୨୦, ୧୨୦(ବି),/୩୪ ଏବଂ ପ୍ରାଇଜ୍ ଚିଟ୍ସ ଆଣ୍ଡ ମନି ସର୍କୁଲେଶନ ସ୍କିମ୍(ନିଷେଦ୍ଧ) ଆକ୍ଟ ଦଫା ୪, ୫, ୬ରେ ଏକ ମାମଲା (ନଂ. ୧୫/୨୦୧୩) ରୁଜୁ କରାଯାଇଥିଲା। ପରେ ଉକ୍ତ ମାମଲାର ତଦନ୍ତ ଭାର ୨୮।୫।୨୦୧୩ରେ ଭୁବନେଶ୍ୱର ଇଓଡବ୍ଲ୍ୟୁ ନେଇଥିଲା। ମାମଲାର ତଦନ୍ତ ସମୟରେ ପୂର୍ବରୁ ରୋଜ୍‌ଭ୍ୟାଲି ଚେୟାରମ୍ୟାନ୍ ଗୌତମ କୁଣ୍ଡୁ ଏବଂ ପରିଚାଳନା ସଦସ୍ୟ ଶିବମୟ ଦତ୍ତଙ୍କ ସମେତ ୩ଜଣ ଗିରଫ ହୋଇସାରିଥିବାବେଳେ ଭୌମିକ ଫେରାର ଥିଲେ। ତାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିଲା। ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ମହାମାରୀ ବିଗାଡ଼ିଲା...

ପ୍ରାୟ ୧୦୦ ପରିବାର ସହ ଏକ ବସ୍ତିରେ ସେ ରହୁଛନ୍ତି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟଠାରୁ ମାତ୍ର କିଛି କି.ମି. ଦୂରରେ ରହିଛି। କରୋନା ଯୋଗୁ ସାବିତ୍ରୀ ଦେବୀଙ୍କ ଭଳି ପ୍ରାୟ ୧୫ ନିୟୁତ ଭାରତୀୟ ବର୍ତ୍ତମାନ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ମହିଳାଙ୍କ ସମସ୍ୟା ବର୍ତ୍ତମାନ କାହିଁ କେତେ ଗୁଣରେ ବଢ଼ିଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଭାରତରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନେ ବିଶେଷ ଭାବେ କୁଶଳୀ ନୁହନ୍ତି। ଘରୋଇ ସହାୟକ, କୃଷିକ୍ଷେତ୍ର ଓ ଶିଳ୍ପସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ଥିବା ମହିଳା ବର୍ତ୍ତମାନ ନିଯୁକ୍ତିରେ ସମସ୍ୟା ସାମ୍ନା କରୁଛନ୍ତି। ବଜାରର ସୁଧାର ପ୍ରକ୍ରିୟା ମନ୍ଥର ରହିଥିବାରୁ ଶିଳ୍ପସଂସ୍ଥା ସବୁ ଖୋଲିବାକୁ ସମୟ ଲାଗୁଛି। ସେହିଭଳି ଟିକାକରଣ ଧୀମା ଗତିରେ ଚାଲୁଛି, ଯାହା ବଜାରକୁ ପ୍ରଭାବିତ କରିଛି। ଏଭଳି ବିଭିନ୍ନ କାରଣ ପାଇଁ ମହିଳାମାନଙ୍କ ଶ୍ରମଶକ୍ତିକୁ ପ୍ରତ୍ୟାବର୍ତ୍ତନରେ ବାଧା ଉପୁଜିଛି।

### ଚାକିରି ହ୍ରାସ ଅନୁମାନ ଲଗାଇବା କଷ୍ଟକର

ଗତ ଦଶନ୍ଧିରେ ମହିଳାମାନେ ଯେଉଁ ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ଲାଭ କରିଥିଲେ ତାହା କୋଭିଡ୍-୧୯ ଧୋଇଦେଲା ବୋଲି ସର୍ବଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସର ସାଧାରଣ ସମ୍ପାଦକ ଅମରଜିତ କୌର କହିଛନ୍ତି। ସେହିଭଳି ଭାରତ ବର୍ତ୍ତମାନ ୭୦ ବର୍ଷର ସବୁଠାରୁ ବଡ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅଧିକାଂଶ ଭାରତୀୟ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଛନ୍ତି। ଫଳରେ କେତେ ଲୋକଙ୍କ ନିଯୁକ୍ତି ଯାଇଛି ତାହା ଅନୁମାନ ଲଗାଇବା ଏକ ପକ୍ଷରେ କଷ୍ଟକର।

### ଛୋଟ ସଂସ୍ଥାର ମହିଳା ଶ୍ରମିକ ବେଶି କ୍ଷତିଗ୍ରସ୍ତ

ପ୍ରାୟ ୧୦ ଲକ୍ଷ କ୍ଷୁଦ୍ର ବାଣିଜ୍ୟିକ ସଂସ୍ଥାର ସଂଘ କନ୍‌ସୋର୍ଟିୟମ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ (ସିଆଇଏ) ଡାଟା ମୁତାବକ, କରୋନାରେ ଯେତେ ପରିମାଣର ନିଯୁକ୍ତି ଯାଇଛି ତା'ର ୬୦% ଅଂଶ ମହିଳା। ଅଜୀମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ସଷ୍ଟେନେବଲ ଏମ୍ପ୍ଲୟମେଣ୍ଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଦ୍ୱିତୀୟ ଲହର ଆସିବା ଆଗରୁ ନିଯୁକ୍ତି ହରାଇଥିବା ୪୭% ମହିଳା ବର୍ତ୍ତମାନ ନିକ୍ଷେପିତ ଅବସ୍ଥାରେ ରହିଛନ୍ତି। ଏମାନେ ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଦରକାରୀ ହୋଇ ପଡିଛନ୍ତି। କେବଳ ୭% ପୁରୁଷ ସେମାନଙ୍କ ନିଯୁକ୍ତି ଫେରିପାଇଛନ୍ତି। ନ୍ୟୁଜ ଏଜେନ୍ସି ରଏଟର୍ସ ପକ୍ଷରୁ ନୂଆଦିଲ୍ଲୀ,ଗୁଜରାଟ ଏବଂ ତାମିଲନାଡୁ ଭଳି ସ୍ଥାନର ମହିଳାଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଛୋଟ ଫ୍ୟାକ୍ଟ୍ରି, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ଟ୍ରାଭେଲ ଏଜେନ୍ସି, ସ୍କୁଲ ଏବଂ ଅନ୍ୟ କ୍ଷୁଦ୍ର ସଂସ୍ଥାଗୁଡିକରେ କାମ କରୁଥିବା ମହିଳା ବିଶେଷ ଭାବେ ନିଯୁକ୍ତି ହରାଇଥିବା କହିଛନ୍ତି।

### ସ୍ଥିତି ସୁଧୁରିବାକୁ ସମୟ ଲାଗିପାରେ

କାମ ନ ଥିବାରୁ ଦୈନନ୍ଦିନ ବ୍ୟବହାରରେ ହେଉଥିବା ଖର୍ଚ୍ଚ କମାଇବାକୁ ପଡୁଛି ବୋଲି ଅଧିକାଂଶ ମହିଳା କହିଛନ୍ତି। ଏହା ଉପରେ ସ୍ୱାସ୍ଥ୍ୟ ସମସ୍ୟା ବୋଝ ଉପରେ ନଳିତାବିଡ଼ା ହୋଇଛି। ବର୍ତ୍ତମାନ ଶିଳ୍ପ ପାଇଁ କଞ୍ଚାମାଲ ବୃଦ୍ଧି ଏକ ସମସ୍ୟା ଭାବେ ଉଭା ହୋଇଛି। ସେହିଭଳି ବଜାର ଚାହିଦା ନ ଥିବାରୁ ଶିଳ୍ପ ୟୁନିଟଗୁଡ଼ିକ ବନ୍ଦ ହୋଇପଡିଛି। ଫଳରେ ସେହି ସ୍ଥାନରେ ପୁଣି ଥରେ କାମ ଫେରିପାଇବା କଷ୍ଟକର ହେଉଥିବା ମହିଳାମାନେ କହିଛନ୍ତି। ଅଧିକାଂଶ ମହିଳା ଅଣ ସଙ୍ଗଠିତ କ୍ଷେତ୍ରରେ କାମ କରୁଛନ୍ତି। ବଜାର ସ୍ୱାଭାବିକ ହେବାକୁ ସମୟ ଲାଗିବ। ଏହାକୁ ଦେଖିଲେ ନିଯୁକ୍ତି ହରାଇଥିବା ମହିଳା ପୁଣି ଥରେ କାର୍ଯ୍ୟ କ୍ଷେତ୍ରକୁ ଫେରିବାକୁ ୨ରୁ ୩ ବର୍ଷ ସମୟ ଲାଗିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେ କରିଥାଉ ଠକର ଠକର**
**କେତେ ଗାଉଥାଉ ଗୀତ**
**ଯେତେ ପରକାରେ ଭୁଲାଇ କହିଲେ**
**ନ ଭୁଲିବ ମୋର ଚିତ୍ତ।**

କଟୁ କଥା ମନରେ ଆଘାତ ଦେଇଥାଏ। ମନ ଥରେ ଭାଙ୍ଗିଗଲେ ପରେ ଯେତେ କଅଁଳ କଥା କହିଲେ ବି ମନ ଆଉ ବା ବଦଳିବା ବା ଯୋଡ଼ିବା ସମ୍ଭବପର ହୋଇ ନ ଥାଏ। ତେଣୁ ଟାଣ କଥା କହି କାହାରି ମନରେ ଆଘାତ ନ ଦେବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସଭାସମିତିରେ ସୀମା ଭିତରେ ନ ରହିଲେ ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ। ଅ-ନାମାକ୍ଷର ବ୍ୟକ୍ତିମାନେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବା ସହିତ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି।

**ବୃଷ**
ଆଜି ସବୁ କାମ ସୁଗମ ହେବ। ବିଭିନ୍ନ ଦିଗରେ ପ୍ରଶଂସା ଓ ପ୍ରୋତ୍ସାହନ ମନୋବଳ ବୃଦ୍ଧି କରିବ। ଆନୁଷ୍ଠାନିକ କ୍ଷେତ୍ରରେ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟରେ ସୁଫଳ ପାଇବେ।

**ମିଥୁନ**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ, ତଥାପି ଆପଣଙ୍କର କୌଣସି ଅସୁବିଧା ହେବନାହିଁ। ଘ-ନାମାକ୍ଷର ବ୍ୟକ୍ତିଙ୍କ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନ ଚାହିଁ ମଧ୍ୟ ମନକଥା ବନ୍ଧୁଙ୍କ ନିକଟରେ ପ୍ରକାଶ କରିଦେବେ।

**କର୍କଟ**
ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେବେ, ଯାହା ପାଇଁ ଆପଣଙ୍କୁ ଅନୁତାପ କରିବାକୁ ପଡିବ। ଡ-ନାମାକ୍ଷର ବ୍ୟକ୍ତି କଳହ ଲାଗିଥିବା ବସ୍ତୁଟି ପ୍ରତି ସତର୍କ ରହନ୍ତୁ। ଗତକାଲି ଯେଉଁଥି ପାଇଁ ଚିନ୍ତା କରୁଥିଲେ ଆଜି ତାହା ସୁବିଧାରେ ପାଇଯିବେ। ନିର୍ମାଣ, ଯୋଗାଯୋଗ, ଆଲୋଚନା ଓ ସଭାସମିତି ପ୍ରଭୃତି ସହଜରେ ସମ୍ପନ୍ନ କରିବେ।

**ସିଂହ**
ଆଜି ପୂର୍ବ ସ୍ଥିରୀକୃତ କୌଣସି ନୂତନ ଯୋଜନା ବନ୍ଧୁଙ୍କ ସହଯୋଗରେ ଆରମ୍ଭ କରି ପାରନ୍ତି। କୌଣସି ବିବାଦୀୟ ଆଲୋଚନା ସହଯୋଗ ଅଭାବରୁ ମଉଳିଯାଇପାରେ। ମ-ନାମାକ୍ଷର ବ୍ୟକ୍ତିମାନେ ସାମାଜିକ ସ୍ତରରେ ଜାଣିଶୁଣି ନୀରବ ରହିବାକୁ ପସନ୍ଦ କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡି ପାରନ୍ତି।

**କନ୍ୟା**
ପୂ-ନାମାକ୍ଷର ବ୍ୟକ୍ତିମାନେ ସନ୍ଦେହୀ ମନୋଭାବ ହେତୁ ସମାଜରେ ସମାଲୋଚିତ ହେବେ। ଆପଣ ଅଧିକାଂଶ ସମୟ ଅନ୍ୟମନସ୍କ ରହିବା ଅନ୍ୟମାନଙ୍କର ଦୃଷ୍ଟିକୋଣକୁ ବଦଳାଇଦେଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ବ୍ୟକ୍ତିଗତ ଫାଇଦା ହାସଲ କରିପାରନ୍ତି। ଅପରାହ୍ନରେ ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବାର ସମ୍ଭାବନା ରହିଛି।

**ତୁଳା**
ତ-ନାମାକ୍ଷର ବ୍ୟକ୍ତିଙ୍କର କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରିବ। ବିବାଦୀୟ କ୍ଷେତ୍ରରେ କୌଶଳକ୍ରମେ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ। କୌଣସି ଘଟଣା ମନକୁ ବିବ୍ରତ କରିପାରେ କିନ୍ତୁ କୌଣସି ବିଶେଷ ଅସୁବିଧା ହେବନାହିଁ।

**ବିଛା**
ଆଶା ନିରାଶାରେ ପରିଣତ ହେବା କାରଣରୁ ସବୁକଥାକୁ ନାସ୍ତିସୂଚକ ଦୃଷ୍ଟିରେ ଦେଖିପାରନ୍ତି। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ ହୋଇଯିବ। ସାଂସ୍କୃତିକ କ୍ଷେତ୍ରରେ ତଥା କଳା ସାହିତ୍ୟରେ ସମସ୍ୟା ସମାଧାନ ଆଶା ରହିଛି। ନ-ନାମାକ୍ଷର ବ୍ୟକ୍ତି ଆଜି କୌଣସି ପ୍ରକାରେ ବନ୍ଧୁଙ୍କର ଦେଖା ପାଇବେ ନାହିଁ।

**ଧନୁ**
ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସଫଳ ହେବ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଭ-ନାମାକ୍ଷର ବ୍ୟକ୍ତିମାନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ସହକର୍ମୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ହଠାତ୍ କୌଣସି ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଖ-ନାମାକ୍ଷର ବ୍ୟକ୍ତିମାନେ ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବାରେ ସଫଳ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ଲାଭକରି ଭ୍ରମଣ ସୁଯୋଗ ପାଇବାରୁ ଖୁସି ହୋଇପାରନ୍ତି।

**କୁମ୍ଭ**
କାମ ହାସଲ ସକାଶେ ବନ୍ଧୁଟିଏ ସାହାଯ୍ୟ କରିବାକୁ ନେହୁରା ହୋଇପାରେ। ବିବାଦୀୟ ପରିସ୍ଥିତି ଉପୁଜିବାରୁ ପରିବାର ପ୍ରତି କୌଣସି ମନ୍ତବ୍ୟ ଦେଇ ନ ପାରନ୍ତି। ଅଧସ୍ତନ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ଶ-ନାମାକ୍ଷର ବ୍ୟକ୍ତିମାନଙ୍କୁ ଆଜି ଦିନଟିରେ ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ।

**ମୀନ**
ଚ-ନାମାକ୍ଷର ବ୍ୟକ୍ତିମାନେ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ମାତ୍ର ସାମାଜିକ ସ୍ତରରେ ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।


# classifieds Everyday
0674-2580101, 2549302




**BRIDE WANTED**

Handsome Boy Government Bank manager, B.Tech, 32+ Suhag. 7978399083, 9090486408. D-21246

ଭୁବନେଶ୍ୱର ବାସିନ୍ଦା, ସ୍ଥାନୀୟ Companyରେ କାର୍ଯ୍ୟରତ ବ୍ରାହ୍ମଣ MBA, ମଘା ସିଂହ ରାଶି, 5'11" ପାତ୍ର ପାଇଁ ଯୌତୁକ ବିହୀନ, ପତଳା, ସୁନ୍ଦର, ସଂସ୍କାରୀ ଝିଅ (30-32 ବର୍ଷ ଭିତରେ) ଆବଶ୍ୟକ। ଯୋଗାଯୋଗ କରନ୍ତୁ। Ph. No- 8763333731. D-21199

Brahmin groom 53Yrs., 5ft.3 inch, Central Govt. Service, caste no bar, widow and divorced allowed. Mob: 9008374112. D-21236

**GROOM WANTED**

49 ବୟସ୍କା 10th qualified ଅବିବାହିତା ଅନାଥ Govt. ଚାକିରିଆ ବାରିକ ଝିଅଙ୍କୁ any caste ପୁଅ ଦରକାର। 7381460017. D-21224

45 ବୟସ୍କା divorced Karan ନିଃସନ୍ତାନ ସରକାରୀ ଚାକିରି କରୁଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଯୋଗାଯୋଗ: 8763709841. D-21226

Karan girl 1986, Ph.D. Biotechnology, father Retd. Sr. Specialist. 9853366347. D-21247




**SALE**

NH-5 Pitapalli ଛକରେ electricity, boundary wall ଥାଇ BDA plot ମିଳୁଅଛି। Contact- 9800700664, 8917697736. D-21237

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ Boundarywall, Electricity with 30ft. road sqft.-700/-ରେ ମିଳୁଛି। 7008045582, 7749800648.** D-21248

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**Flats for sale (Near Sum Hospital) 3BHK (48lakh) negotiable 2BHK (38lakh). Contact No.- 8249766347, 9779577536.** D-21241

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**କଟକ - ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Biggest commercial Hub (Grand Bazar) ସମ୍ମୁଖ NH-16ରୁ ଅଳ୍ପଦୂରରେ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 9078699286.** D-70880

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner- 9437011120. D-70881

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882




Swarna SPA newly open positively health benefits with expert therapist. 9556978408. D-70595

**AFFIDAVIT**

I, Protim Debnath changed my name to Protim Roy vide affidavit dated 26.07.2021 sworn before Notary Janmejaya Rautray. D-21242

**LEGAL NOTICE**

ମୁଁ ପୂର୍ଣ୍ଣବାସୀ ନାୟକ, ସ୍ୱା- ସନ୍ତୋଷ ନାୟକ, ଗ୍ରାମ/ପୋଷ୍ଟ- ତାକରଡ଼ା, ତହସିଲ- ଶେରଗଡ଼, ଜି- ଗଞ୍ଜାମ ଜଣାଉଛି କି ତାକରଡ଼ା ମୌଜାରେ ୪୫୫ ନଂ. ଖତିଆନରେ ଥିବା ଜମି ଯଶୋଦା ନାୟକ, ସନ୍ତୋଷ ନାୟକ ଓ ନବୀନ ନାୟକ ପି-ଭରତଙ୍କ ନାମରେ ଅଛି। ଉକ୍ତ ଜମି ବିକ୍ରିହେବ। ଏହି ଖତିଆନରେ ଥିବା ମୋର ସ୍ୱାମୀ- ସନ୍ତୋଷ ନାୟକ ୨୦ବର୍ଷ ହେବ କେଉଁଆଡେ ଚାଲି ଯାଇଛନ୍ତି। ଯଦି ସେ ଜୀବିତ ତେବେ ନିଜର ଆପତ୍ତି ଶେରଗଡ଼ ତହସିଲରେ ୧୫ ଦିନ ମଧ୍ୟରେ ଜଣା କରନ୍ତୁ।

ପୂର୍ଣ୍ଣବାସୀ ନାୟକ,
ତାକରଡ଼ା
ଧ-୨୧୨୪୫

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୯୯,୦୦,୪୨୪ | ୪୨,୫୪,୧୫୨ | ୧୮,୦୩,୦୭,୧୯୫ |
| ଭାରତ | ୩,୧୭,୩୨,୭୦୩ | ୪,୨୫,୩୮୮ | ୩,୦୮,୯୬,୩୫୪ |
| ଓଡ଼ିଶା | ୯,୮୦,୮୬୬ | ୬୧୦୨(+୫୩) | ୯,୬୨,୦୮୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପୁରୁଷ ହକି ଦଳର ମନୋବଳ ବଢ଼ାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୮(ବ୍ୟୁରୋ)



### ଆଗାମୀ ଦିନ ପାଇଁ ଶୁଭେଚ୍ଛା ଜଣାଇଲେ

ଟୋକିଓ ଅଲିମ୍ପିକ୍ସ ସେମିଫାଇନାଲରେ ଭାରତୀୟ ପୁରୁଷ ହକି ଦଳ ବେଲଜିୟମଠାରୁ ୨-୫ ଗୋଲରେ ପରାସ୍ତ ହୋଇଛି। ହାରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ହକି ଟିମ୍‌ର ମନୋବଳ ବଢ଼ାଇଛନ୍ତି। ସେମିରେ ବିଶ୍ୱ ଚାମ୍ପିୟନ ବେଲଜିୟମ ସହ ହୋଇଥିବା କଡ଼ା ଟକ୍କରରେ ଖୁବ୍ ସାହସିକତାର ସହ ଭାରତୀୟ ଟିମ୍ ପ୍ରଦର୍ଶନ କରିଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ଖେଳପ୍ରେମୀଙ୍କୁ ଭାରତୀୟ ହକି ଟିମ୍‌ର ଏହି ପ୍ରୟାସ ଖୁବ୍ ଉତ୍ସାହିତ କରିଛି। ସେମିରେ ହାରିବା ପରେ ଏବେ ବ୍ରୋଞ୍ଜ ପଦକ ପାଇଁ ଖେଳିବ ଟିମ୍ ଇଣ୍ଡିଆ। ସେଥିପାଇଁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୮ରୁ ଓଡ଼ିଶା ଭାରତୀୟ ହକି ଟିମ୍ ପ୍ରାୟୋଜକ ଅଛି । ହକି ପାଇଁ ଓଡ଼ିଶାର ଅବଦାନ ମଧ୍ୟ ଅନନ୍ୟ । ଓଡ଼ିଶାରୁ ପୁରୁଷ ହକି ଟିମ୍‌ରେ ଉପଅଧିନାୟକ ବୀରେନ୍ଦ୍ର ଲାକ୍ରା ଥିବା ବେଳେ ମହିଳା ଟିମ୍‌ରେ ଦୀପ୍ ଗ୍ରେସ୍ ଏକ୍କା ଅଛନ୍ତି।

# ୨ୟ, ୪ର୍ଥ ଶନିବାର ସରକାରୀ କାର୍ଯ୍ୟାଳୟ ବନ୍ଦ

ଭୁବନେଶ୍ୱର, ୩।୮(ବ୍ୟୁରୋ

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ଏବଂ ସବ୍ ଅର୍ଡିନେଟ ଅଫିସ୍ ସମ୍ପୂର୍ଣ୍ଣ ଉପସ୍ଥାନରେ ଚାଲିବ। ଯେପର୍ଯ୍ୟନ୍ତ ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନ କରାଯାଇଛି ଏହି ନିୟମରେ ପରିବର୍ତ୍ତନ ହେବ ନାହିଁ। ସବୁ ସରକାରୀ କାର୍ଯ୍ୟାଳୟ ଏବେଠାରୁ ୨ୟ ଏବଂ ୪ର୍ଥ ଶନିବାର ବନ୍ଦ ରହିବ। କୋଭିଡ୍ ଟିକା ନେଇସାରିଥିବା ସମସ୍ତ କର୍ମଚାରୀ ଅଫିସ କାର୍ଯ୍ୟରେ ଯୋଗଦେବା ବାଧ୍ୟତାମୂଳକ। ଭାକ୍ସିନ ନେଇ ନ ଥିବା କର୍ମଚାରୀଙ୍କୁ ଯୋଗଦେବାକୁ ଅନୁମତି ମିଳିବନାହିଁ।

# ଧରାପଡ଼ିଲା ଓଟିଇଟି ପ୍ରମାଣପତ୍ର ଜାଲିଆତି

ଯାଜପୁର ଅଫିସ,୩।୮

ରାଜ୍ୟର କୋଣ ଅନୁକୋଣରେ ପୂର୍ବରୁ ନକଲି ବିଏଡ୍/ସିଟି ଡିଗ୍ରୀଧାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ରହସ୍ୟ ଉନ୍ମୋଚନ ହୋଇ ଥିବାବେଳେ ଏବେ ପୁଣି ଓଟିଇଟି(ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ)ପ୍ରମାଣପତ୍ର ଜାଲିଆତି ଧରାପଡ଼ିଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟ ଆଧାରରେ ଏହା ସ୍ପଷ୍ଟ ହୋଇଛି। ଆର୍‌ଟିଆଇ କର୍ମୀ ଭଦ୍ରକ ଜିଲାର ଅଭିମନ୍ୟୁ ବାରିକ ନକଲି ଓଟିଇଟି ଡିଗ୍ରୀଧାରୀ ଜଣେ ଶିକ୍ଷକଙ୍କ ନାମରେ ୧୯।୩।୨୦୨୧ରେ ଯାଜପୁର ଜିଲା ଶିକ୍ଷାଧିକାରୀ ଏବଂ ୯।୬।୨୦୨୧ରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ସତ୍ୟବ୍ରତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ନୀତିରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ତଦନ୍ତରେ ୩ଜଣ ଶିକ୍ଷକ ଜାଲ୍ ଓଟିଇଟି ପ୍ରମାଣପତ୍ର (ସାର୍ଟିଫିକେଟ)ଦାଖଲ କରି ଇନକ୍ରିମେଣ୍ଟ ସୁବିଧା ପାଇଥିବା ଜଣାପଡ଼ିଛି। ୨୭।୭।୨୦୨୧ରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବଡ଼ଚଣା ବିଇଓ (ବ୍ଲକ ଏଜୁକେଶନ ଅଫିସର)ଙ୍କୁ ସମ୍ପୃକ୍ତ ଶିକ୍ଷକମାନଙ୍କ ବିରୋଧରେ ମାସକ ମଧ୍ୟରେ କାରଣ ଦର୍ଶାଅ ନୋଟିସ

### ଡିଇଇର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ର ଯୁଗ୍ମ ନିର୍ଦ୍ଦେଶକ ଓ ନୋଡାଲ ଅଫିସର ତାଙ୍କ ପତ୍ରସଂଖ୍ୟା ୧୨୨୨୫/୨୯।୬।୨୦୨୧ରେ ଯାଜପୁର ଜିଲା ଶିକ୍ଷାଧିକାରୀ ଓ ବଡ଼ଚଣା ବିଇଓଙ୍କୁ ପ୍ରମାଣପତ୍ର, ମାର୍କଶିଟ ଆଦି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦାଖଲ କରିଥିବା ପ୍ରମାଣିତ ହେଲେ ଓସିଏସ୍(ସିସିଏ)ନିୟମ-୧୯୬୨ ଅନୁସାରେ ଚାକିରିରୁ ବହିଷ୍କାର କରିବା ସହ ସ୍ଥାନୀୟ ପୋଲିସ ଷ୍ଟେଶନରେ ଏଫଆଇଆର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସ୍କୁଲ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୨୦୭୧୦/୩୦।୧୧।୨୦୧୫, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ପତ୍ରସଂଖ୍ୟା ୬୯୨୮/୧୮।୪।୨୦୧୬, ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ବି.ଏନ୍. ପ୍ରଧାନ ତାଙ୍କ ପତ୍ରସଂଖ୍ୟା ୧୭୦୯୯/୨୬।୮।୨୦୧୬ରେ ନକଲି ଶିକ୍ଷକଙ୍କ ପ୍ରମାଣପତ୍ର ଆଦି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିସବୁ ନିର୍ଦ୍ଦେଶ ନାଲିଫିତା ତଳେ ଚାପିହୋଇ ରହିଛି। ସେହିପରି ଡିଇଇଙ୍କ ପକ୍ଷରୁ ୩୦୪୫୯/୩।୧୨।୨୦୧୯, ୩୨୨୫୯/୨୦।୧୨।୨୦୧୯, ୨୦୮୪/୨୨।୧।୨୦୨୦ ଏବଂ ୧୦୩୬୫/୪।୬।୨୦୨୦ ରେ ଅଭିଯୁକ୍ତ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରମାଣପତ୍ର ଆଦି ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଜିଲାସ୍ତରରେ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବାରୁ ଡିଇଇ ପକ୍ଷରୁ ଉପନିର୍ଦ୍ଦେଶକ ଓ ନୋଡାଲ ଅଧିକାରୀ ଉଦ୍‌ବେଗ ପ୍ରକାଶ କରି ପୁଣି ଥରେ ତାଙ୍କ ପତ୍ରସଂଖ୍ୟା ୧୯୧୬୬/୨୯।୧୦।୨୦୨୦ରେ ପ୍ରମାଣପତ୍ରଗୁଡିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଜାଲ୍ ପ୍ରମାଣପତ୍ରଧାରୀଙ୍କ ସଂଖ୍ୟା ବଢୁଥିବା ଏହି ଓଟିଇଟି ମାମଲାରୁ ସ୍ପଷ୍ଟ ହୋଇଛି ବୋଲି ମତପ୍ରକାଶ ପାଇଛି।

ଆର୍‌ଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ, ୨୧।୧୧।୨୦୧୯ରେ ଓଟିଇଟି ରେଜଲ୍ଟ ପ୍ରକାଶ ପାଇଥିଲା। ଏଥିରେ ୪୬,୮୨୨ ଜଣ ପରୀକ୍ଷାର୍ଥୀ ଉପକୃତ ହୋଇଥିଲେ। କିନ୍ତୁ ୧୮୧୩୦୦୨୨୫୫, ୧୮୧୩୦୧୦୦୬୭ ଓ ୧୮୧୧୩୦୬୦୧୧ ରୋଲ ନମ୍ବର ପରୀକ୍ଷାର୍ଥୀ ଉପକୃତ ହୋଇ ନ ଥିଲେ। ଏଥିରେ ବଡ଼ଚଣା ବ୍ଲକର ସହକାରୀ ଶିକ୍ଷକ ଅନିୟ କୁମାର ବରାଳ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ଆର୍‌ଟିଆଇ କର୍ମୀ ବାରିକ ଅଭିଯୋଗ ଆଣିଥିଲେ। ଅଭିଯୋଗକୁ ଭିତ୍ତିକରି ଯାଜପୁର ଜିଲା ଶିକ୍ଷା ବିଭାଗ ୧୦ ଜଣ ଶିକ୍ଷକଙ୍କ ନାମରେ ବୋର୍ଡ ଅଫ ସେକେଣ୍ଡାରି ଏଜୁକେଶନକୁ ଆବଶ୍ୟକ ତଥ୍ୟ ମାଗିଥିଲେ। ୨୭।୭।୨୦୨୧ରେ ବୋର୍ଡ ଅଫ ସେକେଣ୍ଡାରିରୁ ମିଳିଥିବା ତଥ୍ୟରେ ଶିକ୍ଷକ ଅନିୟଙ୍କ ସମେତ ରେଜିଆ ସୁଲତାନା ଓ ଜୟନ୍ତୀ ସାହୁ ଜାଲ୍ ଓଟିଇଟି ପ୍ରମାଣପତ୍ର ଦାଖଲ କରିଥିବା ଜିଲା ଶିକ୍ଷା ବିଭାଗରୁ ସୂଚନା ମିଳିଛି। ତେବେ ପୂର୍ବରୁ ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ବିରୋଧରେ କୋହଳ ମନୋଭାବ ପୋଷଣ କରୁଥିବା ଦୃଷ୍ଟାନ୍ତ ରହିଛି। ରାଜ୍ୟରେ ଏଭଳି ଶତାଧିକ ନକଲି ଓଟିଇଟି ପ୍ରମାଣପତ୍ର ଧାରୀ ଶିକ୍ଷକ ନିଯୁକ୍ତି ପାଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର ଏହି ନକଲି ଶିକ୍ଷକଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ସମୟରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ସମୟ କହିବ ବୋଲି ମତପ୍ରକାଶ ପାଇଛି।

# ବିରଞ୍ଚିଙ୍କୁ ୪ଦିନିଆ ରିମାଣ୍ଡରେ ନେଲା ଭିଜିଲାନ୍ସ

ଭୁବନେଶ୍ୱର,୩।୮(ବ୍ୟୁରୋ)


ବିରଞ୍ଚି ନାରାୟଣ ସାହୁ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

- ଓଏସ୍‌ଏସ୍‌ସି ଅଫିସ୍‌ରେ ଭିଜିଲାନ୍ସ ଯାଞ୍ଚ
- ପଚରାଉଚରା ସହ ନିଯୁକ୍ତି ଲିଙ୍କ୍ ନେଇ ଖୋଳତାଡ଼ କରାଯିବ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରି (ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କୁ ମଙ୍ଗଳବାର ଭିଜିଲାନ୍ସ ୪ଦିନିଆ ରିମାଣ୍ଡରେ ନେଇଛି। ବିରଞ୍ଚିଙ୍କୁ ରିମାଣ୍ଡରେ ନେବା ପାଇଁ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ଆବେଦନ କରାଯାଇଥିବା ବେଳେ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ବିରଞ୍ଚିଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପଛରେ ଓଏସ୍‌ଏସ୍‌ସି ନିଯୁକ୍ତି ଲିଙ୍କ୍ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ କରାଯିବ। ପଚରାଉଚରା ପରେ କଳା ଟଙ୍କା କାରବାର ଓ ଚାକିରି ର୍‌ୟାକେଟର ଗୁମର ଖୋଲିପାରେ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ମଙ୍ଗଳବାର ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଭିଜିଲାନ୍ସର ଦୁଇଜଣ ଅଧିକାରୀ ପ୍ରାୟ ୨ଘଣ୍ଟା ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ଏପରି କି କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା କୁହାଯାଉଛି। ତଦନ୍ତ ଜାରି ରହିଥିବାରୁ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

ସୂଚନାଯୋଗ୍ୟ, ତୃତୀୟଶ୍ରେଣୀ କର୍ମଚାରୀ ଥିବା ବିରଞ୍ଚିଙ୍କ ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ବାସଭବନ, କଟକରେ ଥିବା ଶ୍ୱଶୁରଘର ସମେତ ୬ଟି ସ୍ଥାନରେ ଶୁକ୍ରବାର ଭିଜିଲାନ୍ସର ୩ ଟିମ୍ ଏକକାଳୀନ ଚଢ଼ାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲେ। ନୀଳାଦ୍ରି ବିହାରସ୍ଥିତ ଦୁଇମହଲା ଘରୁ ଦେଢ଼ କେ.ଜି.ର ସୁନା ଅଳଙ୍କାର, ନଗଦ ୧୨ଲକ୍ଷ ଟଙ୍କା, ୫୬ଲକ୍ଷ ଟଙ୍କାର ବୀମା, ବ୍ୟାଙ୍କ ଜମା, ଟଙ୍କା କାରବାର ରସିଦ୍, ବିଦେଶୀ ଟଙ୍କା, ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ୍ କାର୍ଡ, କାର୍, ବାଇକ ଏବଂ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଯାଞ୍ଚ ପରେ ବିରଞ୍ଚି ମୋଟ ୩ କୋଟି ୫୧ଲକ୍ଷ ଓ ୫୧ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଥିଲା। ଏହା ତାଙ୍କ ଆୟର ୨୬୮% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା। ସୋମବାର ଓଏସ୍‌ଏସ୍‌ସି ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମିଶ୍ର ବିରଞ୍ଚିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ଏହାପରେ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଏହି ଘଟଣାରେ ଭିଜିଲାନ୍ସ ମାମଲା ନଂ.୧୬/୨୧ ରୁଜୁକରି ତଦନ୍ତ ଜାରି ରଖିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବିରଞ୍ଚି ମୁଖ୍ୟ ଅଭିଯୁକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ, ସଢୁ ଏବଂ ଅନ୍ୟମାନେ ସହଯୋଗୀ ଥିବା ଦର୍ଶାଇ ଭିଜିଲାନ୍ସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅଗଷ୍ଟ, ୨୦୨୧



"କ୍ରମବିକାଶରେ ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବ।... ସେ କିନ୍ତୁ ସୃଷ୍ଟିବିକାଶର ଶେଷ ପର୍ଯ୍ୟାୟ ନୁହଁ। ମଣିଷଠାରୁ ଅତିମାନବ ଆଡକୁ ଅଗ୍ରସର ହେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ- ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର କ୍ରିୟାକ୍ରମର ଯୁକ୍ତିସଙ୍ଗତ କାରଣ। -ଶ୍ରୀଅରବିନ୍ଦ

# ପ୍ରମାଣ ନାହିଁ

ପାକିସ୍ତାନର ବାଲୁଚିସ୍ତାନ, ପଞ୍ଜାବ, ସିନ୍ଧ୍ ଓ ଖୈବର ପଖତୁନ୍ଖ୍ୱା ନାମରେ ୪ଟି ପ୍ରଦେଶ ରହିଛି। ଏଥିସହିତ ସଂଘୀୟ ଭାବେ ଶାସିତ ଇସ୍‌ଲାମାବାଦ ରାଜଧାନୀ ଅଞ୍ଚଳ ଅଛି। ଏବେ ଗିଲ୍‌ଗିଟ୍-ବାଲ୍ଟିସ୍ତାନକୁ ପ୍ରାଦେଶିକ ମାନ୍ୟତା ଦେବା ଲାଗି ପାକିସ୍ତାନ ସରକାର ସମସ୍ତ ପ୍ରକାର ଆଇନଗତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପ ଦେଇଛି। ଅନ୍ୟପକ୍ଷରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ନୂଆଦିଲ୍ଲୀ କହିଛି।

ଇତିହାସ ଦେଖିଲେ ଜମ୍ମୁ ଓ କଶ୍ମୀର ରାଜାଙ୍କ ଦ୍ୱାରା ଶାସିତ ହେଉଥିବା ବେଳେ ଗିଲ୍‌ଗିଟ୍ ଏହାର ଏକ ଅଂଶ ଥିଲା। କିନ୍ତୁ ତାହା ବ୍ରିଟିଶ ଦ୍ୱାରା ସିଧାସଳଖ ଶାସିତ ହେଉଥିଲା। ତତ୍‌କାଳୀନ ହିନ୍ଦୁ ରାଜା ହରି ସିଂଙ୍କଠାରୁ ବ୍ରିଟିଶ ସମ୍ପୃକ୍ତ ଅଞ୍ଚଳକୁ ଲିଜ୍ ସୂତ୍ରରେ ନେଇଥିଲା। ଭାରତର ସ୍ୱାଧୀନତା ପରେ ଆଦିବାସୀ ମୁସଲମାନମାନେ ହରି ସିଂଙ୍କ କାର୍ଯ୍ୟକୁ ବିରୋଧ କରିଥିଲେ। ଜୀବନ ପ୍ରତି ବିପଦ ଥିବା ଦେଖି ହରି ସିଂ ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶରଣ ପଶିଲେ। ନେହେରୁ ଶ୍ରୀନଗର ଓ କଶ୍ମୀର ରକ୍ଷା କରିବା ଲାଗି ଭାରତୀୟ ସେନାଙ୍କୁ ପ୍ରେରଣ କଲେ। ନିଜର ଆନୁଗତ୍ୟ ପ୍ରଦର୍ଶନ କରିବାକୁ ଯାଇ ହରି ସିଂ ୨୬ ଅକ୍ଟୋବର ୧୯୪୭ରେ ତାଙ୍କ ଭୂଖଣ୍ଡକୁ ଭାରତ ସହ ମିଶାଇ ଦେଲେ। ହରି ସିଂଙ୍କ କାର୍ଯ୍ୟ ଦେଖି ସେତେବେଳେ ଗିଲ୍‌ଗିଟ୍ ସ୍କାଉଟ୍‌ମାନେ ବିଦ୍ରୋହୀ ପାଲଟିଗଲେ। ଫଳରେ ଗିଲ୍‌ଗିଟ୍‌ର ଏହି ଅର୍ଦ୍ଧସାମରିକ ବାହିନୀ ବାଲ୍ଟିସ୍ତାନ ଦଖଲ କଲା। ସେତେବେଳେ ବାଲ୍ଟିସ୍ତାନ ଥିଲା ଲଦାଖର ଅଂଶବିଶେଷ। ଏଥିସହିତ ଗିଲ୍‌ଗିଟ୍ ସ୍କାଉଟ୍‌ମାନେ ସ୍କର୍ଦ୍ଦୁ, କାର୍ଗିଲ ଓ ଦ୍ରାସ୍‌କୁ ଅକ୍ତିଆର କରିନେଇଥିଲେ। ଅଗଷ୍ଟ ୧୯୪୮ରେ ଭାରତ ଯୁଦ୍ଧ କରି କାର୍ଗିଲ ଓ ଦ୍ରାସ୍‌କୁ ନିଜଆଡ଼କୁ ଆଣିଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୧ ନଭେମ୍ବର ୧୯୪୭ରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନ କ୍ରାନ୍ତିକାରୀ ପରିଷଦ ଗିଲ୍‌ଗିଟ୍-ବାଲ୍ଟିସ୍ତାନକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ଘୋଷଣା କରିଥିଲା। ଏହା ପରେ ନଭେମ୍ବର ୧୫ରେ ଏହା ପାକିସ୍ତାନ ସହ ମିଶିଯାଇଥିଲା। ହେଲେ ବ୍ରିଟିଶ ସରକାର ଦ୍ୱାରା ପ୍ରଣୀତ ଏକ ଆଇନ ଅନୁସାରେ ଏହି ଅଞ୍ଚଳ ସ୍ୱୟଂଶାସିତ ରହିଆସିଛି।

ଉପରବର୍ଣ୍ଣିତ ଘଟଣାବଳୀକୁ ଦେଖିଲେ ଭାରତ ସ୍ୱାଧୀନ ହେବା ବେଳୁ ଗିଲ୍‌ଗିଟ୍-ବାଲ୍ଟିସ୍ତାନ ପାକିସ୍ତାନ ପଟରେ ରହିଆସିଛି। ହରି ସିଂ ଗୋଟିଏ ପଟେ ଗିଲ୍‌ଗିଟ୍‌କୁ ପାକିସ୍ତାନକୁ ଦେଇଦେଇଥିଲେ ଓ ଅପରପଟେ ଜମ୍ମୁ ଓ କଶ୍ମୀରକୁ ଭାରତ ସହ ମିଶାଇ ଦେଇଥିଲେ। ଅର୍ଥାତ୍ ଏହି ରାଜା ଯେଉଁଭଳି ଭାବେ ଗିଲ୍‌ଗିଟ୍‌କୁ ପାକିସ୍ତାନକୁ ଦେଇଦେଇଥିଲେ, ଏବେ ତାହା ଭାରତର ଅବିଚ୍ଛେଦ୍ୟ ଅଙ୍ଗ ପ୍ରମାଣ କରିବା କଷ୍ଟକର। ସେମିତି ଜମ୍ମୁ ଓ କଶ୍ମୀରକୁ ରାଜା ହରି ସିଂ ଭାରତ ସହ ମିଶାଇ ଦେବା ଫଳରେ ପାକିସ୍ତାନ ଉକ୍ତ ଅଞ୍ଚଳକୁ ନିଜର ବୋଲି ପ୍ରମାଣ କରିପାରୁ ନାହିଁ।

# କେରଳ ଉପରେ ଦୃଷ୍ଟି

ଦେଶରେ ପୁଣି କରୋନା ସଂକ୍ରମଣ ବଢ଼ିବା ଯୋଗୁ ତୃତୀୟ ଲହରର ଭୟ ମୁଣ୍ଡ ଟେକୁଛି। କ୍ରମାଗତ ସପ୍ତାହେ ଧରି ସଂକ୍ରମଣ ବୃଦ୍ଧି ପାଇ ୧ ଅଗଷ୍ଟ (ରବିବାର)ରେ ୪୦,୧୩୪ ଉପରେ ରହିବା ପରେ ସୋମବାର ୩୦,୫୪୯ରେ ପହଞ୍ଚିଛି। ଅବଶ୍ୟ ଏହିସବୁ ତଥ୍ୟର ସତ୍ୟାସତ୍ୟ ପ୍ରମାଣ କରିବାର କ୍ଷମତା ସରକାରଙ୍କ ବ୍ୟତୀତ ଅନ୍ୟ କାହା ପାଖରେ ନାହିଁ। ଏହାବ୍ୟତୀତ ସଂଖ୍ୟା ବୃଦ୍ଧି ଏବଂ ହ୍ରାସ ପାଇବା ସମ୍ପୂର୍ଣ୍ଣ ନିର୍ଭର କରେ କେତେ ଲୋକଙ୍କ ଉପରେ ପରୀକ୍ଷା କରାଯାଇଛି। ପରୀକ୍ଷାର ମୋଟ ସଂଖ୍ୟା ନ ମିଳିବା ପର୍ଯ୍ୟନ୍ତ ସଂକ୍ରମଣଜନିତ ସଂଖ୍ୟାର କୌଣସି ଆଧାର ରହୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେରଳରେ ବୃଦ୍ଧି ପାଉଥିବା ସଂକ୍ରମଣ ସଂଖ୍ୟା। ରବିବାର ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ହଜାର ପାର କରିଯାଇ ଥିଲାବେଳେ ସୋମବାର ୧୩,୯୮୪ ରହିଛି। ଦେଶରେ ଦୈନିକ ସଂକ୍ରମଣର ପାଖାପାଖି ଅଧା କେରଳରୁ ମିଳିବା ତୃତୀୟ ଲହରର ସଙ୍କେତ ଦେଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠୁ ବିକଶିତ ଏହି ରାଜ୍ୟ ଟିକାକରଣ, କୋଭିଡ୍ ପରୀକ୍ଷା ଓ ଚିକିତ୍ସାରେ ଆଗୁଆ। ପ୍ରଥମରୁ ଭାରତରେ ସଂକ୍ରମଣ ପ୍ରକାଶ ପାଇବା ପରଠାରୁ ଏଠାରେ କୋଭିଡ୍ ପରିଚାଳନା ଖୁବ୍ ବ୍ୟବସ୍ଥିତ, ଯାହା ଅନ୍ୟମାନଙ୍କ ପାଇଁ ଏକ ମଡେଲ ହୋଇପାରିଛି। ଦ୍ୱିତୀୟ ଲହରକୁ ଦେଶରେ ସବୁଠୁ ଭଲ ଭାବେ ପରିଚାଳନା କରିବା ଯୋଗୁ କେରଳରେ ଅକ୍ସିଜେନ ବା ଔଷଧ ଅଭାବଜନିତ ଭୟଙ୍କର ପରିସ୍ଥିତି ଦେଖାଯାଇ ନ ଥିଲା କିମ୍ବା ଲୋକଙ୍କୁ ହସ୍ପିଟାଲ ବାହାରେ ଅପେକ୍ଷା କରିବାକୁ ମଧ୍ୟ ପଡ଼ି ନ ଥିଲା। ତେବେ କେରଳରେ ୪୮% ଲୋକ ଗୋଟିଏ ଡୋଜ୍ ଓ ୨୧% ଦୁଇ ଡୋଜ୍ ଟିକା ନେଇଥିବା ସତ୍ତ୍ୱେ ଭୟଙ୍କର ଡେଲ୍‌ଟା ଭାରିଆଣ୍ଟ ସବୁ କିଛି ଏପାଖ ସେପାଖ କରିଦେବା ଭଳି ମନେହେଉଛି। ଏଥିସହିତ ଏହା ମଧ୍ୟ କୁହାଯାଇପାରେ ଯେ, ସମ୍ଭବତଃ କେରଳ ହେଉଛି ଭାରତର ଏକମାତ୍ର ରାଜ୍ୟ ଯେଉଁଠାରେ ପ୍ରବଳମାତ୍ରାରେ କୋଭିଡ୍ ପରୀକ୍ଷା କରାଯାଉଛି। ହୁଏତ ସେଥିପାଇଁ କେରଳର ମୃତ୍ୟୁସଂଖ୍ୟା ଏବଂ ସଂକ୍ରମଣ ସଂଖ୍ୟାକୁ କୌଣସି ସମୟରେ ଲୁକ୍କାୟିତ ରଖାଯାଇନାହିଁ। ଉତ୍ତରପ୍ରଦେଶ ଭଳି ରାଜ୍ୟରେ ବାସ୍ତବ ମୃତ୍ୟୁ ଯଥେଷ୍ଟ ଅଧିକ ହୋଇଥିବାବେଳେ ଘୋଷିତ ସଂଖ୍ୟାକୁ କମେଇ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଓଡ଼ିଶା ଭଳି ଅନେକ ରାଜ୍ୟରେ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବାବେଳେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ଦେଖାଯାଉଛି।

ଏହିସବୁ ସଂଖ୍ୟାଖେଳକୁ ଦେଖିଲେ ଭାରତବର୍ଷରେ ମିଥ୍ୟା ଉପରେ ନିର୍ଭର କରି ପ୍ରଶାସନର ସବୁ କାର୍ଯ୍ୟ ଚାଲୁଥିବା ଭଳି ମନେହୁଏ। ମିଥ୍ୟାର କାହିଁକି ଆଶ୍ରୟ ନିଆଯାଏ ତାହା ସାଧାରଣ ନାଗରିକ ବୁଝିବା ଅସମ୍ଭବ। ଭାରତର ଗଣମାଧ୍ୟମରେ ମଧ୍ୟ ସରକାରୀ ତଥ୍ୟକୁ ବେଦର ଗାର ଭାବେ ଗିଳିଦିଆଯାଏ। ଗତ ଦେଢ଼ବର୍ଷ ମଧ୍ୟରେ କ୍ୱଚିତ ଗଣମାଧ୍ୟମ ସରକାର ଦେଉଥିବା ତଥ୍ୟ ଉପରେ ପ୍ରଶ୍ନ କରୁଥିବାର ଲକ୍ଷ୍ୟ କରାଯାଇଛି। ଯେଉଁ ଗଣମାଧ୍ୟମ ପ୍ରଶ୍ନ କରିଛି ତା' ବିରୋଧରେ ସବୁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପରିଲକ୍ଷିତ ହେଉଛି।

କେରଳ ବ୍ୟତୀତ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକରେ ସଂକ୍ରମଣ ଏବେ ଉପରମୁହାଁ। ଏହିସବୁ ରାଜ୍ୟରେ ମଧ୍ୟ ଟିକାକରଣ ଗୁଳାଇ ଶେଷସୁଦ୍ଧା ଲକ୍ଷ୍ୟ ହାସଲ କରିପାରିନାହିଁ। ଏହି ସମୟରେ 'ଅନ୍‌ଲକ୍' ପ୍ରକ୍ରିୟା ଆରମ୍ଭ କରାଯିବା ଯଥା ଶିକ୍ଷାନୁଷ୍ଠାନ, ବଜାର, ମଲ୍, ସିନେମାହଲ୍, ଜିମ୍ ଇତ୍ୟାଦି ଖୋଲିବା ବିପଦକୁ ଆମନ୍ତ୍ରଣ କରୁଛି। ଏଣୁ ଦ୍ୱିତୀୟ ଲହର ସମୟରେ ଦେଶ ସମ୍ମୁଖୀନ ହୋଇଥିବା ସଙ୍କଟାପନ୍ନ ସ୍ଥିତିକୁ ଦୂରେଇବାକୁ ହେଲେ ଦ୍ରୁତ ଏବଂ ବ୍ୟାପକ ଟିକାକରଣ ହେବା ଆବଶ୍ୟକ। ନଚେତ୍ ଯଦି ତୃତୀୟ ଲହର ଆସେ ତେବେ ଭାରତର ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | 5 | 9 |
| | | | | 2 | | 6 | 1 | 3 |
| | | | | | 6 | | | |
| | | | | | 8 | | | |
| 4 | 5 | | | 6 | 7 | | | |
| | | | | | | 4 | 2 | 7 |
| 3 | | | | 1 | | 2 | 9 | |
| | | | 9 | | | | | |
| | 6 | 1 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 2 | 1 | 9 | 6 | 8 | 4 |
| 1 | 8 | 6 | 3 | 5 | 4 | 9 | 7 | 2 |
| 4 | 2 | 9 | 7 | 8 | 6 | 5 | 1 | 3 |
| 3 | 9 | 8 | 4 | 7 | 5 | 2 | 6 | 1 |
| 5 | 1 | 2 | 8 | 6 | 3 | 7 | 4 | 9 |
| 6 | 4 | 7 | 1 | 9 | 2 | 8 | 3 | 5 |
| 9 | 7 | 4 | 6 | 2 | 1 | 3 | 5 | 8 |
| 8 | 3 | 5 | 9 | 4 | 7 | 1 | 2 | 6 |
| 2 | 6 | 1 | 5 | 3 | 8 | 4 | 9 | 7 |

ଗତକାଲିର ଉତ୍ତର

# ସରକାରୀ ବିଦ୍ୟାଳୟର ବିକଳ ଅବସ୍ଥା



ବିଚିତ୍ର ବିଶ୍ୱାଳ

୧୯୯୬ ମସିହାରେ ମୁଁ ମାଟ୍ରିକ୍ ପରୀକ୍ଷା ଦେବା ବେଳକୁ ଆମ ଭିରଙ୍ଗ ଉଚ୍ଚ ବିଦ୍ୟାଳୟରେ ମୋଟ୍ ନଅ ଜଣ ଶିକ୍ଷକ ଥିଲେ। ଯଦିଓ ସେତେବେଳେ ସେମାନେ ସରକାରଙ୍କ ପାଖରୁ ଦରମା ପାଉ ନ ଥିଲେ, କିନ୍ତୁ ସେମାନେ ଆମକୁ ଖୁବ୍ ନିଷ୍ଠାର ସହିତ ପାଠ ପଢ଼ାଉଥିଲେ। ପ୍ରତ୍ୟେକ ଛାତ୍ରଙ୍କର ପ୍ରଦର୍ଶନକୁ ସେମାନେ ବ୍ୟକ୍ତିଗତ ଭାବେ ପରଖୁ ଥିଲେ ଓ ଆମ ପାଠ ପଢ଼ାରେ ଉନ୍ନତି ଆଣିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଆମମାନଙ୍କୁ ଗଢ଼ି ତୋଳିବାରେ ଆମ ଶିକ୍ଷକଙ୍କର ଭୂମିକାକୁ କେବେ ବି ଭୁଲି ହେବ ନାହିଁ। ସେହି କିଶୋର ବୟସରେ ଆମେ ଦେଖୁଥିଲୁ, ଆମ ଶିକ୍ଷକମାନେ ଆମ ପାଇଁ କଠୋର ପରିଶ୍ରମ କରୁଥିଲେ। ସେତେବେଳେ ଆମ ଭିରଙ୍ଗ ଉଚ୍ଚ ବିଦ୍ୟାଳୟ ସରକାରୀ ଅନୁଦାନ ପାଇ ନ ଥିଲା। କିନ୍ତୁ ସେଥିପାଇଁ ଆମ ଶିକ୍ଷକମାନଙ୍କର ଶିକ୍ଷାଦାନରେ ନିଷ୍ଠାରେ କମ୍ ହେବାର ଆମେ କେବେ ଦେଖି ନ ଥିଲୁ। ବିଦ୍ୟାଳୟ ସ୍ଥାପନ ହେବାର ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଆମର ସେହି ଶିକ୍ଷକମାନଙ୍କୁ ସରକାରୀ ଅନୁଦାନ ମିଳିଲା। ତା' ପୂର୍ବରୁ ସେମାନେ ସରକାରଙ୍କ ପାଖରୁ କିଛି ବି ଟଙ୍କା ପାଉ ନ ଥିଲେ। ଦୀର୍ଘବର୍ଷ ପରେ ସରକାରଙ୍କ ତରଫରୁ ସେମାନଙ୍କୁ ଯେତିକି ବି ଦରମା ମିଳିଲା, ତାହା ଅତ୍ୟନ୍ତ କମ୍। ଏପରି କି ଜଣକ ପାଇଁ ନିଜ ପରିବାରକୁ ସମ୍ମାନର ସହ ଚଳେଇବାକୁ ମଧ୍ୟ ଯଥେଷ୍ଟ ନୁହେଁ। ଆମକୁ ପାଠ ପଢ଼ାଇଥିବା ଶିକ୍ଷକମାନେ ଯତ୍‌କିଞ୍ଚିତ୍ ଦରମା ପାଇବା ଆରମ୍ଭ କରିବା ବେଳକୁ ଆମେ ଛାତ୍ରମାନେ ଭିନ୍ନ ଭିନ୍ନ ସ୍ଥାନରେ ଚାକିରି କରି ସେମାନଙ୍କଠାରୁ ଯଥେଷ୍ଟ ଅଧିକ ଦରମା ପାଇବାକୁ ଆରମ୍ଭ କରୁଥିଲୁ। ଏତେ ସବୁ କଥା କହିବାର କାରଣ ଆମର ସେହି ବିଦ୍ୟାଳୟର ବର୍ତ୍ତମାନର ଦୁଃସ୍ଥ ଅବସ୍ଥା।

ଆମେ ମାଟ୍ରିକ୍ ପାସ୍ କରିବା ପ୍ରାୟ ପଚିଶ ବର୍ଷ ହୋଇଗଲାଣି। ଇତି ମଧ୍ୟରେ ଶିକ୍ଷା ବ୍ୟବସ୍ଥାରେ ବି ଅନେକ ପରିବର୍ତ୍ତନ ଆସିଲାଣି। ଆମ ଦେଶରେ ଶିକ୍ଷା ଅଧିକାର ଆଇନ ଲାଗୁ ହୋଇ ସମସ୍ତଙ୍କ ପାଇଁ ଶିକ୍ଷା ଏକ ମୌଳିକ ଅଧିକାର ପଦବାଚ୍ୟ ହେଲାଣି। ରାଜ୍ୟ ସରକାରଙ୍କ ନୂଆ ନିୟମ ଅନୁସାରେ ଭିରଙ୍ଗ ଉଚ୍ଚ ବିଦ୍ୟାଳୟ ପରି ବିଦ୍ୟାଳୟ ଗୁଡ଼ିକୁ ସରକାରୀ ଭାଷାରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ କୁହାଯାଉଛି। ସାରା ଓଡ଼ିଶାରେ ଏହିପରି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ପାଖାପାଖି ୨୨୦୦ ଅଛି। ସଂପ୍ରତି ଭିରଙ୍ଗ ଉଚ୍ଚ ବିଦ୍ୟାଳୟରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢ଼ୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଶତାଧିକ ପିଲାଙ୍କ ପାଇଁ ମାତ୍ର ତିନି ଜଣ ଶିକ୍ଷକ ଅଛନ୍ତି। ସଂପ୍ରତି କରୋନାର ପ୍ରକୋପ ଯୋଗୁ ଅନ୍‌ଲାଇନ୍ ପାଠପଢ଼ା ଚାଲୁଛି। କିନ୍ତୁ ତିନିଜଣ ଶିକ୍ଷକରେ ଏହା ବି ସମ୍ଭବ ନୁହେଁ। କରୋନା ପ୍ରକୋପ କମିବା ପରେ ସଂପୂର୍ଣ୍ଣ ବିଦ୍ୟାଳୟ ଖୋଲିବା ପରେ ପରିସ୍ଥିତି ଆହୁରି ଜଟିଳ ହୋଇଯିବ। ଏହା କେଉଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିଦ୍ୟାଳୟର କାହାଣୀ ନୁହେଁ। ଏହା ଶିକ୍ଷା କ୍ଷେତ୍ରରେ ଆଗୁଆ ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକ୍‌ର ଏକ ବିଦ୍ୟାଳୟର ବାସ୍ତବ କାହାଣୀ। ଯଦି ଜଗତ୍‌ସିଂହପୁର ପରି ଜିଲାର ଗୋଟିଏ ବିଦ୍ୟାଳୟର ଏପରି ଅବସ୍ଥା ତେବେ ଅନ୍ୟାନ୍ୟ ପଛୁଆ ଜିଲାରେ ବିଦ୍ୟାଳୟର ପରିସ୍ଥିତି କ'ଣ ହୋଇଥିବ ଏହା ବେଶ୍ ଅନୁମେୟ।

ବିଦ୍ୟାଳୟ କହିଲେ, କେବଳ କୋଠାଘର କିମ୍ବା ବଡ଼ ବଡ଼ ଅଟ୍ଟାଳିକା ନୁହେଁ। ବିଦ୍ୟାଳୟର ଅସଲ ପରିଚୟ ହେଉଛନ୍ତି ଶିକ୍ଷକ। କିନ୍ତୁ ଶିକ୍ଷକମାନେ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଯଦି ନୂଆ ଶିକ୍ଷକ ନ ଆସିବେ ତେବେ ସେ ବିଦ୍ୟାଳୟରେ ପାଠ ପଢ଼ା କିପରି ହେବ? ଛାତ୍ରମାନେ କରିବେ କ'ଣ? ସରକାର ଏଥିପ୍ରତି ଗୁରୁତ୍ୱର ସହିତ ଦୃଷ୍ଟି ଦେଉଥିବା ପରି ଆଦୌ ଜଣାଯାଉନାହିଁ। ଏହା କେବଳ ଭିରଙ୍ଗ ଉଚ୍ଚ ବିଦ୍ୟାଳୟର କାହାଣୀ ନୁହେଁ। ଓଡ଼ିଶାର ଅନେକ ଉଚ୍ଚ ବିଦ୍ୟାଳୟର ଅବସ୍ଥା ଏହିପରି। ସାରା ଓଡ଼ିଶାରେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ପ୍ରାୟ ୫୦ ପ୍ରତିଶତ ଶିକ୍ଷକ ଅବସର ନେଇ ସାରିଲେଣି। ୧୦ ପ୍ରତିଶତ ଶିକ୍ଷକ କୌଣସି କାରଣରୁ ମୃତ୍ୟୁବରଣ କରିସାରିଛନ୍ତି। ମାତ୍ର ଚାଳିଶ ପ୍ରତିଶତ ଶିକ୍ଷକରେ ସଂପ୍ରତି ଏହି ବିଦ୍ୟାଳୟଗୁଡ଼ିକ ଚାଲୁଛି। ଫଳରେ ଏସବୁ ବିଦ୍ୟାଳୟଗୁଡ଼ିକରେ ଆଉ ପୂର୍ବ ପରି ପାଠପଢ଼ାର ସୁଯୋଗ ନାହିଁ। କେବଳ ଯାହା ଗତାନୁଗତିକ ଭାବେ ଅଫିସ୍ କାମ ଚାଲୁଛି। କାରଣ ୬୦ ପ୍ରତିଶତ ଶିକ୍ଷକଙ୍କ ସ୍ଥାନ ଖାଲି ପଡ଼ିଲେ, ବିଦ୍ୟାଳୟରେ ପାଠ ପଢ଼ା କିପରି ହୋଇପାରିବ? ବିଦ୍ୟାଳୟରେ ଯଥେଷ୍ଟ ସଂଖ୍ୟକ ଶିକ୍ଷକ ନ ଥିବାରୁ ଉପସ୍ଥିତ ଶିକ୍ଷକମାନଙ୍କ ଉପରେ ପ୍ରବଳ ଚାପ ପଡ଼ୁଛି। ଫଳସ୍ୱରୂପ ସେମାନେ ଶିକ୍ଷାଦାନ ପରି ମହତ୍ କାର୍ଯ୍ୟକୁ ନିଷ୍ଠାର ସହ କରିପାରୁନାହାନ୍ତି। ବର୍ତ୍ତମାନ ଯଦି ବିଦ୍ୟାଳୟଗୁଡ଼ିକର ଏପରି ପରିସ୍ଥିତି ତେବେ ୨୦୨୩-୨୪ ବେଳକୁ ବିଦ୍ୟାଳୟରେ ପିଲାମାନେ ତ ଥିବେ କିନ୍ତୁ ସେମାନଙ୍କୁ ପଢ଼େଇବା ପାଇଁ ଶିକ୍ଷକ ନ ଥିବେ। ଏସବୁ ବିଦ୍ୟାଳୟଗୁଡ଼ିକ କେବଳ ନାମକୁ ମାତ୍ର ଥିବ। କିନ୍ତୁ ସେଠାରେ ଆଉ ପାଠପଢ଼ା ହେଉ ନ ଥିବ। ସରକାରୀ ଓ ଘରୋଇ ବିଦ୍ୟାଳୟ ବିତର୍କ ବେଳେ ଆଜି ଯେମିତି ଆମେ ଆମ ଫେସ୍‌ବୁକ୍ ପ୍ରୋଫାଇଲ୍ ଫଟୋରେ 'ମୁଁ ସରକାରୀ ସ୍କୁଲ୍‌ରେ ପଢ଼ିଥିବାରୁ ଗର୍ବିତ' ଟ୍ୟାଗ୍ ଲଗେଇ ପୋଷ୍ଟ କରିପାରୁଛେ, ଆଉ ଦଶ ବର୍ଷ ପରେ ବର୍ତ୍ତମାନର ଛାତ୍ର ସମାଜ ସେମିତି କହିପାରିବେ କି? ସରକାରୀ ସ୍କୁଲ୍‌ରେ ପଢ଼ିଥିବାରୁ ସେମାନେ କେବେ ବି ଗର୍ବିତ ହେବେ ନାହିଁ। କାରଣ ସରକାର ପିଲାମାନଙ୍କ ପାଇଁ ସରକାରୀ ବିଦ୍ୟାଳୟରେ ଶିକ୍ଷକ ବି ନିଯୁକ୍ତ କରୁନାହାନ୍ତି।

ଆମ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ପାରୁ ନାହାନ୍ତି। ସବୁ ବିଦ୍ୟାଳୟକୁ ଦକ୍ଷ ଓ ପ୍ରଶିକ୍ଷିତ ଶିକ୍ଷକ ଯୋଗାଇ ଦେବା, ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପ୍ରଥମ ପଦକ୍ଷେପ ହେବା ଉଚିତ। କେବଳ ଶିକ୍ଷା ଦ୍ୱାରା ହିଁ ଗୋଟିଏ ଉନ୍ନତ ଦେଶ ଓ ସମାଜ ନିର୍ମାଣ ହୋଇପାରିବ। ଶିକ୍ଷାକୁ ଅବହେଳା କରି କୌଣସି ସମାଜ କେବେ ଆଗକୁ ଯାଇପାରିବ ନାହିଁ। ଅର୍ଥନୀତି, ରାସ୍ତାଘାଟ, ପର୍ଯ୍ୟଟନସ୍ଥଳୀ ଆଦି ଯେତେ ଚିକ୍‌ମିକ୍ ହେଲେ କ'ଣ ହେବ, ଯଦି ଆମେ ଆମ ପିଲାମାନଙ୍କୁ ପଢ଼େଇବା ପାଇଁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିପାରିବା ନାହିଁ!

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହିପରି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୭୦ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳର ପିଲାମାନେ ପଢ଼ୁଛନ୍ତି। ଏହି ବିଦ୍ୟାଳୟକୁ ଯଦି ଶିକ୍ଷକ ଯୋଗାଇ ଦିଆ ନ ଯିବ, ତେବେ ଏହି ଗ୍ରାମାଞ୍ଚଳର ପିଲାମାନେ ପାଠ ପଢ଼ାରୁ ବଞ୍ଚିତ ହେବେ। ଗ୍ରାମାଞ୍ଚଳରେ ଘରୋଇ ସ୍କୁଲ୍ ନାହିଁ। ଯଦି ବି କେଉଁଠି ଘରୋଇ ସ୍କୁଲ୍ ଥିବ, ସେଠି ଲୋକଙ୍କ ପାଖରେ ଟଙ୍କା ନାହିଁ ପିଲାମାନଙ୍କୁ ଘରୋଇ ସ୍କୁଲ୍‌ରେ ପାଠ ପଢ଼େଇବା ପାଇଁ। ତେଣୁ ଏହିପରି ସ୍କୁଲ୍‌ଗୁଡ଼ିକ ହିଁ ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ଏକମାତ୍ର ବିକଳ୍ପ। ଏଗୁଡ଼ିକୁ ଅବହେଳା କରିବା ଅର୍ଥ ଗ୍ରାମାଞ୍ଚଳର ପିଲାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଶିକ୍ଷାରୁ ବଞ୍ଚିତ କରିବା। ପରିସ୍ଥିତି ଆଜି ଏପରି ହୋଇଛି, ଶିକ୍ଷା ଅଧିକାର ଆଇନ୍ ଅନୁସାରେ ପିଲାମାନେ ସ୍କୁଲ୍‌ରେ ନାମ ତ ଲେଖାଇଛନ୍ତି, କିନ୍ତୁ ତାଙ୍କୁ ପଢ଼େଇବା ପାଇଁ ସେଠାରେ ଯଥେଷ୍ଟ ସଂଖ୍ୟକ ଶିକ୍ଷକ ନାହାନ୍ତି। ଏହା ଶିକ୍ଷା ଅଧିକାର ଆଇନର ଖୋଲାଖୋଲି ଉଲ୍ଲଂଘନ। ମୋଟେ ରାସ୍ତା ତିଆରି ନ କରି ଗାଡ଼ି ଚଳେଇବା ପାଇଁ ଅନୁମତି ଦେବା ଯାହା, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନ କରି ଶିକ୍ଷା ଅଧିକାର ଆଇନକୁ ଲାଗୁକରିବା ତାହା। ଏଥିରେ ସରକାରଙ୍କ ଶିକ୍ଷା ପ୍ରତି ବୈମାତୃକ ମନୋଭାବର ସମ୍ପୂର୍ଣ୍ଣ ପରିଚୟ ମିଳୁଛି। ସହରାଞ୍ଚଳରେ ପିଲାମାନେ ସମ୍ପୂର୍ଣ୍ଣ ସରକାରୀ ବିଦ୍ୟାଳୟ କିମ୍ବା ଘରୋଇ ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଉଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ପିଲାମାନଙ୍କର ପାଠପଢ଼ା କେବଳ ଏହି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଉପରେ ନିର୍ଭର କରୁଛି। ତେଣୁ ଏହି ବିଦ୍ୟାଳୟଗୁଡ଼ିକୁ ସରକାର ତାଙ୍କ ପ୍ରାଥମିକତା ତାଲିକାରେ ରଖିବା ଉଚିତ।

ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ସରକାରୀ ସ୍କୁଲ୍ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ୍‌ରେ ମୋଟ୍ ୧୪୦୦୦ ଶିକ୍ଷକ ପଦବୀ ଖାଲିପଡ଼ିଛି। ଦୀର୍ଘ ପାଞ୍ଚ ବର୍ଷ ଧରି ଏହି ସବୁ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଉକ୍ତ ସ୍କୁଲ୍‌ରେ ପାଠପଢ଼ା କିପରି ଚାଲିଥିବ ବୁଝା ପଡ଼ୁଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଅଧିକ ପଦବୀ ଖାଲିପଡ଼ିଛି ବୋଲି ଶିକ୍ଷାମନ୍ତ୍ରୀ ବିଧାନସଭା ଅଧିବେଶନରେ ସୂଚନା ଦେଇଛନ୍ତି। ୨୦୦୦ରୁ ଅଧିକ ସ୍କୁଲ୍‌ରେ ପ୍ରଧାନଶିକ୍ଷକ ସ୍ଥାନ ଖାଲିପଡ଼ିଛି।

ଗୋଟିଏ ପଟେ ଶିକ୍ଷାକୁ ଘରୋଇକରଣ କରିବା ପାଇଁ ରାସ୍ତା ଖୋଲାଯାଉଥିବା ବେଳେ ଅନ୍ୟପଟେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ନ କରିବାରୁ ଆମେ କ'ଣ ବୁଝିବା ଯେ, ସରକାର ଜାଣିଶୁଣି ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି, ଫଳରେ ସରକାରୀ ସ୍କୁଲ୍‌ଗୁଡ଼ିକ ଦୁର୍ବଳ ହେବ ଓ ପରିଣତି ସ୍ୱରୂପ ପିଲାମାନେ ଘରୋଇ ବିଦ୍ୟାଳୟ ମୁହାଁ ହେବେ! ସରକାରଙ୍କ ଏତାଦୃଶ ମନୋଭାବ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପ୍ରଦର୍ଶିତ କରୁଛି। ତେଣୁ ସରକାର ଯଥାଶୀଘ୍ର ଖାଲିପଡ଼ିଥିବା ଶିକ୍ଷକ ପଦବୀ ଗୁଡ଼ିକୁ ପୂରଣ କରି ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ଉତ୍ତମ ଶିକ୍ଷା ଗ୍ରହଣର ସୁଯୋଗ ସୃଷ୍ଟି କରିବା ଉଚିତ। ଭୁଲି ଯିବା ଉଚିତ ନୁହେଁ ଯେ, ବିକାଶର ମୁଖ୍ୟ ସୂଚକାଙ୍କ ହେଉଛି ଶିକ୍ଷା ବ୍ୟବସ୍ଥାର ବିକାଶ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ-୯୪୩୮୪୬୮୪୭୪

# ଅବିଶ୍ୱାସ୍ୟ ପ୍ରଚେଷ୍ଟା



ଡ. ମନୋରଂଜନ ପ୍ରଧାନ

ମହାଭାରତୀୟ ଯୁଗର କଥା। କୌରବମାନଙ୍କ ବିରୋଧ ହେତୁ ବନବାସୀ ଏକଲବ୍ୟ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ଫେରିଛନ୍ତି। ବିଶିଷ୍ଟ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଦ୍ଧବିଦ୍ୟା ଶିଖିବାର ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥାଏ। ଅବସାଦ ମନ ଓ ଚିନ୍ତିତ ଭବିଷ୍ୟତ ମଧ୍ୟରେ ସର୍ବୋତ୍କୃଷ୍ଟ ଜ୍ଞାନପ୍ରାପ୍ତିର କ୍ଷୁଧା ଓ କିଛିଚମକତା କରିବାର ଶ୍ରଦ୍ଧାଶୀଳ ଆତ୍ମବିଶ୍ୱାସ କିନ୍ତୁ ତାଙ୍କୁ ଅନ୍ତର୍ମୁଖୀ ପ୍ରେରଣା ପ୍ରଦାନ କରୁଥାଏ। ଅନ୍ୟ ଦ୍ୱାରା ଅପମାନ, ପ୍ରତ୍ୟାଖ୍ୟାନ ଓ ବିଶେଷ ସୁବିଧା ସୁଯୋଗରୁ ବଞ୍ଚିତ ହେବାକୁ ସେ ଦୁର୍ଭାଗ୍ୟ ବା ଦୁର୍ଯୋଗ ନ ଭାବି ନିଜ ପୁରୁଷାର୍ଥ ତଥା ଅଦମ୍ୟ ଉଦ୍‌ଯୋଗ ବଳରେ ପ୍ରତୀକାତ୍ମକ ଭାବେ ଗୁରୁମୂର୍ତ୍ତି ସ୍ଥାପନ କରି ଯେଉଁ କଠିନ ଯୁଦ୍ଧବିଦ୍ୟା ଶିକ୍ଷା କଲେ, ତାହା ଆଜି ସମଗ୍ର ମାନବସମାଜ ପାଇଁ ପ୍ରେରଣାଦାୟୀ। ବିଶେଷକରି ଗରିବ, ଅସହାୟ, ପଛୁଆ ତଥା ନିଷ୍ପେଷିତ ବ୍ୟକ୍ତିବିଶେଷଙ୍କ ପାଇଁ ସଞ୍ଜୀବନୀ। କିନ୍ତୁ ଏକଲବ୍ୟଙ୍କ ଶ୍ରେଷ୍ଠ ଯୋଦ୍ଧା ଓ ଅନନ୍ୟ ଶିଷ୍ୟ ହେବା ପଛରେ ଥିଲା ତାଙ୍କ ଅଦମ୍ୟ ଜ୍ଞାନ ପିପାସା, ଅପରାଜେୟ ଆତ୍ମବିଶ୍ୱାସ ଓ ଆତ୍ମବଳ ଏବଂ ସର୍ବୋପରି ଅବିଶ୍ୱସନୀୟ ପ୍ରଚେଷ୍ଟା।

କିଛି ଦିନ ପୂର୍ବେ ରାଜସ୍ଥାନ ପ୍ରଶାସନିକ ସେବା ପରୀକ୍ଷାରେ ଯୋଧପୁରର ଆଶା କାଣ୍ଡରା ଉତ୍ତୀର୍ଣ୍ଣ ହେବା ରାଜ୍ୟବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ସେ ଯୋଧପୁର ମହାନଗର ନିଗମର ଜଣେ ସଫେଇ କର୍ମଚାରୀ। ନିଜ କଠୋର ସାଧନା, ଦୃଢ଼ ମନୋବଳ ଓ ଅଦମ୍ୟ ପ୍ରଚେଷ୍ଟା ବଳରେ ସେ ଯେଉଁ ଆଶାତୀତ ସଫଳତା ପାଇଛନ୍ତି, ସେହିଭଳି ଯଶସ୍ୱୀ ପ୍ରଶାସନିକ ସେବା ଅଧିକାରୀ ବିଜୟ ଅମୃତା କୁଲାଙ୍ଗେଙ୍କ ପିଲାଦିନ ଅତ୍ୟନ୍ତ ସଂଘର୍ଷମୟ ଓ ଯୁବସମାଜ ପାଇଁ ଉତ୍ସାହପ୍ରଦ। ଦିନମଜୁରିଆ ପରିବାରରେ ଜନ୍ମ ହୋଇ ଅତିଶୟ ଦାରିଦ୍ର୍ୟ, ଅଭାବ ତଥା ଆର୍ଥିକ ଦୁରବସ୍ଥା କୁଲାଙ୍ଗେଙ୍କ ପାଇଁ କେତେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିବ ତାହା ସହଜରେ ଅନୁମେୟ। ଗଞ୍ଜାମର ଜିଲାପାଳ ଭାବେ ଅସାଧାରଣ ପ୍ରଶାସନିକ ଦକ୍ଷତା ଓ ଶ୍ରଦ୍ଧାଶୀଳ ସେବା ଦ୍ୱାରା କରୋନା କବଳରୁ ଜିଲାର ହଜାର ହଜାର ଲୋକଙ୍କୁ ବଞ୍ଚେଇଛନ୍ତି ତାହା ପ୍ରଶଂସନୀୟ।

ଟୋକିଓ ଅଲିମ୍ପିକ୍ସରେ ନିଜ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇଥିବା ଖେଳାଳିମାନେ ଅନେକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେହି ଜାଗାରେ ପହଞ୍ଚିଛନ୍ତି। ଆମ ରାଜ୍ୟର ଝିଅ ଦ୍ୟୁତି ଟୋକିଓ ଅଲିମ୍ପିକ୍ସରେ ଭାଗ ନେବା ପଛରେ ରହିଛି ନିଜର ଅଧ୍ୟବସାୟ, କଠୋର ପରିଶ୍ରମ, ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବାର ସାମର୍ଥ୍ୟ। ଦ୍ୟୁତିଙ୍କ ଭଳି ଆହୁରି ରୋମାଞ୍ଚକର ଜୀବନୀ ହେଉଛି ତୀରନ୍ଦାଜ ପ୍ରବୀଣ ଯାଦବଙ୍କର। କି ସଂଘର୍ଷମୟ ଜୀବନଗାଥା! ଦିନମଜୁରିଆ ଘରର ପିଲା। ଏମିତିକି କରୋନା ତାଲାବନ୍ଦ ବେଳେ ଘର ଚଳେଇବା କଠିନ ହୋଇଗଲା ବୋଲି ଦିନମଜୁରିଆ ଭାବେ କାମ କରିଛନ୍ତି ପ୍ରବୀଣ। କିନ୍ତୁ ସବୁ ସଂଘାତ ଓ ସଂଘର୍ଷ ସତ୍ତ୍ୱେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନାହାନ୍ତି ସେ। ଏମାନେ ସେହି ସ୍ଥାନର ପହଞ୍ଚିବା ଲାଗି ସେମାନଙ୍କ ସଂଘର୍ଷ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇଛି। ତେଣୁ ବ୍ୟାସକବି କହନ୍ତି- ଉନ୍ନତିର ପଥ ବିଘ୍ନ ସତ ସତ, ବେଢ଼ିଛନ୍ତି ସ୍ଥଳେ ସ୍ଥଳେ, ହୋଇ ମହାବଳୀ ଚାଲ ପଦେ ଦଳି, ଉତ୍ସାହ ପ୍ରେରଣା ବଳେ।

କହିବାର ଅଭିପ୍ରାୟ ହେଉଛି, ମଣିଷ ନିଜ ସାମର୍ଥ୍ୟର ସଠିକ ଆକଳନ କରି ସବୁ ସମସ୍ୟା ଓ ପ୍ରତିବନ୍ଧକକୁ ସାହସର ସହ ଦୂର କରି ଆଗେଇ ପାରିଲେ ସଫଳତା ନିଶ୍ଚୟ ମିଳେ। ଏଭଳି ଉଦ୍ୟମୀ କର୍ମଯୋଗୀ ମଣିଷମାନଙ୍କୁ ପରମାତ୍ମାଙ୍କ ଅଦୃଶ୍ୟ ଆଶିଷ ମଧ୍ୟ ପ୍ରାପ୍ତ ହୋଇଥାଏ। ବଣରେ ସିଂହର ଉପନୟନ ସଂସ୍କାର କିମ୍ବା ରାଜା ଭାବରେ ଅଭିଷେକ ଆଦି କରାଯାଇନଥାଏ। ନିଜ ପରାକ୍ରମରେ ହିଁ ସେ ପଶୁରାଜ ପଦରେ ଅଧିକରଣ ହୋଇଥାଏ। ତେଣୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ସାମାନ୍ୟ ବାଧାବିଘ୍ନ ଦେଖି ନିଜ ଲକ୍ଷ୍ୟପଥରୁ ଓହରି ନ ଯାଇ କଠିନ ପରିଶ୍ରମ ବଳରେ ନିଜ ସାମର୍ଥ୍ୟର ପ୍ରାମାଣିକ ପରୀକ୍ଷା ଦେଇ ଜୀବନର ଚରମ ଲକ୍ଷ୍ୟପ୍ରାପ୍ତି ପାଇଁ ସଂକଳ୍ପ ନେବାକୁ ହେବ। ବିଶେଷକରି ଆଜିର ଯୁବସମାଜ ଏ ସମ୍ବନ୍ଧରେ ସଚେତନ ଓ ସମ୍ବେଦନଶୀଳ ହେବା ଜରୁରୀ। କ୍ଷଣିକ ସୁଖ ବା ସାମାନ୍ୟ ଅର୍ଥ ଓ ସ୍ୱାର୍ଥ ପାଇଁ ନିଜ ଜୀବନକୁ ବରବାଦ ନ କରି ସତ୍ୟପଥର ଯାତ୍ରୀ ହୋଇ ନିଜ ପରମାର୍ଥ, ପରାକ୍ରମ ଓ ପରିଶ୍ରମ ବଳରେ ନିଜକୁ ସ୍ଥାପିତ କରିବାର ଶପଥ ନେବା ଉଚିତ। ସର୍ବୋପରି ସ୍ୱପ୍ନ ସାକାରର ଅଦମ୍ୟ କ୍ଷୁଧା ଓ ଅବିଶ୍ୱାସ୍ୟ ପ୍ରଚେଷ୍ଟା ହିଁ ସେମାନଙ୍କୁ ସେମାନଙ୍କର ଉପଯୁକ୍ତ ପ୍ରାପ୍ୟ ଦେଇପାରିବ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍, ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍, ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍, ଥୋମାସ୍ ଏଡିସନ୍, ୱିନ୍‌ଷ୍ଟନ ଚର୍ଚ୍ଚିଲ, କ୍ରିକେଟର ସଚିନ ତେନ୍ଦୁଲକର, ଲେଖିକା ହ୍ୟାରୀ ପୋଟର, କୋଟିପତି ବିଲ୍ ଗେଟ୍ସ, ଆକାଶବାଣୀ ଦ୍ୱାରା ପ୍ରତ୍ୟାଖ୍ୟାତ ବିଗ୍ ବି ଅମିତାଭ ବଚ୍ଚନ, ବାଲ୍ୟକାଳରୁ ଖନା ଥିବା ସଫଳ ସିନେ ଅଭିନେତା ଅନୁପମ ଖେର, ଫୁଟବଲ ଖେଳାଳି ଲିଓନେଲ ମେସି, ଚାର୍ଲି ଚାପ୍‌ଲିନ, କଲୋନେଲ୍ ସଣ୍ଡର୍ସ, ଖେଳାଳି ମାଇକେଲ ଜୋର୍ଡାନ୍ ଆଦି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିମାନେ ଜୀବନରେ ବିଫଳତାରୁ ହିଁ ସଫଳତାର ସ୍ୱାଦ ଚାଖିଛନ୍ତି। ତେଣୁ ବିଫଳତାକୁ ସଫଳତାରେ ବଦଳେଇବାର କୌଶଳ ଶିକ୍ଷା ହିଁ ପ୍ରକୃତ ଶିକ୍ଷା।

ଶେଷରେ ଏକ ଛୋଟ କାହାଣୀ। ନୀଳ ଆକାଶରେ ଅନାୟାସରେ ଉଡୁଥିବା ବେଳେ ମାଆ ପକ୍ଷୀଟି ଗର୍ଭଯନ୍ତ୍ରଣା ଅନୁଭବ କଲା। ଜାଣିପାରିଲା ନିଜ ଉତ୍ତରପିଢ଼ିକୁ ଜନ୍ମଦେବାର ବେଳ ଉପନୀତ। କିନ୍ତୁ ତଳେ ବିଶାଳ ସମୁଦ୍ର। ଯାହାହେଉ, ବହୁ କଷ୍ଟରେ ସମୁଦ୍ରକୂଳରେ ପହଞ୍ଚି ଅଣ୍ଡା ଦେଲା। କିନ୍ତୁ ଅବିଳମ୍ବେ ସମୁଦ୍ର ଢେଉ ଅଣ୍ଡାଟିକୁ ବିଶାଳ ସମୁଦ୍ର ଭିତରକୁ ନେଇଗଲା। ଆଖି ଆଗରେ ନିଜ ବଂଶ ବୁଡ଼ିଯିବା ଦେଖି ପକ୍ଷୀଟି ଅଣ୍ଡା ଫେରେଇବାକୁ ସମୁଦ୍ର ଦେବଙ୍କୁ ଅତ୍ୟନ୍ତ ନେହୁରା ହେଲା। କିଏବା ଶୁଣିବ ଏହି ଅସହାୟ ପକ୍ଷୀର ଆକୁଳ ନିବେଦନ! ସକଳ ପ୍ରଚେଷ୍ଟା ବିଫଳ ହେବା ପରେ ନିଜ ଚଞ୍ଚୁରେ ବାଲି ଆଣି ସମୁଦ୍ର ଶୁଖେଇବାର ସଂକଳ୍ପ ନେଇ କାମ ଆରମ୍ଭ କଲା। ଟିକି ପକ୍ଷୀଟିର ଅଦମ୍ୟ ପ୍ରଚେଷ୍ଟାରେ ପକ୍ଷୀରାଜ ଗରୁଡ଼ ସହ ସମଗ୍ର ପକ୍ଷୀକୁଳ ସମୁଦ୍ର କୂଳରେ ଯୋଗଦାନ କରି ମାଆ ପକ୍ଷୀର ସଂକଳ୍ପ ପୂର୍ଣ୍ଣ ପାଇଁ ଲାଗିପଡ଼ିଲେ। ଶେଷରେ ଭଗବାନ୍ ବିଷ୍ଣୁଙ୍କ ହସ୍ତକ୍ଷେପରେ ସମୁଦ୍ରଦେବ ବରୁଣ ସସମ୍ମାନେ ଅଣ୍ଡାଟିକୁ ଫେରେଇ ଦୁଃଖ ପ୍ରକାଶ କଲେ। କାହାଣୀ କାଳ୍ପନିକ ହୋଇପାରେ, କିନ୍ତୁ ଏହାର ନିର୍ଯାସ ଶିକ୍ଷଣୀୟ ଓ ପ୍ରେରଣାଦାୟୀ। ଅର୍ଥାତ୍ ନିଜକୁ ଛୋଟ ମନେ ନ କରି, ନିଜ ଦକ୍ଷତା ଓ ଅନ୍ତର୍ନିହିତ ଶକ୍ତିକୁ ଆବିଷ୍କାର କରି ସଠିକ କର୍ମ କଲେ ସବୁ ଅସାଧ୍ୟ ସାଧ୍ୟ ହୋଇପାରେ। ଆଶା, ଯୁବପିଢ଼ି ଏହି ପନ୍ଥା ଅନୁସରଣ କରିବେ।

ଅଧ୍ୟାପକ, ସରକାରୀ ମହାବିଦ୍ୟାଳୟ,
ଜୟପୁର, କୋରାପୁଟ,
ମୋ:୯୪୩୭୯୧୪୮୧୮

## ଏଇ ଭାରତରେ

ନିଜର ମାର୍କେଟିଂ ରଣନୀତିରେ ଜଣେ କୃଷକ ୩୨ଟି ଦେଶର ଲୋକଙ୍କୁ ଆକର୍ଷିତ କରିବା କିଛି କମ୍ କଥା ନୁହେଁ। ତାଙ୍କର ଏଭଳି ମାର୍କେଟିଂ ରଣନୀତିକୁ ସହଜରେ କେହି ବିଶ୍ୱାସ କରୁ ନ ଥିଲେ ବି ସତ। ଏହି କୃଷକ ହେଉଛନ୍ତି ଗୁଜରାଟର ପୁରୁଷୋତ୍ତମ ସିଦ୍‌ପରା। ସେ ଜୈବିକ ପଦ୍ଧତିରେ ଚାଷ କରି ୪୦% ଖର୍ଚ୍ଚ ସହ ୨୦% ପାଣି ଉପଯୋଗ କମ୍ କରିପାରିଛନ୍ତି। ଗୁଜରାଟର ମରୁଡି ପ୍ରବଣ ସୌରାଷ୍ଟ୍ର ଅଞ୍ଚଳର ଜାମକା ଗାଁରେ ରହନ୍ତି ୫୦ ବର୍ଷୀୟ ପୁରୁଷୋତ୍ତମ। ସେ ବିଭିନ୍ନ ପ୍ରକାର ଶସ୍ୟ, ମସଲା, ପରିବା, ଫଳ ଆଦି ଉତ୍ପାଦନ କରୁଛନ୍ତି। ଏହାକୁ ଭାରତ ସମେତ ଆମେରିକା, ଇଂଲଣ୍ଡ, ନରୱେ, ଜର୍ମାନୀ ଓ ଇଥିଓପିଆ ଆଦି ୧୦ ଦେଶରେ ବିକ୍ରି କରୁଛନ୍ତି। ହେଲେ ୩୨ଟି ଦେଶରୁ ଲୋକେ ତାଙ୍କ ଗାଁକୁ ଚାଷ ପଦ୍ଧତି ଦେଖିବାକୁ ଆସିଥାଆନ୍ତି। ପୁରୁଷୋତ୍ତମ ଚାଷରୁ ବର୍ଷକୁ ୨ କୋଟି ଟଙ୍କା ବ୍ୟବସାୟ କରୁଛନ୍ତି। ସେ ୧୮ ବର୍ଷ ବୟସରୁ ଚାଷ କରୁଛନ୍ତି। ଏହା ସହ ମରୁଡ଼ି ପ୍ରବଣ ଅଞ୍ଚଳର କୃଷିରେ ବିକାଶ କରିବା ପାଇଁ ଗ୍ରାମବାସୀଙ୍କ ସହଯୋଗରେ ୪୫ ଲକ୍ଷ ଟଙ୍କା ପାଣ୍ଠି ଯୋଗାଡ଼ କରି ୫୫ଟି କ୍ଷୁଦ୍ର ବନ୍ଧ ନିର୍ମାଣ କରିବା ସହ ୫ଟି ପୁଷ୍କରିଣୀ ଖୋଳିଛନ୍ତି। ଏପରି କି ଗୁଜରାଟ ସରକାର ତାଙ୍କର ଏହି ମଡେଲକୁ ଅନ୍ୟ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ଗ୍ରହଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୯୬

- ଚେଚେନିୟାର ଦକ୍ଷିଣାଞ୍ଚଳର ଗ୍ରାମଗୁଡ଼ିକ ଉପରେ ରୁଷିଆ ସାମରିକ ବିମାନର ପ୍ରବଳ ବୋମାମାଡ଼ ଯୋଗୁ ୨୦ ବେସାମରିକ ବ୍ୟକ୍ତିଙ୍କ ପ୍ରାଣହାନୀ।
- ଜାତିୟତାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଢାକାରୁ ବହିଷ୍କୃତ ୧୯ ଜଣ ବ୍ୟକ୍ତି କରାଚି ବିମାନବନ୍ଦରରେ ପହଞ୍ଚିବା ପରେ ପାକିସ୍ତାନର ବିଦେଶାଗମନ ବିଭାଗ କର୍ମକର୍ତ୍ତାମାନେ ସେମାନଙ୍କୁ ଗିରଫ କରିଛନ୍ତି।

## ଚିରନ୍ତନୀ

ପଉଷ-ଶୀତଳ କର୍କଶ କରେ ଛୁଇଁ
ମୋ ଦେହ, କହିଲା,- ଜୀବନ! ଜୀବନ ମୁହିଁ!
କାହିଁକି ଜୀବନ-ପୁଛିଲି, ଏ ଧରାତଳେ?
ଚଉଦିଶେ ଏ ଯେ ମୃତ୍ୟୁର ଚିତା ଜଳେ!
-(ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସଚେତନ ହେବା ଜରୁରୀ

ମହାଶୟ,

ଆସନ୍ତା ବର୍ଷ ଶେଷ ଆଡ଼କୁ ପଞ୍ଚାୟତ ଭୋଟ ପାଇଁ ସରଗରମ ହୋଇ ଉଠିବ ଗ୍ରାମପଞ୍ଚାୟତ ଅଧୀନସ୍ଥ ସମସ୍ତ ଗ୍ରାମ। ଅତୀତର ବିଧାୟକମାନେ ଯାହା କମାଇ ନ ଥିଲେ ଏବେକାର କୁଜି ଟାଉଟରମାନେ କେତେ ଗୁଣା କମେଇଲେଣି ତା'ର ହିସାବ ନାହିଁ। ଏତେ ଦୁର୍ନୀତି ଯେ, କହିଲେ ଗୁଣ୍ଡା ଲଗାଇ ମାରିଦେବାକୁ ଡରୁ ନାହାନ୍ତି। ସାଧାରଣଜନତା ତାଙ୍କର ଅସଲ ଉଦ୍ଦେଶ୍ୟ ଜାଣିପାରୁ ନାହାନ୍ତି। ତେଣୁ ଲୋକମାନେ କୌଣସି ଯୋଜନାରେ ସୁଫଳ ପାଉ ନାହାନ୍ତି। ଓଡ଼ିଶା ଏକ ଧର୍ମବିଶ୍ୱାସୀ ରାଜ୍ୟ । ଏହାର ଫାଇଦା ଧରମଛଡ଼ାମାନେ ନେଉଛନ୍ତି । ଏଥିପ୍ରତି ଜନସାଧାରଣ ସଚେତନ ହେବା ଜରୁରୀ।

-ସ୍ମିତା ସାହୁ, ପଣସପଡ଼ା, ବ୍ରହ୍ମଗିରି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେପ୍ଟେମ୍ବର ୧ରେ ଓଏସ୍ଏସ୍‌ଟିଇଟି

କଟକ ଅଫିସ,୩।୮: ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ(ଓଏସ୍ଏସଟିଇଟି) ତାରିଖରେ ପରିବର୍ତ୍ତନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧ରେ ଏହି ପରୀକ୍ଷା ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଉକ୍ତ ପରୀକ୍ଷା ଅଗଷ୍ଟ ୨୭ରେ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଓଏସ୍ ପ୍ରିଲିମିନାରି ପରୀକ୍ଷା ପାଇଁ ଓଏସ୍ଏସ୍‌ଟିଇଟି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ତେବେ କେତୋଟି ପରୀକ୍ଷା କେନ୍ଦ୍ର କରାଯିବ ସେ ସମ୍ପର୍କରେ ଖୁବ୍‌ଶୀଘ୍ର ସୂଚନା ଦିଆଯିବ।

# ଭାଜପାକୁ କାହିଁକି ସମର୍ଥନ ଦିଆଗଲା ଜାଣିନି

**ଧରିତ୍ରୀ ଆଳାପ**

**ପୁରୀ ଲୋକ ସଭା ଆସନରୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ପିନାକୀ ମିଶ୍ର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି। ସେ ମୋଟ ୪ଥର ପୁରୀ ଲୋକ ସଭା ଆସନରୁ ଏମ୍‌ପି ଭାବେ ବିଜୟୀ ହୋଇଛନ୍ତି। ସେ ପ୍ରଥମେ ୧୯୯୬ରେ କଂଗ୍ରେସ ଟିକେଟରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ବିଜେଡିରେ ଯୋଗଦେଇ ୨୦୦୯ରୁ ଲଗାତର ତୃତୀୟ ଥର ଲାଗି ଶାସକ ଦଳର ଏମ୍‌ପି ହୋଇପାରିଛନ୍ତି। ଚଳିତ ଥର ବିଜେଡି ତାଙ୍କୁ ଲୋକ ସଭାରେ ସଂସଦୀୟ ଦଳର ନେତା ଭାବେ ଦାୟିତ୍ୱ ପ୍ରଦାନ କରିଛି। ରାଜନୀତିରେ ସଫଳତା ପାଇଥିବା ପିନାକୀ ଓକିଲାତିରେ ମଧ୍ୟ ଭଲ ନାଁ କମାଇଛନ୍ତି। ବର୍ତ୍ତମାନର ଜାତୀୟ ଓ ରାଜ୍ୟ ରାଜନୀତିରେ ବିଜେଡିର ଭୂମିକା ଏବଂ କାର୍ଯ୍ୟକ୍ରମ ନେଇ ପିନାକୀଙ୍କ ସହ ଧରିତ୍ରୀ ତରଫରୁ ଆଳାପ।**


ପିନାକୀ ମିଶ୍ର

**୧. ଆପଣ ଲୋକ ସଭାରେ ବିଜେଡି ସଂସଦୀୟ ଦଳର ନେତା ଅଛନ୍ତି। ଏହି ପଦବୀ ଆପଣଙ୍କ ଗୁରୁତ୍ୱ କେଉଁଭଳି ବଢ଼ାଇଛି । ଆପଣଙ୍କୁ ଏହି ଦାୟିତ୍ୱ ଭଲ ଲାଗୁଛି ନା ନାହିଁ?**
ଉତ୍ତର: ଏହା କୌଣସି ଗୁରୁତ୍ୱର କଥା ନୁହେଁ ବରଂ ସେବାର ବିଷୟ। ମୁଖ୍ୟମନ୍ତ୍ରୀ ଦେଇଥିବା ଦାୟିତ୍ୱ ଦିଲ୍ଲୀ ଦରବାରରେ ଉଠାଉଛି। କେବଳ ନାଁକୁ ନେତା। ବିଜେଡି ଏବଂ ମୁଖ୍ୟମନ୍ତ୍ରୀଙ୍କ କଥାକୁ ଠିକ୍ ଢଙ୍ଗରେ ଉପସ୍ଥାପନା କରିବାକୁ ପଡୁଛି। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଙ୍କ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କଥାକୁ ଉପଯୁକ୍ତ ଭାବେ ଉପସ୍ଥାପନ କରି ସେମାନଙ୍କ କଥାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ରହିଛି।

**୨. ବର୍ତ୍ତମାନ ଜାତୀୟ ରାଜନୀତିରେ ପେଗାସସ୍, ୩ ନୂତନ କୃଷି ଆଇନ, ତେଲର ଦରବୃଦ୍ଧି ପ୍ରସଙ୍ଗରେ ସବୁ ବିରୋଧୀ ପାର୍ଲାମେଣ୍ଟରେ ଏକାଠି ଥିବାବେଳେ ବିଜେଡି ନୀରବ ରହିବାର କାରଣ କ'ଣ? ମୁଖ୍ୟମନ୍ତ୍ରୀ ଏସବୁ ପ୍ରସଙ୍ଗ ଦିଲ୍ଲୀ ଦରବାରରେ ଉଠାଇବାର ଦାୟିତ୍ୱ ଦେଇନାହାନ୍ତି କି?**
ଉତ୍ତର: ବିଜେଡି ଏସବୁ ପ୍ରସଙ୍ଗରେ ଜମାରୁ ନୀରବ ନାହିଁ। ପେଗାସସ୍ ପ୍ରସଙ୍ଗରେ ୯ ଦିନ ହେଲା ପାର୍ଲାମେଣ୍ଟ ଚାଲିପାରୁନାହିଁ। ସେହି ଘଟଣା ଏବେ ସୁପ୍ରିମକୋର୍ଟରେ ଅଛି। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଯାହା ମତ ବିଜେଡି ରଖିବା କଥା ରଖିବ। ସେହିପରି ସ୍ୱାମୀନାଥନ କମିଟି ରିପୋର୍ଟକୁ ନେଇ ବିଜେଡି ପ୍ରସ୍ତାବ ଭାଜପା ମାନିଥିଲେ ବର୍ତ୍ତମାନ ଏପରି ବିରୋଧର ସମ୍ମୁଖୀନ ହେବାକୁ ପଡ଼ି ନ ଥାଆନ୍ତା। ବର୍ତ୍ତମାନ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ହୋଇଛି। ପ୍ରଧାନମନ୍ତ୍ରୀ ନିଶ୍ଚିତ କିଛି ଚିନ୍ତାକରି ଏହା କରିଛନ୍ତି। କେନ୍ଦ୍ର ସରକାର ତେଲ ଉପରେ ଅଧିକ ଶୁଳ୍କ ରଖିଛନ୍ତି, ସେଥିଲାଗି ଦର ବୃଦ୍ଧି ପାଇଛି। ଦୁଃଖର ବିଷୟ ଧର୍ମେନ୍ଦ୍ର ପ୍ରଧାନଙ୍କ ତୈଳମନ୍ତ୍ରୀ କାର୍ଯ୍ୟକାଳ ସମୟରେ ତେଲ ଦର ଏତେ ମାତ୍ରାରେ ବଢ଼ିଯାଇଛି। ନୂଆ ମନ୍ତ୍ରୀ ଆସିବା ପରେ ଗତ ୧୫ ଦିନ ହେବ ତେଲ ଦରରେ ବୃଦ୍ଧି ଘଟିନାହିଁ।

**୩. ତେଲ ଦର ମାତ୍ର ୧୫ ଦିନ ହେଲା ବୃଦ୍ଧି ପାଇନି, ହେଲେ ତେଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି, ଏହାକୁ ଆପଣ କ'ଣ ଠିକ୍ ଭାବୁଛନ୍ତି?**
ଉତ୍ତର: ଆର୍ଥିକ କୁପରିଚାଳନା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହା ଫଳରେ ଧାର୍ଯ୍ୟ ରାଜସ୍ୱ ସରକାର ଆଦାୟ କରିପାରୁ ନାହାନ୍ତି। ଅର୍ଥନୀତି ଭୁଶୁଡ଼ି ପଡ଼ିଲାଣି। କେନ୍ଦ୍ରର ଯୋଜନା ଯୋଗୁ ଆଜି ଏହି ଅବସ୍ଥା। ଅର୍ଥନୀତି ବଢ଼ିଲେ ରାଜସ୍ୱ ବଢ଼ିବ। କେନ୍ଦ୍ର ସରକାରଙ୍କ ତେଲ ଟିକସ ଜରିଆରେ ରାଜସ୍ୱ ବଢ଼ାଇବାର ଲକ୍ଷ୍ୟ ଭୁଲ୍ ପ୍ରମାଣିତ ହେଉଛି।

**୪. ତେବେ ଏହିସବୁ କଥା ବିଜେଡି କ'ଣ ଆଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରି ତୈଳ ଦର ବୃଦ୍ଧିକୁ ବିରୋଧ କରିବାର ଯୋଜନା ରଖିଛି କି?**
ଉତ୍ତର: ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପାର୍ଲାମେଣ୍ଟରେ ଉଠାଇବାକୁ ଦିଆଯାଇଥିବା ପ୍ରସଙ୍ଗ ଭିତରେ ତେଲ ଦରବୃଦ୍ଧି କଥାକୁ ମୁଖ୍ୟ ପ୍ରସଙ୍ଗ ରଖାଯାଇଛି। ବିଜେଡି କେବେହେଲେ ପାର୍ଲାମେଣ୍ଟ ବ୍ୟାହତ କରିନାହିଁ। ଆମେ ସବୁବେଳେ ଆଲୋଚନା ଚାହୁଁ। ପେଗାସସ୍ ଘଟଣାରେ କେନ୍ଦ୍ର ଗୋଟିଏ ମାଧ୍ୟମରେ ଆଲୋଚନା ଚାହୁଁଥିବା ବେଳେ ବିରୋଧୀ ଅନ୍ୟ ପ୍ରକାରେ ଚାହୁଁଛନ୍ତି। ଉଭୟ ବିରୋଧୀ ଏବଂ ଶାସକ ଫ୍ଲେକ୍ସିବୁଲ ହେବା ଆବଶ୍ୟକ।

**୫. ସବୁବେଳେ କଂଗ୍ରେସ ଓ ଭାଜପାଠାରୁ ସମଦୂରତା କଥା ବିଜେଡି କହିଆସୁଛି। ହେଲେ ଆଗାମୀ ଦିନରେ ଯଦି ଭାଜପାର ସମର୍ଥନ ଲୋଡ଼ାପଡ଼େ ତେବେ ବିଜେଡି ପ୍ରଥମେ ଆଗେଇ ଆସିବ ବୋଲି ଚର୍ଚ୍ଚା ହେଉଛି। ଏହାକୁ ଆପଣ କେମିତି ଦେଖନ୍ତି?**
ଉତ୍ତର: ଏ ବିଷୟରେ କହିବା ଠିକ୍ ନୁହେଁ। କେଉଁ ପରିସ୍ଥିତିରେ କ'ଣ ହେବ କହି ହେବନାହିଁ। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏ କ୍ଷେତ୍ରରେ ଚିନ୍ତା କରିବାକୁ ଯଥେଷ୍ଟ ବୁଦ୍ଧି ଅଛି।

**୬. ଏହା କେବଳ ଏକ ଚର୍ଚ୍ଚାର ବିଷୟ ବୋଲି କୁହାଯାଇ ନ ପାରେ, କାରଣ ବିଜେଡି ବିଗତ ଦିନରେ ଭାଜପା ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଦେଇ ଜିତାଇବା ପରେ ସେ ମନ୍ତ୍ରୀ ହେବା ସହ ପେଗାସସ୍ ଝାମେଲାରେ ସମ୍ପୃକ୍ତ ହୋଇଛନ୍ତି। ରାଜ୍ୟର ପ୍ରମୁଖ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଶାସକ ଦଳ ସମର୍ଥନ ଦେବା ଉଭୟ ଦଳ ଭିତରେ ଭଲ ବୁଝାମଣା ଥିବାର ଏକ ବଡ଼ ଦୃଷ୍ଟାନ୍ତ ବୋଲି ଆପଣ ମନେକରନ୍ତି ନାହିଁ କି?**
ଉତ୍ତର: ମୁଁ ବେଶି ଖୁସି ଓଡ଼ିଶାର ଜଣେ ଏମ୍‌ପି ହୋଇ ରେଲୱେ ଏବଂ ଆଇଟି ମନ୍ତ୍ରୀ ହୋଇଛନ୍ତି। ଓଡ଼ିଶା ଟେଲି ଡେନ୍‌ସିଟି ଏବଂ ୱାଇଫାଇ ଡେନ୍‌ସିଟିରେ ବହୁ ପଛୁଆ ଅଛି। ବୈଷ୍ଣବ ଏହାକୁ ଆଗକୁ ବଢ଼ାଇବାରେ ଅଗ୍ରଣୀ ଭୂମିକା ନେବେ।

**୭. ବିଜେଡିର କୌଣସି ଏମ୍‌ପିଙ୍କୁ ମନ୍ତ୍ରୀ କରାଯାଇଥିଲେ କ'ଣ ଆପଣ ଖୁସି ହୋଇ ନ ଥାଆନ୍ତେ? ଏହାଦ୍ୱାରା ବିଜେଡି ଓ ଭାଜପା ଏକ ବୋଲି ଏକ ବାର୍ତ୍ତା ଲୋକଙ୍କ ନିକଟକୁ ଗଲା ନାହିଁ କି?**
ଉତ୍ତର: ଆମେ ଏନ୍‌ଡିଏର ପାର୍ଟ ନୁହେଁ। ସମଦୂରତା ସବୁବେଳେ ଅବଲମ୍ବନ କରିଆସିଛୁ। କାହିଁକି ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ ଦିଆଯାଇଛି ଜାଣି ନାହିଁ। ହୁଏତ ବୈଷ୍ଣବ ମନ୍ତ୍ରୀ ହେବା କଥାକୁ ଆଖି ଆଗରେ ରଖି ଏଭଳି ସମର୍ଥନ ଦିଆଯାଇଥାଇପାରେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଭିତର କଥା। ଆମ ସ୍ତରରେ ଆମେ ଆଚାର ବିଚାର କରିବା ଉଚିତ ନୁହେଁ।

**୮. ଭାଜପା ରାଜ୍ୟରେ ବିଦ୍ୟୁତ୍ ଦରଠାରୁ ଆରମ୍ଭକରି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିବା ବେଳେ ତେଲ ଦର ପ୍ରସଙ୍ଗରେ ବିଜେଡି ନୀରବ ରହୁଛି। ଏବେ କୁହାଯାଉଛି ଯେ ଆପଣମାନେ ଭାଜପା ବି-ଟିମ୍ ସାଜିଛନ୍ତି। ଏହାର ସତ୍ୟାସତ୍ୟ କ'ଣ?**
ଉତ୍ତର: ଭାଜପା ଏଠାରେ ଏଥିଲାଗି ବିରୋଧ ନାଁରେ ବିଭିନ୍ନ ଆନ୍ଦୋଳନ କରୁଛି, କାରଣ ତାଙ୍କ ଦଳର ନେତାମାନଙ୍କ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିଯାଇଛି। ଭାଜପା ଭିତରେ ଏବେ ବ୍ୟାପକ ମାତ୍ରାରେ ଅନ୍ତର୍ଦ୍ୱନ୍ଦ୍ୱ ଚାଲିଛି। ସେମାନେ ବୁଝିବା ଉଚିତ, ବିଭିନ୍ନ କଥାରେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ଅନ୍ୟ ମନ୍ତ୍ରୀମାନେ ଓଡ଼ିଶା ସରକାରଙ୍କ ଅନେକ କଥାକୁ ପ୍ରଶଂସା କରୁଛନ୍ତି।

**୯. ୨୦୧୪ ସାଧାରଣ ନିର୍ବାଚନରେ ଅଢ଼େଇ ଲକ୍ଷରୁ ଅଧିକ ଭୋଟରେ ଆପଣ ଜିତିଥିବା ବେଳେ ୨୦୧୯ ନିର୍ବାଚନରେ କାହିଁକି ଜିତିବା ବ୍ୟବଧାନ ୧୧ ହଜାରକୁ ଖସି ଆସିଲା। ଆପଣ ବିଗତ ଦିନରେ ଜିତିବା ପରେ ନିର୍ବାଚନମଣ୍ଡଳୀକୁ ଯାଇ ଲୋକଙ୍କ ପାଖରେ ପହଞ୍ଚୁ ନ ଥିବା ଆଲୋଚନା ହେଉଛି। ଏହାର ପ୍ରତିକାର ଆପଣ କ'ଣ କରୁଛନ୍ତି?**
ଉତ୍ତର: ୨୦୧୯ ସାଧାରଣ ନିର୍ବାଚନରେ ପୁରୀ ଲୋକ ସଭା ଆସନରେ ବିଜେଡିର ଭୋଟ କମିନି। କଂଗ୍ରେସ ବହୁ ତଳକୁ ଚାଲିଯାଇଛି। କଂଗ୍ରେସ ଭୋଟ ବିଜେଡି ବିରୋଧୀ, ଯେଉଁ ଭୋଟ ଭାଜପା ସପକ୍ଷରେ ଯାଇଛି। ଏଥର ଦ୍ୱିମୁଖୀ ଲଢ଼େଇ ହୋଇଥିବାରୁ ଜିତିବା ବ୍ୟବଧାନ ହ୍ରାସ ପାଇଛି।

**୧୦. ନିକଟରେ ଆପଣ ସ୍ୱର୍ଗଦ୍ୱାର ସୌନ୍ଦର୍ଯ୍ୟକରଣ ନେଇ ଏକ ଟୁଇଟ୍ କରିଥିଲେ। ଏହି ଟୁଇଟ୍‌ରେ ଆପଣଙ୍କୁ ମିଳିଥିବା କମେଣ୍ଟ ମଧ୍ୟରୁ ଅଧିକାଂଶ ପୁରୀବାସୀ ଆପଣଙ୍କୁ ସମାଲୋଚନା କରିଥିବା ଦେଖିବାକୁ ମିଳିଛି। ଆପଣ କେବେହେଲେ ଲୋକଙ୍କ ସମସ୍ୟା ସହ ଅବଗତ ନ ଥିବା ନେଇ ଏଥିରେ ମାତ୍ରାଧିକ ଦର୍ଶାଯାଇଥିଲା। ଏଭଳି ଲୋକଙ୍କ ଅସନ୍ତୋଷର କାରଣ କ'ଣ ହୋଇପାରେ ବୋଲି ଆପଣ ଭାବୁଛନ୍ତି?**
ଉତ୍ତର: ଭାଜପାର ଟ୍ରୋଲ୍ ଆର୍ମିଙ୍କ ଏ ସବୁ କାର୍ଯ୍ୟ। ଏଥିରେ ଆଉ କିଛି ନାହିଁ। ନିର୍ବାଚନମଣ୍ଡଳୀ ସହିତ ଯଥେଷ୍ଟ ରହିଛି, ସେଥିଲାଗି ପୁରୀବାସୀ ୪ଥର ପାର୍ଲାମେଣ୍ଟକୁ ପଠାଇଛନ୍ତି।

**୧୧. ଆପଣଙ୍କୁ କ'ଣ ଖାଇବାକୁ ଭଲ ଲାଗେ?**
ଉତ୍ତର: ବହୁତ କମ୍ ଖାଇବାକୁ ଭଲ ଲାଗେ। ଅବଢ଼ା ଖାଇବାକୁ ବହୁତ ଭଲ ଲାଗେ, ସବୁବେଳେ ମିଳିଲେ ଖାଆନ୍ତି।

**୧୨. ଆପଣ ଶେଷଥର କେଉଁ ସିନେମା ଦେଖିଥିଲେ?**
ଉତ୍ତର: ନେଟ୍‌ଫ୍ଲିକ୍ସରେ ଡକ୍ୟୁମେଣ୍ଟାରି, ରିଅଲ ଲାଇଫ ବାଇଓଗ୍ରାଫି ଦେଖିବାକୁ ଭଲ ଲାଗେ। ନିକଟରେ ମେକିଂ ଅଫ୍ ଏ ଟାଇରାଣ୍ଟ ଦେଖିଥିଲି।

**୧୩. ଭାରତର କେଉଁ ସ୍ଥାନ ଆପଣଙ୍କୁ ଆକର୍ଷଣୀୟ ଲାଗେ?**
ଉତ୍ତର: ପୁରୀ ବେଳାଭୂମିଠାରୁ ଭଲ ସ୍ଥାନ ଭାରତବର୍ଷରେ କେଉଁଠି ନାହିଁ। ମତେ ସେହି ସ୍ଥାନ ବହୁତ ଭଲ ଲାଗେ।

–ସାକ୍ଷାତ୍‌କାର: ସୁନୀତ୍ ମିଶ୍ର

## କୋର୍ଟଙ୍କ ଆଦେଶ ଜୁଡିସିଆଲ ଅଧିକାରୀ ମାନୁନାହାନ୍ତି

**ହାଇକୋର୍ଟରେ ପିଟିଶନ ଦାଖଲ**

କଟକ ଅଫିସ,୩।୮

କୋର୍ଟଙ୍କ ଆଦେଶକୁ ଜୁଡିସିଆଲ ଅଧିକାରୀ ମାନୁ ନ ଥିବା ନେଇ ମଙ୍ଗଳବାର ହାଇକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ପିଟିଶନରେ ଦର୍ଶାଇଛନ୍ତି, ବଲାଙ୍ଗୀର ଜିଲା କୋର୍ଟ ଓ ପାଟଣାଗଡ଼ କୋର୍ଟରେ ୨୫ବର୍ଷ ଧରି ତରୁଣ କୁମାର ପାତ୍ର ଓକିଲାତି ପ୍ରାକ୍ଟିସ କରୁଛନ୍ତି। ସେ ଭିନ୍ନକ୍ଷମ ହୋଇଥିବାରୁ ସ୍ୱତନ୍ତ୍ର ଗାଡ଼ିରେ କୋର୍ଟକୁ ଯିବାଆସିବା କରୁଛନ୍ତି। କୌଣସି ନୂତନ ସରକାରୀ କୋଠାରେ ଭିନ୍ନକ୍ଷମଙ୍କ ଯାତାୟାତ ପାଇଁ ସୁବିଧା କରାଯିବାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ୪ବର୍ଷ ତଳେ ଉଦ୍‌ଘାଟନ ହୋଇଥିବା ପାଟଣାଗଡ଼ ଅତିରିକ୍ତ ସେସନ ଜଜ୍ କୋର୍ଟରେ ଭିନ୍ନକ୍ଷମଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଏହି କୋର୍ଟରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟ ଗତ ଜୁନ୍ ୧୧ରେ ୬ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ବଲାଙ୍ଗୀର ଜିଲା କୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମୟ ଅବଧି ବିତିଯାଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ। ଏ ନେଇ ମଙ୍ଗଳବାର ଅଦାଲତ ଅବମାନନା ନେଇ ତରୁଣ ହାଇକୋର୍ଟରେ ପିଟିଶନ ଦାଖଲ କରିଛନ୍ତି।

**URGENT REQUIRED**
**Telecaller** (Any fresher Graduate). Speaking English, Hindi preferable.
**Mob.-8984063445**
**Bhubaneswar**
Mail: itpsacademy01@gmail.com

## ସାନି ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

**ଅଲିଭ୍ ରିଡ୍‌ଲେ ସୁରକ୍ଷା ମାମଲା**

କଟକ ଅଫିସ, ୩।୮

ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ମାମଲାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ହାଇକୋର୍ଟରେ ଏହି ମାମଲାର ଶୁଣାଣି ଥିବାବେଳେ ଉଭୟ ସରକାର ଜବାବ ଦାଖଲ କରିନାହାନ୍ତି। ଫଳରେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଉଭୟ ସରକାରଙ୍କୁ ସାନି ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ସେପ୍ଟେମ୍ବର ୨୧ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଏହି ସମୟ ମଧ୍ୟରେ ଉଭୟ ସରକାର କଇଁଛ ସୁରକ୍ଷା ନେଇ କି ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବେ। ସୂଚନାଯୋଗ୍ୟ, ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯିବା ଦରକାର, ସେନେଇ ହାଇକୋର୍ଟଙ୍କ ତରଫରୁ ୩ ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ବାଙ୍ଗାଲୋର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ପ୍ରଫେସର କାର୍ତ୍ତିକ ଶଙ୍କର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସିଇଓ ତଥା ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ ଓ ଆମିକସ୍‌କ୍ୟୁରୀ ମୋହିତ୍ ଅଗ୍ରୱାଲ ରହିଛନ୍ତି। ଏହି କମିଟି ଗତ ମାର୍ଚ୍ଚ ୧୫ରେ ଏକ ରିପୋର୍ଟ ଦାଖଲ କରିଥିଲେ। ସେଥିରେ ଉଲ୍ଲେଖ ରହିଥିଲା ଯେ, ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ଗହୀରମଥା ଓ ଋଷିକୁଲ୍ୟା ନଦୀ ମୁହାଣକୁ ସୁରକ୍ଷିତ ରଖାଯାଉ। କିନ୍ତୁ କଇଁଛ ସୁରକ୍ଷା ନାଁରେ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ପ୍ରଭାବ ନ ପଡୁ। ସେମାନଙ୍କୁ କଇଁଛ ସୁରକ୍ଷାର ଏକ ବଡ଼ ଅଂଶୀଦାର ଭାବେ ଗ୍ରହଣ କରାଯାଉ। ଯେଉଁ ସମୟରେ ସମୁଦ୍ରରେ ମାଛମରା ଉପରେ କଟକଣା ଜାରି କରାଯାଉଛି, ସେହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ଯୋଗାଇ ଦିଆଯାଉ। ଉଭୟ ମତ୍ସ୍ୟଜୀବୀଙ୍କ ଜୀବିକା ଓ କଇଁଛଙ୍କ ସୁରକ୍ଷା ପାଇଁ କମିଟି ରିପୋର୍ଟରେ ମତ ଦେଇଥିଲେ। ଅଲିଭ୍ ରିଡ୍‌ଲେ ସୁରକ୍ଷା ନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ପରେ ଏହି ଘଟଣାରେ ଜବାବଦାଖଲ ପାଇଁ ହାଇକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେଙ୍କ ବିୟୋଗରେ ମଙ୍ଗଳବାର ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସୁଶାନ୍ତ ସିଂଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ବିଦ୍ୟାଭାରତୀଙ୍କୁ ପୁଣି ଜେରା

**ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲା**

କପ୍ତିପଦା, ୩।୮ (ଡି.ଏନ.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟୁନି। ତଦନ୍ତକାରୀ ପୋଲିସ ଟିମ୍ ୨୨ଦିନ ହେଲା ବିଭିନ୍ନ ଲୋକଙ୍କୁ ଜେରା କରିବା ସହ ତଥ୍ୟ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ମଙ୍ଗଳବାର ପାରଳାଖେମୁଣ୍ଡି ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ପୁଣି ଥରେ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ୪ଘଣ୍ଟା ୧୫ମିନିଟ୍ ଧରି ଜେରା କରିଛି। ଗତ ମାସ ୧୯ ଓ ୨୦ ତାରିଖରେ



ଆଇଆଇସି ସ୍ୱାଇଁଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ସୌମ୍ୟଙ୍କ ନିଜ ଘର ବାଲେଶ୍ୱର ଜିଲା ଖଇରା ଓ ତାଙ୍କ ଶ୍ୱଶୁର ଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଗୌଡ଼ଗାଁକୁ ଆସି ବିଦ୍ୟା ଓ ଉଭୟ ପରିବାର ଲୋକଙ୍କୁ ପଚରାଉଚୁରା କରି ଫେରିଥିଲେ। ମଙ୍ଗଳବାର ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ୪ ଜଣିଆ ଟିମ୍ ଗୌଡ଼ଗାଁରେ ପହଞ୍ଚିଥିଲେ। ସେମାନେ ବିଦ୍ୟା ଓ ତାଙ୍କ ମା' ବାପାଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ଜେରା କରିଥିଲେ। ଜବତ ହୋଇଥିବା ମୋବାଇଲର କଲ ଡିଟେଲ୍ସ, ଫଟୋ, ଚାଟିଂ ଇତ୍ୟାଦି ଉପରେ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ମିଳିଥିବା ଚିଠି, ଭାଇରାଲ ଅଡିଓ, ବ୍ୟାଚଲର ପାର୍ଟି ଓ ସୌମ୍ୟଙ୍କ ଡାଏରୀରେ ଥିବା ତଥ୍ୟ ଉପରେ ମଧ୍ୟ ପଚରାଉଚୁରା କରିଥିଲେ। ଏତଦ୍‌ବ୍ୟତୀତ ସୌମ୍ୟଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଥିବା ରାସ୍ତାରେ କ'ଣ କ'ଣ ଘଟଣା ଘଟିଥିଲା ସେ ସମ୍ପର୍କରେ ମଧ୍ୟ ଜେରା କରାଯାଇଥିବା ସୂଚନା ମିଳିଛି। କପ୍ତିପଦା ଅଞ୍ଚଳର କାର୍ ଡ୍ରାଇଭର ଦିବାକର ମହାପାତ୍ର ବିଦ୍ୟାଙ୍କ ମା' ବାପାଙ୍କୁ ଡାକ୍ତରଖାନା ନେଇ ଯାଇଥିଲେ ଏବଂ ଫେରିବାବେଳେ ବିଦ୍ୟାଙ୍କୁ ସାଙ୍ଗରେ ଧରି ଫେରିଥିଲେ ତାଙ୍କୁ ମଧ୍ୟ ଏହି ଟିମ୍ ପଚରାଉଚୁରା କରିଛି। ତେବେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତରେ ସହଯୋଗ କରୁଥିବା ବେଳେ ଅଦ୍ୟାବଧି କୌଣସି ସୁରାକ ପାଇ ନ ଥିବାରୁ ସୌମ୍ୟଙ୍କ ପରିବାର ଲୋକେ ନିରାଶ ହୋଇଛନ୍ତି। ତଦନ୍ତ ନାମରେ ପ୍ରମାଣ ନଷ୍ଟ କରାଯାଉଥିବା ସୌମ୍ୟଙ୍କ ଭାଇ ଅଭିଯୋଗ କରି ସିବିଆଇ ତଦନ୍ତ ପାଇଁ ଦାବି କରିଛନ୍ତି ।

## 'ବିଦ୍ୟାଙ୍କୁ ଗିରଫ କରାଯାଉ'

ଖଇରା,(ଡି.ଏନ.ଏ.)

ବିଦ୍ୟାଭାରତୀଙ୍କୁ ଗିରଫ ପରେ ପଚରାଉଚରା କରାଯାଉ ବୋଲି ମୃତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ବଡ଼ଭାଇ ରଞ୍ଜନ ମହାପାତ୍ର ଦାବି କରିଛନ୍ତି। ମଙ୍ଗଳବାର ପାରଳାଖେମୁଣ୍ଡି ପୋଲିସ ସୌମ୍ୟଙ୍କ ମୃତ୍ୟୁ ମାମଲାର ତଦନ୍ତ ପାଇଁ ସ୍ତ୍ରୀ ବିଦ୍ୟାଭାରତୀଙ୍କ ବାପ ଘରକୁ ଯାଇଥିବା ବେଳେ ରଞ୍ଜନ ଗଣମାଧ୍ୟମ ଆଗରେ ଏହି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ପୂର୍ବ ତଦନ୍ତକୁ ପୋଲିସ ଉପରୁ ଭରସା ତୁଟି ଯାଇଥିବାବେଳେ ମଙ୍ଗଳବାର ପୁଣି ବିଦ୍ୟାଙ୍କୁ ଜେରା ପରେ ସୌମ୍ୟଙ୍କ ପରିବାର ଲୋକ ସାମାନ୍ୟ ଆଶ୍ୱସ୍ତିଲାଭ କରିଛନ୍ତି। ବିଦ୍ୟାଭାରତୀଙ୍କ ସହିତ ତାଙ୍କ ପରିବାର ଲୋକଙ୍କୁ ଘରେ ଜେରା କରା ନ ଯାଇ ଥାନାକୁ ଆଣି ଜେରା କରିଲେ ସତ୍ୟ ସାମ୍ନାକୁ ଆସିବ। ଗୁରାଣ୍ଡି ଥାନା ଓଆଇସି ମମତା ପଣ୍ଡା ଓ ଡିଏଫ୍‌ଓଙ୍କୁ ନିଲମ୍ବିତ କରାଗଲେ ଅନେକ ତଥ୍ୟ ଆସିପାରନ୍ତା। ଯଥାଶୀଘ୍ର ପୋଲିସ ବିଦ୍ୟାଭାରତୀଙ୍କୁ ଗିରଫ କରି ରିମାଣ୍ଡରେ ନେବା ସହ ତାଙ୍କ ସାଙ୍ଗସାଥିମାନଙ୍କୁ ପଚରାଉଚରା କଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ରଞ୍ଜନ କହିଛନ୍ତି।

**URGENTLY REQUIRED**
(1) Lecture in Physics, Chemistry, Math, Botany, Zoology, IT and English (Master Degree), (2) Office Assistant (Female), (3) Marketing Executive, (4) Front Office Executive, (5) Boys & Girls Hostel Superintendent, Peon, Driver, Cook.
Can appear the walk-in-Interview on 06.08.2021 (Friday) at 10.30am
Preference may be given to experienced candidates. Same day appointment.
Documents : Complete Bio-Data with copies of all certificates & Aadhaar Card
**ANMOL HIGHER SECONDARY SCHOOL OF SCIENCE AND COMMERCE**
At: Uttara Chhak in front of CIFA, Bhubaneswar - 02
Contact: 9439850997, 9040563026, 9937227123(Office)

**SALES MAN, MARKETING EXECUTIVE**
ଆବଶ୍ୟକ।
ଯୋଗାଯୋଗ:
Bita House - 28, Bhoisahi, Nayapalli, Bhubaneswar
9437001718 | 9040444570

**NATIONAL PROJECTS CONSTRUCTION CORPORATION LIMITED**
(A Govt. of India Enterprise)
NPCC SOUTH EASTERN ZONE, BHUBANESWAR
Plot No.: HIG/59, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
**WALK-IN-INTERVIEW**
Advt. No.SEZ/Contract Basis/ 464 Date : 30.07.2021
NPCC Ltd a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer(Civil) on Contract basis.
For details, please visit our **Website: www.npcc.gov.in**
Zonal Manager

**AIRPORT ODISHA**
Required male / female (8th to graduate) for Air hostess Ground Staff, I.T.I Diploma Eng, Ex-man, Computer Operator, Data Entry, Air Ticketing & Driver.
Salary-28K to 85K. Send C.V: interglobe62@gmail.com, Ph-9711809424, 7052138505

## ODISHA PUBLIC SERVICE COMMISSION
### CUTTACK
### NOTICE

No. 5221/PSC, Dt.3.8.21

**2nd Corrigendum to Advertisement No. 9 of 21/22 for recruitment to the posts of Assistant Professor (Teacher Education) Stage-I in different disciplines of Government Teachers Training Institutes under Department of Higher Education**

Website- http://opsconline.gov.in & http://opsc.gov.in

**No. D-75:-** The following items for recruitment to the posts of Assistant Professor (Teacher Education), Stage-I in different disciplines of Government Teachers Training Institutes, pursuant to Advt. No. 09 of 2021/22 shall be substituted/inserted/deleted and read as mentioned against each:-

| Sl. No. | Item No. of the Advertisement | As stipulated in the Advertisement | Substituted as/ inserted as/ deleted |
|---|---|---|---|
| 1. | N.B. of Para-2 (Vacancy position) | "for the post of Lecturers" | Substituted as **"for the post of Assistant Professors"** |
| 2. | Designation under Identification of Post | 1. "Lecturer in Arts" 2. "Lecturer in Science" | Substituted as **1. "Assistant Professor in Arts" 2. "Assistant Professor in Science"** |
| 3. | Para-4(B) (Educational Qualification) | | Inserted after (NET) meant for as **"appointment of"** |
| 4. | Para-9 (Certificates/ Documents to be attached) | | Inserted after Sl. No.- (iii) as **B.Ed. Certificate issued by the concerned Board/University** |
| | | (Vii) Graduation to Post Graduate Degree, M. Phil Degree | Inserted before Graduation as **H.S.C. &** Inserted after Post Graduate Degree as **"B.Ed. Degree"** |
| 5. | Note-1 (b) of Para-9 (Certificates/ Documents to be attached) | H.S.C., +2, Degree, Post-Graduation etc. | After H.S.C., +2 is deleted & Inserted after Post Graduation as **"B.Ed, M.Phil Degree"** |
| 6. | Note-3 of Para-9 (Certificates/ Documents to be attached) | | Inserted after Post Degree certificate as **"B.Ed. Degree certificate"** |
| 7. | Para-11 (How to apply) | SI No. (i) | **SI No. (i) is deleted.** |
| 8. | Sl. No. (8) of Annexure-A | (i) "M.A. in Mathematics" | Read as **"M.A. / M.Sc. in Mathematics"** |
| 9. | Sl. No. (9), (10), (11) & (12) of Annexure-A | (i) "M.A. in Physics" (ii) "M.A. in Chemistry" (iii) "M.A. in Botany" (iv) "M.A. in Zoology" | Substituted as (i) **"M.Sc. in Physics"** (ii) **"M.Sc. in Chemistry"** (iii) **"M.Sc. in Botany"** (iv) **"M.Sc. in Zoology"** |
| 10. | Note-B of Table-3 (B) (Annexure-B) | Number of candidates to be called for interview shall be decided by the College. | Read as "Number of candidates to be called for interview shall be decided by the **Commission**" |

Besides these, all other terms and conditions of the advertisement shall remain unchanged.

OIPR-12002/11/0050/2122

**Sd./- Additional Secretary**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅଗଷ୍ଟ, ୨୦୨୧

## ରାସ୍ତାରେ ବୁଲିଲା କୁମ୍ଭୀର

**ବାରଙ୍ଗ,(ଡି.ଏନ୍.ଏ.):** ନନ୍ଦନକାନନର ବୋଟଘାଟ ରାସ୍ତାରେ ଏକ ମଗର କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଥିଲା। କର୍ମଚାରୀମାନେ କୁମ୍ଭୀରକୁ ଉଦ୍ଧାର କରି କୁମ୍ଭୀର ଟାଙ୍କିରେ ଛାଡ଼ିଥିଲେ। ସୋମବାର ରାତି ପ୍ରାୟ ୯ଟା କାଞ୍ଜିଆ କୂଳ ବୋଟଘାଟ ରାସ୍ତାରେ ୨ଫୁଟ ଲମ୍ବର ମଗର କୁମ୍ଭୀରଟି ବୁଲୁଥିବା କେତେଜଣ କର୍ମଚାରୀ ଦେଖିଥିଲେ। କୁମ୍ଭୀରଟିକୁ ଧରିବାକୁ ଚେଷ୍ଟା କରିବାରୁ ପାଣି ଭିତରକୁ ଚାଲିଯାଇଥିଲା। ପରେ ଜାଲ ସାହାଯ୍ୟରେ କାଞ୍ଜିଆରୁ କୁମ୍ଭୀରଟିକୁ ଉଦ୍ଧାର କରି କର୍ମଚାରୀମାନେ ରାତିଯାକ ପାଖରେ ରଖିବାସହ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ତେବେ କୁମ୍ଭୀରଟି କିପରି କାଞ୍ଜିଆ ହ୍ରଦକୁ ଆସିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ କୁମ୍ଭୀରଟି ବୋଟଘାଟ ରାସ୍ତାରେ ବୁଲୁଥିଲେ ମଧ ସିକ୍ୟୁରିଟି ବିଭାଗ କିଛି ଜାଣିପାରିନାହିଁ।



# ଖୋଲିଲା ନନ୍ଦନକାନନ, ରାଜ୍ୟ ସଂଗ୍ରହାଳୟ

## ପ୍ରଥମ ଦିନରେ ବୁଲିଲେ ୧୩୭୫ ପର୍ଯ୍ୟଟକ

ଭୁବନେଶ୍ୱର,(ବ୍ୟୁରୋ) /ବାରଙ୍ଗ,୩।୮(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ମଙ୍ଗଳବାର କଟକଣା ମଧ୍ୟରେ ଖୋଲିଛି। ଦୀର୍ଘ ୩ ମାସର ବ୍ୟବଧାନ ପରେ ନନ୍ଦନକାନନ ଖୋଲିଥିବାରୁ ବେଶ୍ ଉତ୍ସାହିତ ଥିଲେ ପର୍ଯ୍ୟଟକ। ପ୍ରଥମଦିନରେ ୧୩୭୫ ପର୍ଯ୍ୟଟକ ନନ୍ଦନକାନନ ଆସିଥିବାବେଳେ ଏମାନଙ୍କ ମଧ୍ୟରେ ୩୬ଜଣ ଅନ୍‌ଲାଇନ ଓ ୧୩୩୯ଜଣ ଅଫ୍‌ଲାଇନ ଟିକେଟ କରିଥିଲେ। ସେହିଭଳି ବଟାନିକାଲ ଗାର୍ଡେନକୁପ୍ରଥମଦିନରେ ୧୮ ପର୍ଯ୍ୟଟକ ଆସିଥିଲେ। ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକମାନଙ୍କ ପାଇଁ ବଣଭୋଜିକୁ ବନ୍ଦ ରଖାଯାଇଛି। ଅନ୍ୟପଟେ ପର୍ଯ୍ୟଟକମାନଙ୍କ ପାଇଁ ନନ୍ଦନକାନନ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।



ନନ୍ଦନକାନନକୁ ପ୍ରବେଶ କରିବା ପାଇଁ ପର୍ଯ୍ୟଟକମାନେ ସାମାଜିକ ଦୂରତ୍ୱ ରକ୍ଷା କରି ଅପେକ୍ଷା କରିଛନ୍ତି।

କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ସହ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍‌କୁ କିଭଳି ପାଳନ କରାଯାଇପାରିବ ସେଥିପ୍ରତି ନନ୍ଦନକାନନ ପକ୍ଷରୁ ସର୍ତକ ଦୃଷ୍ଟି ଦିଆଯାଇଛି। ପ୍ରବେଶପଥରେ ସମ୍ପୂର୍ଣ୍ଣ ଶରୀର ବିଶୋଧନ, ଥର୍ମାଲ ସ୍କ୍ରିନିଂ ସହ କରୋନା ଲକ୍ଷଣ ଥିବା ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବାବେଳେ ପଶୁପକ୍ଷୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏନ୍‌କ୍ଲୋଜରକୁ ଛୁଇଁବାକୁ ମନା କରାଯାଇଛି। ବୟସ୍କ ଓ ଛୋଟପିଲାଙ୍କୁ ପ୍ରବେଶ ପାଇଁ ମନା କରାଯାଉଥିବା ବେଳେ ଭିଡ଼ରୁ ରକ୍ଷାପାଇବା ପାଇଁ ଇ-ଟିକେଟର ବ୍ୟବସ୍ଥା କରାଯାଇଛି। ଆକ୍ୱାରିୟମ ମଧ୍ୟରୁ ଏକକାଳୀନ ୬ଜଣରୁ ଅଧିକ ପର୍ଯ୍ୟଟକଙ୍କୁ ଛଡ଼ାଯାଉ ନାହିଁ। ସାମାଜିକ ଦୂରତ୍ୱ ସହ କୋଭିଡ୍ ନିୟମ ମାନି କିଭଳି ପରିସରରେ ବୁଲିବେ ସେଥିପାଇଁ ଏକ ସାଉଣ୍ଡ ସିଷ୍ଟମ ମାଧ୍ୟମରେ ପର୍ଯ୍ୟଟକମାନଙ୍କୁ ସଚେତନ କରାଯାଉଛି। ଏଥିସହ କର୍ମଚାରୀମାନେ ସଜାଗ ରହିବାକୁ କୁହାଯାଇଛି ବୋଲି ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି। ସେହିଭଳି ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ମଧ ମଙ୍ଗଳବାର ଖୋଲିଛି। ପ୍ରଥମଦିନରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟକୁ ଆଶାତୀତ ଭାବେ କମ ପର୍ଯ୍ୟଟକ ଆସିଥିଲେ। ପ୍ରଥମଦିନରେ ଡେରାସକୁ ୬୦ ପର୍ଯ୍ୟଟକ ଆସିଥିବାବେଳେ ରାଜସ୍ୱ ବାବଦକୁ ୨୩୨୦ଟଙ୍କା ଆଦାୟ ହୋଇଛି। ଗୋଡିବାରିରେ ସମୁଦାୟ ୪ଜଣ ପର୍ଯ୍ୟଟକ ଆସିଥିବାବେଳେ ସେମାନେ ହଜାରେ ଟଙ୍କା ଦେଇ ଏକ ଜଙ୍ଗଲ ସଫାରି ଗାଡ଼ି ନେଇ ପରିଭ୍ରମଣ କରିଛନ୍ତି।

ସେହିପରି କରୋନା ମହାମାରୀ ପାଇଁ ପ୍ରାୟ ୩ ମାସ ଧରି ରାଜ୍ୟ ସଂଗ୍ରହାଳୟ ଦର୍ଶକଙ୍କ ନିମନ୍ତେ ବନ୍ଦ ରହିଥିଲା। ଏବେ ସ୍ଥିତିରେ ଉନ୍ନତି ଆସିବା ସହ ଲକ୍‌ଡାଉନ କଟକଣା କୋହଳ ହେବା ପରେ ମଙ୍ଗଳବାରଠାରୁ ରାଜ୍ୟ ସଂଗ୍ରହାଳୟ ଦର୍ଶକଙ୍କ ନିମନ୍ତେ ଖୋଲାଯାଇଛି। ପ୍ରଥମ ଦିନରେ ଛୋଟ ପିଲା ଓ ବୟସ୍କଙ୍କୁ ମିଶାଇ ମୋଟ୍ ୨୮ଜଣ ଦର୍ଶକ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ସରକାରଙ୍କ କୋଭିଡ୍ କଟକଣା ପାଳନ ପୂର୍ବକ ସମସ୍ତ ଦର୍ଶକ ମୁହଁରେ ମାସ୍କ ଲଗାଇବା ସହ ସାନିଟାଇଜର୍ ବ୍ୟବହାର କରି ଭିତରକୁ ପ୍ରବେଶ କରିଥିଲେ। ଦୀର୍ଘଦିନ ଧରି ସଂଗ୍ରହାଳୟ ବନ୍ଦ ରହିଥିବାରୁ ପ୍ରଥମ ଦିନରେ ଏତେ ଭିଡ଼ ପରିଲକ୍ଷିତ ହୋଇ ନ ଥିଲା। ପୂର୍ବପରି ଦର୍ଶକଙ୍କ ଗହଳି ହେବା ପାଇଁ କିଛିଦିନ ସମୟ ଲାଗିବ ବୋଲି ସଂଗ୍ରହାଳୟର ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କହିଛନ୍ତି। ଏଥିସହ ଦର୍ଶକମାନେ ଠିକ୍ ଭାବେ ମାସ୍କ ବ୍ୟବହାର କରୁଛନ୍ତି କି ନାହିଁ, ସାମାଜିକ ଦୂରତା ମାନୁଛନ୍ତି କି ନାହିଁ ସଂଗ୍ରହାଳୟର କର୍ମଚାରୀଙ୍କ ଦ୍ୱାରା ତାହା ତଦାରଖ କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ସୋମବାରଠାରୁ ଖଣ୍ଡଗିରି, ଉଦୟଗିରି ସମେତ ସମସ୍ତ ପର୍ଯ୍ୟଟନ ତଥା ଐତିହାସିକ ସ୍ଥଳୀ ଖୋଲିଥିଲା। ତେବେ ରାଜ୍ୟ ସଂଗ୍ରହାଳୟ ପୂର୍ବରୁ ପ୍ରତି ସୋମବାର ବନ୍ଦ ରହୁଥିବାରୁ ମଙ୍ଗଳବାରଠାରୁ ଲୋକଙ୍କ ପାଇଁ ଉନ୍ମୁକ୍ତ ହୋଇଛି।


ସଂଗ୍ରହାଳୟ ଖୋଲିବା ପରେ ପର୍ଯ୍ୟଟକ ବୁଲି ଦେଖୁଛନ୍ତ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରୁବିନା


@ ଚନ୍ଦନ


@ ରିତୁଲ୍


@ ସୁନୀଲ


@ ଦିବ୍ୟାନନ୍ଦ



@ ଉଗ୍ରସେନ

## ସଂକ୍ଷେପରେ

### ଡାକ୍ତରଙ୍କୁ ମାଡ଼ ଘଟଣାରେ ୨ ଗିରଫ

**ବାଲିପାଟଣା,୩।୮(ଡି.ଏନ୍.ଏ.):** ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ ଘଟଣାରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚିତ୍ତରଞ୍ଜନ ବେହେରା ଏବଂ ଅଠାନ୍ତର ଗାଁର ରାକେଶ ବେହେରା। ସୂଚନାଯୋଗ୍ୟ, ଚିତ୍ତରଞ୍ଜନ ଜଣେ ରୋଗୀଙ୍କ ଚିକିତ୍ସା ପାଇଁ ଜୁଲାଇ ୨୧ ରାତି ପ୍ରାୟ ୯ ଟାରେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେଠାରେ ଡା. ରତିରଞ୍ଜନ ସ୍ୱାଇଁ ତାଙ୍କୁ ଏକ ଇଞ୍ଜେକ୍ସନ ଦେବା ପାଇଁ ଚିଠା କରିଥିଲେ। ଏଥିସହ ନର୍ସଙ୍କୁ ଇଞ୍ଜେକ୍ସନ ଦେବାକୁ କହିଥିଲେ। ତେବେ ଇଞ୍ଜେକ୍ସନ ଦେବାରେ ବିଳମ୍ବ ହେବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ଡାକ୍ତର ଏବଂ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ।

### ନିଜ ବନ୍ଧୁକରୁ ଗୁଳି କରି ସିକ୍ୟୁରିଟି ଗାର୍ଡଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୩।୮(ବ୍ୟୁରୋ):** ଏୟାରପୋର୍ଟ ଥାନା ଅଞ୍ଚଳର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଜଣେ ସିକ୍ୟୁରିଟି ଗାର୍ଡ ମଙ୍ଗଳବାର ନିଜ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଶରଣକୂଳ ଥାନା ଅନ୍ତର୍ଗତ ବାଉଁଶିଆ ଗ୍ରାମର କୃଷ୍ଣଚନ୍ଦ୍ର ଦାସ(୪୫)। ସେ ଭୁବନେଶ୍ୱରର ଏୟାରପୋର୍ଟ ଥାନା ଅଧୀନ ଗଙ୍ଗନଗର ପ୍ଲଟ ନଂ-୧୨୭ରେ ଘର ଭଡ଼ା ନେଇ ପରିବାର ସହ ରହୁଥିଲେ। ପୋଲିସ ଏ ନେଇ ଅପମୃତ୍ୟୁ ମାମଲା (ନଂ. ୧୯/୨୧) ରୁଜୁ କରିବା ସହ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ପୋଲିସ ସୂଚନା ଅନୁଯାୟୀ, କୃଷ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ସ୍ନେହଲତାଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗି ରହୁଥିଲା। ଏନେଇ ଜାନୁୟାରୀ ୧୩ରେ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ.୧୦/୨୧) ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସୋମବାର ରାତି ପ୍ରାୟ ୧ଟାରେ କୃଷ୍ଣଚନ୍ଦ୍ର ଓ ସ୍ନେହଲତାଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା। ଫଳରେ ସେ ଆତ୍ମହତ୍ୟା କରିବାକୁ ଧମକ ଦେଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିଥିଲେ। ପୋଲିସ ଯିବା ବେଳକୁ କୃଷ୍ଣଚନ୍ଦ୍ର ନିଜ ସର୍ଭିସ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିସାରିଥିଲେ। ଅନ୍ୟପକ୍ଷରେ ଗଣମାଧ୍ୟମକୁ ସ୍ନେହଲତା କହିଛନ୍ତି, କୃଷ୍ଣଚନ୍ଦ୍ର ଏକ ଘର ଭଡ଼ା ନେଇ ରହୁଥିବାବେଳେ କୌଣସି କାରଣକୁ ନେଇ ଘର ମାଲିକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ମାଲିକ ଏବଂ ତାଙ୍କ ପୁଅମାନେ ତାଙ୍କୁ ଓ ଝିଅକୁ ମାରପିଟ୍ କରିଥିଲେ। ଫଳରେ କୃଷ୍ଣଚନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସ୍ନେହଲତା ଅଭିଯୋଗ କରିଛନ୍ତି।

# ଏସ୍‌ଆଇଙ୍କୁ କାମୁଡ଼ିଦେଲେ ମହିଳା

## ତଦନ୍ତ କରିବାକୁ ଯାଇ ଆକ୍ରମଣର ଶିକାର

ଭୁବନେଶ୍ୱର,୩।୮(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ମଙ୍ଗଳବାର ଏକ ଘଟଣାର ତଦନ୍ତ କରିବାକୁ ଯାଇଥିବା ମହିଳା ଏସ୍‌ଆଇ ପ୍ରିୟଦର୍ଶିନୀ ବେହେରାଙ୍କୁ ଜଣେ ଘର ମାଲିକାଣୀ ମାଡ଼ ମାରିବା ସହ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଛନ୍ତି। ଏସ୍‌ଆଇ ବେହେରା ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅଭିଯୋଗକ୍ରମେ ଥାନାରେ ଏନେଇ ଏକ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତ ଘର ମାଲିକାଣୀଙ୍କୁ ଥାନାରେ ଅଟକ ରଖାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଚିନ୍ତାମଣିଶ୍ୱରରେ ଅଭିଯୁକ୍ତ ମହିଳାଙ୍କ ଘରେ ନୟାଗଡ଼ର ଜଣେ ଯୁବତୀ ବର୍ଷେ ହେଲା ଭଡ଼ାରେ ରହୁଛନ୍ତି। ତେବେ ହଠାତ ତାଙ୍କୁ ଘର ଛାଡ଼ିବାକୁ କହି ଘର ମାଲିକାଣୀ ଗାଳିଗୁଲଜ କରିଥିଲେ। ଏପରିକି ପାଣି ବନ୍ଦ କରି ଦେଇଥିଲେ। ଯୁବତୀ ଘର ଛାଡ଼ିବାକୁ ରାଜି ହୋଇଥିଲେ ବି କିଛିଦିନ ସମୟ ମାଗିଥିଲେ। ମାତ୍ର ଘର ମାଲିକାଣୀ କିଛି ଶୁଣି ନ ଥିଲେ। ଏ ନେଇ ଯୁବତୀ ଜଣକ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ସନ୍ଧ୍ୟାରେ ଏସ୍‌ଆଇ ବେହେରା ପଚରାଉଚରା କରିବା ପାଇଁ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଘରକୁ କ'ଣ ପାଇଁ ପୋଲିସ ଆସିଛି ବୋଲି ମହିଳା ଜଣକ କହିବା ସହ ଉତ୍କ୍ଷିପ୍ତ ହୋଇ ଏସ୍‌ଆଇ ବେହେରାଙ୍କ ଚୁଟି ଧରି ପିଟିବା ସହ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲେ। ଏପରିକି ସେଠାରେ ଉପସ୍ଥିତ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଆକ୍ରମଣ କରିଥିଲେ।

## ୯୦ ହଜାର ଟଙ୍କା ଚୋରି

**ବାଲିପାଟଣା,(ଡି.ଏନ୍.ଏ.):** ଭଅଁରାଗଡ଼ ଗ୍ରାମର ବିରଞ୍ଚି ପାତ୍ରଙ୍କ ୯୦ ହଜାର ଟଙ୍କା ଚୋରି ହୋଇଛି। ସେ ବନମାଳିପୁର ୟୁକୋ ବ୍ୟାଙ୍କରୁ ୯୦ ହଜାର ଟଙ୍କା ଉଠାଇଥିଲେ। ପରେ ବଜାରସ୍ଥ ଏକ ମିଠା ଦୋକାନକୁ ଯାଇଥିବାବେଳେ ଟଙ୍କା ବ୍ୟାଗକୁ ଗାଡ଼ି ଉପରେ ରଖିଥିଲେ। ସେ ଦୋକାନରୁ ଫେରି ଦେଖିଲା ବେଳକୁ ବ୍ୟାଗ ନ ଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଓଏସ୍‌ଏସ୍‌ସିରେ ଦୁର୍ନୀତି ଅଭିଯୋଗ

### ତଦନ୍ତ ଦାବି କଲା ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର, ୩।୮(ବ୍ୟୁରୋ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ଏକ ଚାକିରି ବିକ୍ରି କମିଶନରେ ପରିଣତ ହୋଇଥିବା ଭାଜପା ଅଭିଯୋଗ କରିଛି। ସରକାରୀ ନିଯୁକ୍ତିରେ ମେଧା ପରିବର୍ତ୍ତେ ଟଙ୍କା କାରବାର ମୁଖ୍ୟ ଯୋଗ୍ୟତା ହୋଇଛି। ମୋ ସରକାର ୫-ଟି ସ୍ୱତନ୍ତ୍ର ବିଭାଗ ହେଲା ପରେ ରାଜ୍ୟରେ ଦୁର୍ନୀତି ବୃଦ୍ଧି ହୋଇଛି। ବିରଞ୍ଚି ସାହୁ କେଉଁ ସରକାରୀ ବାବୁମାନଙ୍କୁ ଟଙ୍କା ଦେଇ କେଉଁ ଜାଗାରେ ନିଯୁକ୍ତି ପାଇଛନ୍ତି ତାହାର ତଦନ୍ତ କରାଯାଉ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ଦାବି କରିଛନ୍ତି। ରାଜ୍ୟ ସରକାର ଯୁବପିଢ଼ିଙ୍କୁ ରୋଜଗାର ଦେବାରେ ବିଫଳ ହୋଇଛନ୍ତି। ଅନେକ ଶିକ୍ଷିତ ଯୁବତୀଯୁବକଙ୍କ ଦକ୍ଷତା ଥାଇ ମଧ୍ୟ ଓଡ଼ିଶାରେ ଚାକିରି ନ ପାଇ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିବା ପାଇଁ ବାଧ ହେଉଛନ୍ତି। ବିରଞ୍ଚିଙ୍କ ପଛରେ କେଉଁମାନେ ସମ୍ପୃକ୍ତ ତାହାର ତଦନ୍ତ କରାଯାଉ ବୋଲି ଆଚାର୍ଯ୍ୟ କହିଛନ୍ତି।


ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ ଦୁର୍ନୀତି ଅଭିଯୋଗ ଆଣି ତଦନ୍ତ ଦାବିରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ।

## କମିଶନରେଟ୍ ପୋଲିସରେ ଅଦଳବଦଳ

ଭୁବନେଶ୍ୱର,୩।୮(ବ୍ୟୁରୋ)

କମିଶନରେଟ୍ ପୋଲିସରେ ଅଦଳବଦଳ କରାଯାଇଛି। ଏନେଇ ମଙ୍ଗଳବାର କମିଶନରେଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ଜୋନ୍-୫ ଏସିପି ଥିବା ଅନିଲ୍ କୁମାର ମିଶ୍ରଙ୍କୁ କଟକ ୟୁପିଡିର ଅତିରିକ୍ତ ଡିସିପି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ସ୍ପେଶାଲ୍ ସ୍କ୍ୱାଡ୍ ଏସିପି ସଞ୍ଜୀବ କୁମାର ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି। କଟକ ଚାଉଳିଆଗଞ୍ଜ ଥାନା ଦାୟିତ୍ୱରେ ଥିବା ଏସିପି ତାପସ ଚନ୍ଦ୍ର ପ୍ରଧାନଙ୍କୁ କଟକ ଜୋନ୍-୩ ଏସିପି ଭାବେ ବଦଳି କରାଯାଇଛି। ବାରଙ୍ଗ ଥାନାର ଆଇଆଇସି ଥିବା ଶଶିକାନ୍ତ ରାଉତଙ୍କୁ ଚାଉଳିଆଗଞ୍ଜ, ଫୁଲନଖରା ଏନ୍‌ଏଚ୍ ଟ୍ରାଫିକ୍ ଥାନା ଆଇଆଇସି ଆକାଶ ଚନ୍ଦ୍ର ରାଣାଙ୍କୁ ବାରଙ୍ଗ ଥାନା, ଭୁବନେଶ୍ୱର କମିଶନରେଟ୍ ପୋଲିସ ହେଡ୍‌କ୍ୱାର୍ଟରରେ ଥିବା ଯତୀନ୍ଦ୍ର କୁମାର ସେଠୀଙ୍କୁ ପୁରୀଘାଟ ଥାନା ଆଇଆଇସି, କିଶୋର ଚନ୍ଦ୍ର ପ୍ରଧାନଙ୍କୁ କଟକ ଟାଉନ୍ ଟ୍ରାଫିକ୍ ଥାନା ଆଇଆଇସି ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ବାଲିଅନ୍ତା ଥାନା ଆଇଆଇସି ପ୍ରଦୀପ କୁମାର ରାଉତଙ୍କୁ ଚନ୍ଦ୍ରଶେଖରପୁର ଥାନା ଦାୟିତ୍ୱ ମିଳିଥିବା ବେଳେ ଚନ୍ଦ୍ରଶେଖରପୁର ଥାନା ଆଇଆଇସି ଯୁବରାଜ ସ୍ୱାଇଁଙ୍କୁ ବାଲିଅନ୍ତା ଥାନାକୁ ବଦଳି କରାଯାଇଛି।

## ସୌମ୍ୟ ମାମଲା: ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୩।୮(ବ୍ୟୁରୋ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାର ଠିକ୍ ତଦନ୍ତ ଦାବିରେ ମଙ୍ଗଳବାର ଭାରତୀୟ ବିକାଶ ପରିଷଦର ଜଗତ୍‌ସିଂହପୁର ଜିଲା ସଭାପତି ସୁବ୍ରତ ଦାଶ କେନ୍ଦ୍ର ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଦ୍ୱାରସ୍ଥ ହୋଇଛନ୍ତି। ସୌମ୍ୟଙ୍କ ପରିବାର ଏକ ଯୋଜନାବଦ୍ଧ ହତ୍ୟା ଅଭିଯୋଗ ଆଣିଥିଲେ ହେଁ ପାରଳାଖେମୁଣ୍ଡି ପୋଲିସ ଠିକ ଭାବେ ତଦନ୍ତ କରୁନାହିଁ। ତେଣୁ ଠିକ ଭାବେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି।

## ସହାୟତା ପାଇଁ ପାଲା କଳାକାରଙ୍କ ଦାବି

ଭୁବନେଶ୍ୱର ୩।୮(ବ୍ୟୁରୋ)

କରୋନା ଯୋଗୁ ପ୍ରାୟ ୨ବର୍ଷ ହେବ ପାଲା କଳାକାରମାନେ ଦୟନୀୟ ଅବସ୍ଥାରେ ରହିଛନ୍ତି। ତେଣୁ ସରକାର ତୁରନ୍ତ ସମସ୍ତ ପଞ୍ଜୀକୃତ କଳାକାରଙ୍କୁ ସହାୟତା ପ୍ରଦାନ ଦାବିରେ ମା' ଉତ୍କଳ ଭାରତୀ ପାଲା ଗାୟିକା ଓ କଳାକାର ପରିଷଦ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କଳାକାରଙ୍କୁ ଭତ୍ତା, କରୋନା ପାଇଁ ଆର୍ଥିକ ସହାୟତା ଦେବା, ପରିଷଦ କାର୍ଯ୍ୟାଳୟ ନିମନ୍ତେ ବିନା ମୂଲ୍ୟରେ ଜମି ଯୋଗାଇବା, ପରିଚୟପତ୍ର, ବସ୍ ଓ ଟ୍ରେନ୍ ଯାତ୍ରା ଭଡ଼ା ଛାଡ଼ କରାଯିବା, ପାଲା ଏକାଡେମୀ ପ୍ରତିଷ୍ଠା କରି ପାଲା କଳାକାରଙ୍କୁ ତାଲିମ ଦେବା ପ୍ରଭୃତି ୧୦ଦଫା ଦାବି ଉପରେ ସଭାପତି ବସନ୍ତ ମଞ୍ଜରୀ ପଣ୍ଡା, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ଗୁରୁତ୍ୱାରୋପ କରିଛନ୍ତି।

# ଷ୍ଟେଜ୍ ଅନ୍ ହୁଇଲ୍‌ରେ କୋଭିଡ୍ ପ୍ଲସ୍

■ସମ୍ବଲପୁରୀ, ଦେଶିଆ ଭାଷାରେ କରୋନା
■ସଚେତନତା ଗୀତ ଲୋକାର୍ପିତ

ଭୁବନେଶ୍ୱର ୩।୮(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ବିଭାଗର ସମ୍ମିଳନୀ କକ୍ଷରେ ଦେଶିଆ ଓ ସମ୍ବଲପୁରୀ ଭାଷାରେ ୪ଟି କରୋନା ସଚେତନତା ଗୀତର ଲୋକାର୍ପଣ ହୋଇଛି। କରୋନା ସମୟରେ ସଚେତନ ରହିବା, ଟିକାକରଣ ଉପରେ ଗୀତଗୁଡ଼ିକ ଆଧାରିତ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ଅଗଷ୍ଟରୁ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ଷ୍ଟେଜ୍ ଅନ୍ ହୁଇଲ୍ କାର୍ଯ୍ୟକ୍ରମ ମାଧ୍ୟମରେ କୋଭିଡ୍ ପ୍ଲସ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉପସଚିବ ସଞ୍ଜୟ ମିଶ୍ର, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ ଓ ଅର୍ଥ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଉଦ୍ୟମରେ କରୋନା ସଚେତନତା କାର୍ଯ୍ୟକ୍ରମର ଏକ ବିବରଣୀ 'କୋଭିଡ୍ ଆୱାରନେସ୍ ଫେଜ୍-୩' ଲୋକାର୍ପିତ ହୋଇଥିଲା।



ଅତିଥିମାନେ ସଚେତନତା ଗୀତ ସିଡୀକୁ ଲୋକାର୍ପଣ କରୁଛନ୍ତି।

## ଡାକ୍ତରଙ୍କ ଘରୁ ସିସିଟିଭି ଚୋରି

**କଟକ ଅଫିସ:** କଟକ ଝୋଲାସାହିରେ ଥିବା ଡା. ଅମିୟ କୁମାର ସ୍ୱାଇଁଙ୍କ ଘରୁ ସିସିଟିଭି ଚୋରି ହେବା ନେଇ ପୁରାଘାଟ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପଡୋଶୀ ଲୋକଙ୍କ ହାତ ଥିବା ଏଥିଲାରେ ଉଲ୍ଲେଖ କରାଯାଇଛି। ଏ ନେଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧଉତ୍ସବ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରାଜଭବନ ଛକ, ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରାଜଭବନ ଛକ, ସକାଳ ୯ଟା।

# ଆଜି ଶ୍ରୀମନ୍ଦିର ଖୋଲିବା ନେଇ ନିଷ୍ପତ୍ତି

**ପୁରୀ ଅଫିସ, ୩।୮ (ଡି.ଏନ୍.ଏ.)**

ରାଜ୍ୟରେ କରୋନା ପ୍ରଭାବ ହ୍ରାସ ପାଉଥିବା ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣା ଭିତରେ ସୋମବାର ଜିଲାର ପ୍ରାୟ ଧର୍ମାନୁଷ୍ଠାନ ତଥା ମନ୍ଦିର, ଚର୍ଚ୍ଚ, ମସଜିଦ ଖୋଲିଛି। ଦୀର୍ଘଦିନ ପରେ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିଥିବାରୁ ଭକ୍ତ ଓ ପୂଜକଙ୍କ ମଧ୍ୟରେ ଖୁସି ଖେଳିଯାଇଛି। କିନ୍ତୁ ଶ୍ରୀମନ୍ଦିର ଖୋଲିବାକୁ ନେଇ ଶ୍ରଦ୍ଧାଳୁ, ସେବାୟତମାନେ ଚାତକ ଭଳି ଅପେକ୍ଷା କରି ରହିଛନ୍ତି। ଶ୍ରୀମନ୍ଦିର ଭକ୍ତଙ୍କ ପାଇଁ ଖୋଲି ନ ଥିବାବେଳେ ବୁଧବାର ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ଭର୍ଚ୍ୟୁଆଲ ବୈଠକ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର କେବେ ଓ କିଭଳି ଖୋଲିବ, କ'ଣ କ'ଣ କଟକଣା ରହିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

ଦୀର୍ଘ ମାସ ପରେ ଦେବାଳୟ ଭକ୍ତଙ୍କ ପାଇଁ ଖୋଲିଥିବାରୁ ପୁରୀ ଆଖଣ୍ଡଳମଣି ପୂଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି କରୋନା ଯୋଗୁ କେବଳ ସୀମିତ ପୂଜକଙ୍କୁ ନେଇ ଠାକୁରଙ୍କ ନୀତିକାନ୍ତି କରାଯାଉଥିଲା। ଏବେ କଟକଣା ମଧ୍ୟରେ ମନ୍ଦିର ଖୋଲିଥିବାରୁ ଭକ୍ତମାନେ ମନ୍ଦିର ଆସି ପୂଜାର୍ଚ୍ଚନା କରିବା ସହ ଠାକୁରଙ୍କ ଦର୍ଶନ କରୁଛନ୍ତି। ଫଳରେ ଦୀର୍ଘଦିନ ପରେ ଭକ୍ତ ଓ ଭଗବାନଙ୍କ ମିଳନ ହୋଇଛି। ପୁରୀରେ ଥିବା କ୍ୟାଥଲିକ ଚର୍ଚ୍ଚର ଫାଦର ପ୍ରଦୀପ ସରକାରଙ୍କର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଖ୍ରୀଷ୍ଟିଆନ ସମ୍ପ୍ରଦାୟରେ ମୁଖ୍ୟତଃ ରବିବାର ସମୂହ ପ୍ରାର୍ଥନା କରାଯାଇଥାଏ। ପ୍ରାର୍ଥନା ପାଇଁ କଟକଣା ମୁକ୍ତ କରାଯାଇଥିଲେ ମଧ୍ୟ ରବିବାର ଶଟ୍‌ଡାଉନ ଥିବାରୁ ସମୂହ ପ୍ରାର୍ଥନା କରିହେବ ନାହିଁ। ତେଣୁ ପ୍ରଶାସନ କଟକଣା ମଧ୍ୟରେ ରବିବାର ସମୂହ ପ୍ରାର୍ଥନା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ସେହିପରି ମୁସଲିମ ସମ୍ପ୍ରଦାୟ ପାଇଁ ସମୂହ ନମାଜ ପାଠ ନିମନ୍ତେ ମସ୍‌ଜିଦ ଖୋଲିବାକୁ ଅନୁମତି ମିଳିଥିବାରୁ ମହମ୍ମଦ ସଫିକ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କଟକରେ ଆଜିଠୁ ଖୋଲିବ ଧର୍ମାନୁଷ୍ଠାନ

**କଟକ ଅଫିସ,୩।୮**

କରୋନା ମହାମାରୀ ପାଇଁ ବନ୍ଦଥିବା କଟକ ଜିଲାର ସମସ୍ତ ଧର୍ମାନୁଷ୍ଠାନ ବୁଧବାରଠାରୁ ଖୋଲିବ। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ଶ୍ରଦ୍ଧାଳୁଙ୍କ ପାଇଁ ଚଣ୍ଡୀମନ୍ଦିର, ଚର୍ଚ୍ଚିକା, ଭଟ୍ଟାରିକା ପୀଠ ଓ ବାବା ଧବଳେଶ୍ୱର ମନ୍ଦିର ସମେତ ଜିଲାରେ ଥିବା ସମସ୍ତ ଛୋଟବଡ ମନ୍ଦିର ଖୋଲିବ । ଧର୍ମାନୁଷ୍ଠାନ ଭିତରେ ସାମାଜିକ ଦୂରତା ବଜାୟ ରଖିବାକୁ ଗୁରୁତ୍ୱ ଦିଆଯିବ, କୋଭିଡ୍ କଟକଣା ପାଳନ ପାଇଁ ଅନୁଷ୍ଠାନ ପକ୍ଷରୁ ମନ୍ଦିର ଫାଟକରେ ବୋର୍ଡ ଲଗାଯିବ। ମନ୍ଦିରରେ ଥିବା ମୂର୍ତ୍ତି ଛୁଇଁବାକୁ ବାରଣ କରାଯାଇଥିବାବେଳେ ଏହାର ପରିସରରେ ପ୍ରସାଦ ସେବନ କରିହେବନାହିଁ। ଧର୍ମାନୁଷ୍ଠାନ ପରିସରରେ ଯଦି କେହି କୋଭିଡ୍ ନିୟମ ଉଲ୍ଲଘଂନ କରନ୍ତି, ତାଙ୍କୁ ଦଣ୍ଡ ଦିଆଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ଜାତୀୟ ରାଜପଥ ଟ୍ରାଫିକ ଥାନା ଉଦ୍‌ଘାଟିତ



ଜାତୀୟ ରାଜପଥ ଟ୍ରାଫିକ ଥାନାକୁ ଡିଜିପି ଅଭୟ ଉଦ୍‌ଘାଟନ କରୁଛନ୍ତି।

**ଫୁଲନଖରା,୩।୮ (ଡି.ଏନ.ଏ.)**

୧୬ ନମ୍ବର ଜାତୀୟ ରାଜପଥ ନିକଟ ପ୍ରତାପନଗରୀଠାରେ ଜାତୀୟ ରାଜପଥ ଟ୍ରାଫିକ ଥାନା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଡିଜିପି ଅଭୟ ଉଦ୍‌ଘାଟନ କରି କହିଛନ୍ତି, ଜାତୀୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ଓ ସଡ଼କ ଦୁର୍ଘଟଣା ରୋକିବା ଦିଗରେ ଏହା ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନି, କଟକ ଡିସିପି ପ୍ରତୀକ୍ ସିଂ, ଅତିରିକ୍ତ ଟ୍ରାଫିକ ପୋଲିସ କମିଶନର କେ.କେ. ପାଣିଗ୍ରାହୀ, କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରାଣା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବି ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ୱେବିନାର

**କଟକ ଅଫିସ, ୩।୮:** ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଏସ୍‌ସିବି ନର୍ସିଂ କଲେଜରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଭର୍ଚ୍ୟୁଆଲ ୱେବିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧକ୍ଷା ବିଜୟଲକ୍ଷ୍ମୀ ଦାସଙ୍କ ତତ୍ତ୍ୱାବଧାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ଶ୍ୟାମା କାନୁନ୍‌ଗୋ, କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ନର୍ସିଂବୋର୍ଡର ସେକ୍ରେଟାରୀ ବାସନ୍ତି ବେହେରା, ବୁର୍ଲା ନର୍ସିଂ କଲେଜର ଭାରପ୍ରାପ୍ତ ଅଧକ୍ଷା ଗୀତାଞ୍ଜଳି ବେହେରା ଯୋଗଦେଇଥିଲେ। ଶିଶୁ ରୋଗ ଚିକିତ୍ସକ ଆଦିତ୍ୟ ମହାପାତ୍ର, ଲୋପାମୁଦ୍ରା ରାଉତ, ଏସ୍.ସୁଧାରାଣୀ ଯୋଗଦେଇ ବିଶ୍ୱ ସ୍ତନ୍ୟପାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସୁଚରିତା ଦାସ, ସସ୍ମିତା ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ମଧୁସ୍ମିତା ପାଟ୍ଟଯୋଶୀ ଧନ୍ୟବାଦ ଦେଇଥିଲେ।

## ଡେଙ୍ଗୁ ରୋକିବାରେ ସିଏମ୍‌ସି ବିଫଳ




କଟକ ନଗର ଭାଜପା ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୩।୮**

**ଭାଜପାର ବିକ୍ଷୋଭ**

ଡେଙ୍ଗୁ ସତର୍କତା ପାଇଁ ଆଗୁଆ ପଦକ୍ଷେପ ନେବାରେ କଟକ ମହାନଗର ନିଗମ(ସିଏମ୍‌ସି)ର ବିଫଳତାକୁ ନେଇ କଟକ ନଗର ଭାଜପା ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନାଳଗୁଡିକରୁ ପଙ୍କ ଉଦ୍ଧାର କରିବା, ଖୋଲା ନାଳ ଉପରେ ସ୍ଲାବ ପକାଇବା, ନିୟମିତ ମଶାଧୂଆଁ ଛାଡିବା ପାଇଁ ଦାବି କରାଯାଇଥିଲା। ଏଥିସହ ସିଡ଼ିଏ ପେଟାନାଳ ସଫା କରିବା, ବିଭିନ୍ନ ବଜାରକୁ ନିରନ୍ତର ସାନିଟାଇଜ କରିବା, ଡେଙ୍ଗୁ ମୁକାବିଲା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଯୋଜନା କରିବା ଦାବିନେଇ କମିଶନରଙ୍କୁ ଦାବିପତ୍ର ଦିଆଯାଇଥିଲା। ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବିଶ୍ୱରଞ୍ଜନ ମିଶ୍ର, ଦେବାନନ୍ଦ ସିଂ, ଜୟକୃଷ୍ଣ ସ୍ୱାଇଁ, ଅମିତ୍ ମିତ୍ର, ସୋନିଆ ଶର୍ମା, ସତ୍ୟବ୍ରତ ମିଶ୍ର, ମିଳନ ବଡୁ, ଶ୍ରୀନିବାସ ରେଞ୍ଜୀ ପ୍ରମୁଖ ସାମିଲ ହୋଇଥିଲେ।

## ଯାତ୍ରୀଙ୍କୁ ଲୁଟ୍, ୨ ଗିରଫ

**କଟକ ସଦର,୩।୮ (ଡି.ଏନ.ଏ.)**

ଅଟୋରେ ଯାତ୍ରୀଙ୍କୁ ପାନୀୟରେ ନିଶା ଦେଇ ଲୁଟ୍ କରିବା ଅଭିଯୋଗରେ କନ୍ଦରପୁର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଚନ୍ଦନପୁର ଗ୍ରାମର ବୁଦ୍ଧିରାମ ସ୍ୱାଇଁ ଓ ଜଗତ୍‌ସିଂହପୁର ଜିଲା ମଣ୍ଡାସାହି(ତିର୍ତ୍ତୋଲ) ଗ୍ରାମର ପ୍ରଭାତ ସାମଲ। ସେମାନଙ୍କଠାରୁ ୨୧,୮୩୯ ଟଙ୍କା, ଦୁଇଟି ମୋବାଇଲ ଫୋନ୍, ବ୍ୟାଟେରି, ଲୁଟ୍‌ରେ ବ୍ୟବହୃତ ଅଟୋ ଓ ସ୍କୁଟି ଜବତ କରାଯାଇଛି। ଗତ ୨୫ ତାରିଖ ସନ୍ଧ୍ୟାରେ ବିଡ଼ିଡି ଥାନା ଅଧୀନ ଅମୁଲି ସାହି(ଅଡ଼ଙ୍ଗଗଡ)ର ସେକ୍ ନଇମ ଘରକୁ ଯିବା ପାଇଁ ଓଏମ୍‌ପି ଛକରେ ଗାଡିକୁ ଅପେକ୍ଷା କରିଥିଲେ। ଏହି ସମୟରେ ବୁଦ୍ଧିରାମ ଆସି ଗୋଟିଏ ଅଟୋରେ ଜଗତ୍‌ସିଂହପୁର ଯିବା ପାଇଁ ନଇମଙ୍କୁ କହିଥିଲେ। ଉଭୟ ମିଶି ପ୍ରଭାତଙ୍କ ଅଟୋରେ ଘରକୁ ଯାଉଥିଲେ। ବିଦ୍ୟାଧରପୁର ସାଇମନ୍ଦିର ନିକଟରେ ଅଭିଯୁକ୍ତ ଦ୍ୱୟ ପାନୀୟରେ ନିଶା ମିଶାଇ ନଇମଙ୍କୁ ପିଇବାକୁ ଦେଇଥିଲେ। ସେ ଅଚେତ ହୋଇଯିବାରୁ ତାଙ୍କୁ ରାସ୍ତାପାର୍ଶ୍ୱରେ ପିଙ୍ଗିଦେବା ସହ ତାଙ୍କ ବ୍ୟାଗ ନେଇ ପଳାଇ ଯାଇଥିଲେ।

## 'ମୋ ଅନୁଭୂତିରେ ଲଦାଖ' ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର ୩।୮ (ବ୍ୟୁରୋ)**

ଭ୍ରମଣକାରୀର ଅଭିଜ୍ଞତା ଓ ଅନୁଭୂତି ପାଠକଙ୍କୁ ଆକର୍ଷିତ କରିଥାଏ। ତଥ୍ୟଭିତ୍ତିକ ଭ୍ରମଣ କାହାଣୀ ଆମକୁ ଯେତେ ରୋମାଞ୍ଚିତ କରେ ତା'ଠାରୁ ଅଧିକ ଜ୍ଞାନ ବୃଦ୍ଧିରେ ପ୍ରଭାବିତ କରିଥାଏ। ବିଶେଷ ଭାବେ ବାହାର ସ୍ଥାନର କଳା, ସଂସ୍କୃତି, ପରମ୍ପରା, ଲୋକଙ୍କ ଜୀବନଶୈଳୀ, ଭୌଗୋଳିକ ପରିବେଶ, ଐତିହାସିକ ପୃଷ୍ଠଭୂମି ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଭୂତି ମଧ୍ୟରୁ ପାଠକ ସାଉଁଟିବାର ପ୍ରୟାସ କରେ ବୋଲି ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ କହିଛନ୍ତି। ମଙ୍ଗଳବାର ସାଗରିକା ମିଶ୍ରଙ୍କ ଦ୍ୱାରା ରଚିତ ଭ୍ରମଣ କାହାଣୀ ପୁସ୍ତକ 'ମୋ ଅନୁଭୂତିରେ ଲଦାଖ' ଉନ୍ମୋଚନ କରି ମନ୍ତ୍ରୀ ସିଂହ କହିଲେ ସେ, ଡ. ମିଶ୍ର ଜଣେ ପ୍ରାଣୀ ଚିକିତ୍ସକ ହେଲେ ମଧ ତାଙ୍କ ଭ୍ରମଣ କାହାଣୀର ବର୍ଣ୍ଣନା ଅତି ସରଳ, ସାବଲୀଳ ତଥା ଅଧିକ ଆକର୍ଷଣୀୟ ହୋଇଛି । ଭାରତର ମଥାନ ଉପରେ ଅବସ୍ଥିତ ବରଫାବୃତ୍ତ ଲଦାଖ ଅଞ୍ଚଳ ଏକ ଭିନ୍ନ ଜୀବନଶୈଳୀ ପାଇଁ ଜଣାଶୁଣା। ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗ ଏବଂ ଶିଖରରେ ଅବସ୍ଥିତ ସର୍ପିଳ ରାସ୍ତାରେ ଭ୍ରମଣ କରି ଡ. ମିଶ୍ର ଯେଉଁ ଅନୁଭୂତି ସାଉଁଟିଛନ୍ତି ତାକୁ ନିଆରା ଢଙ୍ଗରେ ପରିବେଷଣ କରିଛନ୍ତି। ଏହି ଭ୍ରମଣ କାହାଣୀ ପୁସ୍ତକଟି ପାଠକଙ୍କ ମନଛୁଆଁ ହୋଇ ପାରିବ ବୋଲି ମନ୍ତ୍ରୀ ସିଂହ ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡ. ପ୍ରଦୀପ କୁମାର ରାଉତ, ଲେଖିକା ସାଗରିକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡିଜିପିଙ୍କୁ ଭେଟିଲେ ଇଣ୍ଡିଆନ ଆର୍ମିର ବରିଷ୍ଠ ଅଧିକାରୀ

**କଟକ ଅଫିସ,୩।୮:** ଇଣ୍ଡିଆନ ଆର୍ମିର ଏସଏମ, ଡିଜି ଇନଫ୍ୟାଣ୍ଟ୍ରି ଲ୍ୟୁଟନାଣ୍ଟ ଜେନେରାଲ ଏ.କେ. ସାମନ୍ତରା ମଙ୍ଗଳବାର କଟକସ୍ଥିତ ପୋଲିସ ମୁଖ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହ ସେ ଡିଜିପି ଅଭୟଙ୍କୁ ଭେଟି ରାଜ୍ୟର ହିତ ସମ୍ପର୍କିତ ଅନେକ ବିଷୟରେ ଆଲୋଚନା କରିଥିଲେ। ଦେଶ ପ୍ରତି ଇଣ୍ଡିଆନ ଆର୍ମିର ସେବା ପାଇଁ ଡିଜିପି ଅଭୟ କୃତଜ୍ଞତା ଜ୍ଞାପନ କରିଥିଲେ।

## ମନ୍ଦିରରୁ ଚୋରି ଉଦ୍ୟମ

**ନିଶ୍ଚିନ୍ତକୋଇଲି,୩।୮ (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବଡଥାକନ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ମନ୍ଦିରରୁ ଚୋରି ପାଇଁ ଉଦ୍ୟମ ବେଳେ ଗ୍ରାମବାସୀ ଜଣେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଥାନାରେ ମାମଲା (ନଂ.୯୯/୨୧) ରୁଜୁ ହୋଇଛି। ବଡଥାକନ ଗ୍ରାମର ମହାବୀର ମନ୍ଦିରରୁ କ୍ରମାଗତଭାବେ ୨ ଥର ଚୋରି ହେଲାଣି। ଏସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଅଭିଯୁକ୍ତ ପୁତୁରାଙ୍କୁ ଆଜୀବନ କାରାଦଣ୍ଡ

**ଭୁବନେଶ୍ୱର,୩।୮ (ବ୍ୟୁରୋ)**

**ବଡ଼ବୋଉଙ୍କୁ ହତ୍ୟା ମାମଲା**

ଜଟଣୀ ଥାନା ଅଞ୍ଚଳରେ ୨୦୧୬ରେ ଜମିଜମା ମାମଲାକୁ କେନ୍ଦ୍ର କରି ପୁତୁରା ନିଜ ବଡ଼ ବୋଉକୁ ହତ୍ୟା କରିଥିବା ଘଟଣାରେ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ରାୟ ଶୁଣାଇଛନ୍ତି। ପୁତୁରା ତଥା ଅଭିଯୁକ୍ତ କୁଳମଣି ମହାନ୍ତି(୩୧)ଙ୍କୁ ଆଜୀବନ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଏକ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଏଡିଜେ-୧ ସଞ୍ଜୀବ ଦୁବେ ରାୟରେ ଉଲ୍ଲେଖ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଓକିଲ ସି. କେ. ଦାଶ ପରିଚାଳନା କରୁଥିଲେ।

ସୂଚନା ଅନୁଯାୟୀ ଜଟଣୀ ଥାନା ରଥୀପୁର ଗାଁରେ ମନୋରମା ମହାନ୍ତିଙ୍କ ପରିବାର ସହିତ ଅଭିଯୁକ୍ତ କୁଳମଣିଙ୍କ ଜମିଜମା ନେଇ ବିବାଦ ଲାଗି ରହିଥିଲା। ୨୦୧୬ ମାର୍ଚ୍ଚ ୧୭ରେ କୁଳମଣି ଉକ୍ତ ବିବାଦୀୟ ଜମିରେ ଘର ନିର୍ମାଣ କରୁଥିବା ସମୟରେ ମନୋରମା ସେଠାରେ ପହଞ୍ଚି ବିରୋଧ କରିବାରୁ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ର ରୂପ ଧାରଣ କରିବାରୁ କୁଳମଣି ଉତ୍କ୍ଷିପ୍ତ ହୋଇ ମାରଣାସ୍ତ୍ରରେ ମନୋରମାଙ୍କୁ ଆକ୍ରମଣ କରିଥିଲେ। ଫଳରେ ମନୋରମା ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଜଟଣୀ ଥାନା ପୋଲିସ ଆଇପିସି ଦଫା ୩୦୨ ଓ ୩୪ରେ ମାମଲା (ନଂ-୮୬/୨୦୧୬)ରେ ରୁଜୁ କରି କୁଳମଣି ଓ ତାଙ୍କ ମା' ଶ୍ରୀମତି ମହାନ୍ତି(୬୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ଶ୍ରୀମତି ଜାମିନ୍‌ରେ ଅଛନ୍ତି। ଉକ୍ତ ମାମଲାର ଶୁଣାଣି ଗତ ୧୯ତାରିଖରେ ଶେଷ ହେବା ସହ ଅତିରିକ୍ତ ଦୌରାଜଜ୍ ରାୟକୁ ସଂରକ୍ଷିତ ରଖିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.MSM-CTS-SBP-10-21

**କାର୍ଯ୍ୟର ନାମ:** କ୍ଲିନ୍ ଟ୍ରେନ୍ ଷ୍ଟେସନ (CTS) ସ୍କିମ୍ ଅଧୀନରେ ଦୁଇ ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ରେଳ ଷ୍ଟେସନଠାରେ ଟ୍ରେନ୍‌ଗୁଡ଼ିକର ରହଣୀ ସମୟରେ ଯନ୍ତ୍ରୀକୃତ ସଫେଇ ଏବଂ କୋଚ୍‌ରେ ପାଣି ଭରିବା କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 5,36,22,634.76

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 02 (ଦୁଇ) ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.08.2021ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର

PR-257/M/21-22

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare)
Government of Orissa

No.2472/OSACS Dated: 02.08.2021

**NOTICE INVITING TENDER ON N.S. METHOD**

No.CAD-766:- Orissa State AIDS Control Society, BBSR invites sealed tenders from authorized manufacturers / distributors / approved dealers for supply of the following items.

a) Buprenorphine, 0.4 mg Tablet.
b) Buprenorphine, 2mg Tablet.

The detailed terms & conditions and specification of the above Drugs are available in the website of OSACS i.e. www.osacs.nic.in which can be downloaded for use. Interested parties may submit their tenders through post/ courier services superscribing "Tender for supply of Buprenorphine Tablets to OSACS" to the undersigned on or before 5.30 P.M. of 12.08.2021 positively and the same will be opened at 12.30 P.M. of the next working day by the committee in presence of the participants. The undersigned shall have the right to reject all or any of the tenders without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare), Govt. of Odisha
2nd Floor, Oil Orissa Building, F-Nayapalli, Bhubaneswar-12

OIPR-10009/11/0001/2122

## ସଭାସମିତି ପାଇଁ ଅନୁମତି ଲୋଡା

### ୧୮ ଥାନାଧିକାରୀଙ୍କୁ ନୋଟିସ

**କଟକ ଅଫିସ,୩।୮:** ସଭାସମିତି, ଶୋଭାଯାତ୍ରା, ଧାରଣା ଓ ଏକାଧିକ ଲୋକ ଏକାଠି ହେବାକୁ ହେଲେ ୩ଦିନ ପୂର୍ବରୁ ଉକ୍ତ ଥାନାଧିକାରୀଙ୍କ ଅନୁମତି ନେବାକୁ ପଡିବ। ଏ ନେଇ କଟକ ଜିଲା ମାଜିଷ୍ଟ୍ରେଟ ଗତ ୨୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ କଟକ ଗ୍ରାମାଞ୍ଚଳ ଏସ୍‌ପି ଯୁଗୋଳ କିଶୋର କୁମାର ବାନୋଥ ଜିଲାର ୧୮ଟି ଥାନାକୁ ଏ ସମ୍ପର୍କରେ ନୋଟିସ ଜାରି କରିଛନ୍ତି। ଏହି ନିୟମ ଅଗଷ୍ଟ ୭ରୁ ଆସନ୍ତା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ବିଶ୍ୱନାଥ ପଣ୍ଡିତ ସେଣ୍ଟ୍ରାଲ ଲାଇବ୍ରେରି ଭଙ୍ଗାଗଲା

**କଟକ ଅଫିସ,୩।୮**

ନେତାଜୀ ବସ୍ ଟର୍ମିନାଲ ପାଇଁ କଟକର ସର୍ବପୁରାତନ ପାଠାଗାର ବିଶ୍ୱନାଥ ପଣ୍ଡିତ ସେଣ୍ଟ୍ରାଲ ଲାଇବ୍ରେରୀର ବାକି ଅଂଶ ମଙ୍ଗଳବାର ଭଙ୍ଗାଯାଇଛି। ଖାନ୍‌ନଗରରେ ନିର୍ମାଣ ହେଉଥିବା ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ପାଇଁ ପାଠାଗାରକୁ ପୂର୍ବରୁ ଜୁଡିସିଆଲ୍ ଏକାଡେମୀ ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେଠାରେ ଅସ୍ଥାୟୀ ପାଠାଗାର ଚାଲିବ । ମାତ୍ର ପଢିବା ପାଇଁ ବ୍ୟବସ୍ଥା ନଥିବାରୁ ପାଠକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ଜୁଡିସିଆଲ୍ ଏକାଡେମୀରେ ପାଠାଗାର ଚାଲିବ। ଆଗାମୀ ଦିନରେ ଏହାକୁ ବାଦାମବାଡ଼ିଠାରେ ଥିବା ଅନୁଗୋଳ ବସ୍‌ଷ୍ଟାଣ୍ଡର ଏକ ଏକର ଜାଗାକୁ ସ୍ଥାନାନ୍ତର ପାଇଁ ଯୋଜନା ରହିଛି। ସେଠାରେ ପାଠାଗାର ପାଇଁ କୋଠା ନିର୍ମାଣ କରାଯାଇ ସବୁ କିଛି ବ୍ୟବସ୍ଥିତ ଭାବେ ସ୍ଥାନାନ୍ତର କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେଠାରୁ ଅନୁମତି ମିଳିବା ପରେ କାମ ଆଗକୁ ବଢିବ।

**BERHAMPUR UNIVERSITY**
(Accredited with 'A' Grade by NAAC)

**NOTIFICATION FOR ADMISSION**
**POST GRADUATE AND SELF-FINANCING COURSES FOR THE SESSION 2021-23**

**Letter No. 596/PGC/BU/21** **Date: 02.08.2021**

Admission into all Post Graduate Courses including **M.C.A. & M.B.A.** shall be done through **CPET 2021** Course. However, admission into **M. Pharma** Course shall be done through **OJEE 2021**.
Interested students are required to visit: **https://pg.samsodisha.gov.in/** (for CPET 2021), **https://ojee.nic.in** (for OJEE 2021) and the Berhampur University website: **http://www.bamu.nic.in** for further details.

**Sd./- Chairman, P.G. Council**

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
REGD. OFFICE : C/2, NAYAPALLI, BHUBANESWAR - 751012
CIN : U51211OR1980SGC000894
Tel. No : 0674-2395391, Fax No : 0674-2395291, Website : www.oscsc.in

**Tender No. 10705/P-II/77/2021/PDS** **Dt. 03.08.2021**

Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the work | Selection and appointment of handling & transport contractors for handling & transportation of Custom Milled Rice (CMR) from source district to recipient district through Rake in the State of Odisha. |
| 2. | Availability of bid Document in the portal | From 04.08.2021 |
| 3. | Last Date/Time for receipt of bids in the portal | Dt. 14.08.2021 up to 5.00 PM |
| 4. | Date/Time of Opening of Technical Bid | Dt. 16.08.2021 at 3.30 PM |
| 5. | Name and address of the Officer inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal **www.tendersodisha.gov.in, www.oscsc.in & www.foododisha.in.** Amendments/ corrigendum/cancellation/retenders etc. if any shall be published only in above websites.

Sd/-
Managing Director

# 'ହାଇକୋର୍ଟଙ୍କୁ କୋଭିଡ୍ ମୃତ୍ୟୁର ଭୁଲ୍ ରିପୋର୍ଟ ଦେଉଛନ୍ତି ସରକାର'

**ଭୁବନେଶ୍ୱର, ୩।୮ (ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ କମୁଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ମୃତ୍ୟୁହାର ବଢ଼ି ଚାଲିଛି। ରାଜ୍ୟ ସରକାର କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରକୃତ ତଥ୍ୟ ପ୍ରଦାନ କରିବାରେ ଅନିୟମିତତା କରୁଛନ୍ତି। ଜାଣିଶୁଣି କୋଭିଡ୍ ମୃତ୍ୟୁର ସତ୍ୟକୁ ଚାପିଦେବା ପାଇଁ ଅପଚେଷ୍ଟା କରୁଥିବା କଂଗ୍ରେସ ଅଭିଯୋଗ କରିଛି। ମଙ୍ଗଳବାର ରାଜ୍ୟ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ କୋଭିଡ୍ ମୃତ୍ୟୁର ତଥ୍ୟକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ରଖାଯାଇଥିବା କଥା ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ଦାଖଲ କରିଥିବା ସତ୍ୟପାଠକୁ ନେଇ ଉଚ୍ଚ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଗତ ଜୁଲାଇ ୫ରେ ରିପୋର୍ଟ ଦାଖଲ ପାଇଁ ସମୟ ନେଇଥିଲେ। ଜୁଲାଇ ୨୦ରେ ସତ୍ୟପାଠ ଜରିଆରେ ରିପୋର୍ଟ ଦାଖଲ କରିଥିଲେ। ଜୁଲାଇ ୨୮ରେ ହାଇକୋର୍ଟ ରିପୋର୍ଟକୁ ତର୍ଜମା କରିବା ପରେ ଏହା ସମ୍ପୂର୍ଣ୍ଣ ନୁହେଁ ବୋଲି କହିବା ସହିତ ଜିଲା ସ୍ତରରେ କୋଭିଡ୍ ମୃତ୍ୟୁର ସରକାର ଯେଉଁ ଅଡିଟ କରୁଛନ୍ତି ତାହାର ପ୍ରକାର ଭିତ୍ତି ସମ୍ପର୍କରେ କାହିଁକି ନୀରବ ସେନେଇ ପ୍ରଶ୍ନ କରିଥିଲେ। ଗତ ୨ ମାସ ଭିତରେ ନୟାଗଡ଼ରେ ୧୧୭ କୋଭିଡ୍ ମୃତ୍ୟୁ ସମ୍ପର୍କରେ ସରକାର ହାଇକୋର୍ଟଙ୍କ ପାଖରେ ଦାଖଲ କରିଥିବା ରିପୋର୍ଟରେ କିଛି ତଥ୍ୟ ଉପସ୍ଥାପନ କରିନାହାନ୍ତି। ସରକାର ରାଜ୍ୟବାସୀଙ୍କୁ ମିଛ ତଥ୍ୟ ଦେବା ପରେ ଏବେ ହାଇକୋର୍ଟଙ୍କୁ ମଧ ଭୁଲ୍ ତଥ୍ୟ ଦେଇ ଭ୍ରମିତ କରିବାକୁ ଚେଷ୍ଟା କରୁଥିବା ନିଶିକାନ୍ତ ଅଭିଯୋଗ କରିଛନ୍ତି।

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894, Tel. No. : 0674-2395391, Fax No.: 0674-2395291

**Tender No. 10707/P-II/76/2021/PDS** **Dt.03.08.2021**

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | **Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha.** |
| 2 | Availability of bid document in the portal | **From 04.08.2021** |
| 3 | Last Date / Time for receipt of bids in the portal | **Dt.14.08.2021 upto 5.00 PM.** |
| 4 | Date / Time of opening of Technical Bid | **Dt.16.08.2021 at 3.30 PM** |
| 5 | Name and address of Officer inviting Tender | **Managing Director, OSCSC Ltd., C/2 Nayapalli, Bhubaneswar.** |

Tender documents and other details can be seen from the e-procurement portal www.tendersodisha.gov.in, www.oscsc.in, & www.foododisha.in. Amendments / corrigendum / cancellation / retenders etc. if any shall be published in above websites.

Sd/-
Managing Director



ତାଲିବାନ ଦଖଲରୁ ପ୍ରାଦେଶିକ ସହରଗୁଡ଼ିକୁ ମୁକୁଳାଇବା ପାଇଁ ଆଫଗାନ ସୁରକ୍ଷାବଳ ସଂଘର୍ଷ କରୁଥିବାବେଳେ ଆମେରିକା ନେତୃତ୍ୱାଧୀନ ସେନାର ପ୍ରତ୍ୟାବର୍ତ୍ତନ କାରଣରୁ ଦେଶ ଅଶାନ୍ତ ହୋଇପଡ଼ିଛି। ସରକାର ୬ ମାସ ମଧ୍ୟରେ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଯୋଜନା କରୁଛନ୍ତି। **-ଅଶରଫ୍ ଗନି, ଆଫଗାନିସ୍ତାନ ରାଷ୍ଟ୍ରପତି**



## ସଂକ୍ଷେପରେ

### ଡ୍ୟାମ୍‌ରେ ଖସିଲା ସେନା ହେଲିକପ୍ଟର



**କଠୁଆ, ୩।୮:** ଜମ୍ମୁ-କଶ୍ମୀରର କଠୁଆଠାରେ ଭାରତୀୟ ସେନାର ଏକ ହେଲିକପ୍ଟର ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇ ରଣଜିତ୍ ସାଗର ଡ୍ୟାମ୍‌କୁ ଖସିପଡ଼ିଛି। ସେଠାରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏଥିରେ ଥିବା ଦୁଇ ପାଇଲଟ୍ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ହେଲିକପ୍ଟର ଭଗ୍ନାବଶେଷ ମିଳିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ହୋଇଛନ୍ତି। ପଞ୍ଜାବର ପଠାନକୋଟଠାରୁ ପ୍ରାୟ ୩୦ କି.ମି. ଦୂରରେ ଏହି ଡ୍ୟାମ୍ ରହିଛି। ୨୫୪ ଆର୍ମି ଆଭିଏଶନ ସ୍କ୍ୱାର୍ଡ୍ରନ ହେଲିକପ୍ଟର ପୂର୍ବାହ୍ନ ସାଢ଼େ ୧୦ଟା ୨୦ରେ ମାମୁନ କାଣ୍ଟରୁ ରୁଟିନ୍ ଉଡ଼ାଣ ଭରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ସେଥିରେ ମୋଟ କେତେଜଣ ଥିଲେ ତାହା ଜଣାପଡ଼ିନାହିଁ।

### ୨ ବିଏସ୍‌ଏଫ୍ ଯବାନ ଶହୀଦ

**ଅଗରତାଲା, ୩।୮:** ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମା ନିକଟରେ ତ୍ରିପୁରାରେ ନ୍ୟାଶନାଲ ଲିବିରେଶନ ଫ୍ରଣ୍ଟ୍ ଅଫ୍ ତ୍ରିପୁରା (ଏନ୍‌ଏଲ୍‌ଏଫ୍‌ଟି) ଆତଙ୍କବାଦୀଙ୍କ ଆକ୍ରମଣରେ ୨ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ମଙ୍ଗଳବାର ଶହୀଦ ହୋଇଛନ୍ତି। ତ୍ରିପୁରାର ଧଲାଇ ଜିଲା ଆର୍. ସି. ନାଥ ସୀମା ପୋଷ୍ଟ ନିକଟରେ ସକାଳ ପ୍ରାୟ ସାଢ଼େ ୬ଟାରେ ପାଟ୍ରୋଲିଂବେଳେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସବ୍‌ଇନ୍ସପେକ୍ଟର ଭୁରୁ ସିଂ ଓ କନଷ୍ଟେବଳ ରାଜ କୁମାର ଶହୀଦ ହୋଇଥିବା ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି। ଶହୀଦଙ୍କ ଅସ୍ତ୍ରଶସ୍ତ୍ର ଆତଙ୍କବାଦୀମାନେ ଛଡ଼ାଇନେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଧଲାଇ ରାଜଧାନୀ ଅଗରତାଲାଠାରୁ ପ୍ରାୟ ୯୪ କିମି ହେବ। ଭାରତ-ବାଂଲାଦେଶ ସୀମାର ମୋଟ ୪,୦୯୬ କି.ମି. ମଧ୍ୟରୁ ତ୍ରିପୁରାରେ ୮୫୬ କିମି ରହିଛି। ଏନ୍‌ଏଲ୍‌ଏଫ୍‌ଟି ଏକ ନିଷିଦ୍ଧ ସଙ୍ଗଠନ।

### ସଂକ୍ରମଣ ବୃଦ୍ଧିରେ ବ୍ରେକ୍

**ନୂଆଦିଲ୍ଲୀ, ୩।୮:** ଗତ ୬ ଦିନ ହେଲା ଦୈନିକ କରୋନା ସଂକ୍ରମଣ ବୃଦ୍ଧିରେ ବ୍ରେକ୍ ଲାଗିଛି। ୪୦ ହଜାର ଉପରେ ରହୁଥିବା ସଂକ୍ରମଣ ୩୦ ହଜାରକୁ ଖସିଛି। ଗତ ୨୪ ଘଣ୍ଟାରେ ଦେଶରେ ୩୦,୫୪୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଆଉ ୪୨୨ ଜଣ ଭୂତାଣୁ କବଳରେ ପଡ଼ି ପ୍ରାଣ ହରାଇଛନ୍ତି। ମୋଟ ସଂକ୍ରମଣ ୩,୧୭,୨୬,୫୦୭ରେ ପହଞ୍ଚିଥିବାବେଳେ ୪,୨୫,୧୯୫କୁ ବୃଦ୍ଧି ପାଇଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମୋଟ ୩,୦୮,୯୬,୩୫୪ ଜଣ କରୋନାରୁ ଆରୋଗ୍ୟ ହୋଇଛନ୍ତି।

### ପେଣ୍ଟାଗନ୍ ବାହାରେ ଆକ୍ରମଣ: ପୋଲିସ ନିହତ

ୱାଶିଂଟନ୍, ୩।୮: ଆମେରିକାର ପ୍ରତିରକ୍ଷା ବିଭାଗ ବିଲ୍ଡିଂ ପେଣ୍ଟାଗନ୍ ବାହାରେ ମଙ୍ଗଳବାର ଆକ୍ରମଣ ହୋଇଛି। ଏଥିରେ ଜଣେ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା କାରଣରୁ ପେଣ୍ଟାଗନ୍‌କୁ କିଛି ସମୟ ପାଇଁ ବନ୍ଦ କରି ଦିଆଯାଇଥିଲା। ସାଧାରଣ ଲୋକଙ୍କୁ ଉକ୍ତ ଅଞ୍ଚଳ ମଧ୍ୟରେ ପ୍ରବେଶ କରିବାକୁ ବାରଣ କରାଯାଇଥିଲା। ରିପୋର୍ଟ ଅନୁସାରେ, ପେଣ୍ଟାଗନ୍ ଟ୍ରାଞ୍ଜିଟ୍ ସେଣ୍ଟରର ମେଟ୍ରୋ ବସ୍ ପ୍ଲାଟଫର୍ମରେ ଏକାଧିକ ଗୁଳି ଫୁଟିଥିଲା। ଏଥିରେ ଅନେକେ ଆହତ ହୋଇଥିଲେ। ପରେ ଆକ୍ରମଣକାରୀଙ୍କ ଛୁରା ମାଡ଼ରେ ଗୁରୁତର ହୋଇଥିବା ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା।

### ପେଗାସସ୍ ବିବାଦ: ବିରୋଧୀଙ୍କ ସହ ସ୍ୱର ମିଳାଇଲେ ମାଞ୍ଝି

**ପାଟନା, ୩।୮:** ଯଦି ବିରୋଧୀ ଦଳଗୁଡ଼ିକ ପେଗାସସ୍ ଦ୍ୱାରା ଫୋନ୍ ଟ୍ୟାପିଂ କରାଯାଇଥିବା କହି ଏହାର ତଦନ୍ତ ଦାବି ସହ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ଚଲାଇ ଦେଉନାହାନ୍ତି ତେବେ ଏହା ସାଂଘାତିକ। ନରେନ୍ଦ୍ର ମୋଦି ସରକାର ଏହାର ତଦନ୍ତ ଆରମ୍ଭ କରିବା ଉଚିତ। ଏହି ଗୁପ୍ତଚରଗିରିରେ ପ୍ରକୃତରେ କିଏ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତରୁ ଜଣାପଡ଼ିବ ବୋଲି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା ଅଧ୍ୟକ୍ଷ ଜିତନ ରାମ ମାଞ୍ଝି କହିଛନ୍ତି। ସ୍ପାଏୱେର ଗୁପ୍ତଚରଗିରିର ତଦନ୍ତ ଦାବି ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପରେ ଏନ୍‌ଡିଏରେ ଥାଇ ଏଭଳି ଦାବି ରଖିବାରେ ମାଞ୍ଝି ହେଉଛନ୍ତି ଦ୍ୱିତୀୟ ନେତା।

## ଦିଲ୍ଲୀରେ ଲଜ୍ଜା

# ଦଳିତ ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା

**ପୀଡ଼ିତାଙ୍କ ମୃତଦେହକୁ ଜବରଦସ୍ତି ଜାଳିଦେଲେ**

**ପୂଜକଙ୍କ ସମେତ ୪ ଗିରଫ, ତେଜିଲା ରାଜନୀତି**

ନୂଆଦିଲ୍ଲୀ,୩।୮

ସଭ୍ୟ ସମାଜର ମୁହଁ ତଳକୁ କରିଦେବା ଭଳି ଆଉ ଏକ ଘଟଣା ଘଟିଛି ଜାତୀୟ ରାଜଧାନୀ ଦିଲ୍ଲୀରେ। ନୂଆଦିଲ୍ଲୀର ଦକ୍ଷିଣ ପଶ୍ଚିମାଞ୍ଚଳରେ ରବିବାର ରାତିରେ ଜଣେ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଅପରାଧ ବର୍ବରତା ଏତିକିରେ ସୀମିତ ରହିନାହିଁ। ଅଭିଯୁକ୍ତମାନେ ପୀଡ଼ିତାଙ୍କ ମୃତଦେହକୁ ଜୋର୍ ଜବରଦସ୍ତ ଜାଳି ଦେଇଛନ୍ତି। ମୃତଦେହ ଜଳୁଥିବାବେଳେ ଶ୍ମଶାନରେ ତାଙ୍କ ପରିବାର ଲୋକେ ପହଞ୍ଚିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଧମକ ଦେଇଛନ୍ତି। ପରିବାର ଓ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ସମସ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୂଜକ ରାଧେଶ୍ୟାମ, ତାଙ୍କ ସହଯୋଗୀ କୁଲଦୀପ, ଲକ୍ଷ୍ମୀନାରାୟଣ ଓ ସ୍ଥାନୀୟ ବାସିନ୍ଦା ସଲିମ। ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୩୭୬(ବଳାତ୍କାର), ୩୦୨(ହତ୍ୟା), ୫୦୬(ଆପରାଧିକ ଧମକ), ୨୦୪(ପ୍ରମାଣ ନଷ୍ଟ) ସହ ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଏବଂ ଏସ୍‌ସି/ଏସ୍‌ସି ଆକ୍ଟ ବଳରେ ମାମଲା ରୁଜୁ କରାଯାଇଛି। ଦଳିତ ନାବାଳିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଦେଶବ୍ୟାପୀ ବିକ୍ଷୋଭ ଆରମ୍ଭ ହୋଇଛି। ଏହି ପ୍ରସଙ୍ଗକୁ ନେଇ ରାଜନୀତି ଜୋର୍ ଧରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୀଡ଼ିତାଙ୍କୁ 'ଦେଶର ଝିଅ' ଭାବେ ଅଭିହିତ କରିଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହି ମାମଲାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। କଡ଼ା ସୁରକ୍ଷା ବଳୟରେ ଥିବା ଦିଲ୍ଲୀରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ଚିନ୍ତା ବଢ଼ିଯାଇଛି।




କ୍ୟାଣ୍ଟନମେଣ୍ଟ ଅଞ୍ଚଳର ନଙ୍ଗଲ ଗ୍ରାମରେ ରହୁଥିବା ୯ ବର୍ଷୀୟା ଦଳିତ ବାଳିକା ଜଣକ ରବିବାର ଅପରାହ୍ନ ୫ଟା ୩୦ରେ ସ୍ଥାନୀୟ ଶ୍ମଶାନର ୱାଟର କୁଲରକୁ ପାଣି ଆଣିବାକୁ ଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଘର ଲୋକେ ଶ୍ମଶାନରେ ପହଞ୍ଚିବା ପରେ କୁଲରରୁ ପାଣି ପିଉଥିବାବେଳେ ବିଦ୍ୟୁତ୍ ଆଘାତରେ ଝିଅର ମୃତ୍ୟୁ ଘଟିଥିବା ନେଇ ଅଭିଯୁକ୍ତମାନେ ସେମାନଙ୍କୁ ଜଣାଇଥିଲେ। ଏପରି କି ପରିବାର ଓ ପୋଲିସର ଅଜାଣତରେ ତାଙ୍କ ମୃତଦେହକୁ ଶ୍ମଶାନରେ ଜାଳି ଦେଇଥିଲେ। ଥାନାରେ ମାମଲା ରୁଜୁ ନ କରିବାକୁ ପୂଜକ ରାଧେଶ୍ୟାମ ନାବାଳିକାଙ୍କ ମା'ଙ୍କୁ କହିବା ସହ ଧମକ ଦେଇଥିଲେ। ପୋଲିସକୁ ଏକଥା କହିଲେ ଡାକ୍ତରମାନେ ମୃତାଦେହ ବ୍ୟବଚ୍ଛେଦ କରିବେ। ପୋଲିସ ଝିଅର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶରୀରରୁ ବାହାର କରି ବିକ୍ରି କରିଦେବ ବୋଲି ରାଧେଶ୍ୟାମ କହିଥିଲେ। ଏହାକୁ ନେଇ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ନେଇ ପୋଲିସ ପୀଡ଼ିତାଙ୍କ ମା'ଙ୍କୁ ଫୋନ୍ କରି ଜଣାଇଥିଲା। ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକଙ୍କ ବିକ୍ଷୋଭ ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରମାଣ ସଂଗ୍ରହ ପାଇଁ ଫୋରେନ୍‌ସିକ୍ ଟିମ୍ ମଧ୍ୟ ସେଠାକୁ ଯାଇଥିଲା। ଏନେଇ ଜାତୀୟ ତଫସିଲଭୁକ୍ତ ଜାତି (ଏସ୍‌ସି) କମିଶନ ଦିଲ୍ଲୀ ପୋଲିସକୁ ରିପୋର୍ଟ ମାଗିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ନାବାଳିକା ଦଳିତ ଝିଅ ଦେଶର ଝିଅ' କହି ଟୁଇଟ୍ କରିଛନ୍ତି। ଏହାସହ ଏହି ଖବରର ଏକ ସ୍କ୍ରିନ୍‌ଶଟ୍‌କୁ ଟୁଇଟ୍‌ରେ ସଂଲଗ୍ନ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ସକାଳେ ପୀଡ଼ିତାଙ୍କ ପରିବାରକୁ ଭେଟିବେ ବୋଲି କହିଛନ୍ତି। ୯ ବର୍ଷୀୟା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ସମ୍ଭବ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

### ଟୁଇଟରରେ ଟ୍ରେଣ୍ଡ କଲା

ଦିଲ୍ଲୀରେ ଦଳିତ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରି ପୋଡ଼ିଦେବା ଘଟଣା ଟୁଇଟରରେ ଟ୍ରେଣ୍ଡ କରିବାରେ ଲାଗିଛି। ଏହି ବର୍ବର କାଣ୍ଡକୁ ନିନ୍ଦା କରି ୟୁଜର୍ସ ହ୍ୟାଶ୍‌ଟ୍ୟାଗ୍ ଜଷ୍ଟିସ୍ ଫର୍ ଦିଲ୍ଲୀ କ୍ୟାଣ୍ଟନମେଣ୍ଟଗାର୍ଲ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା କଂଗ୍ରେସ ପକ୍ଷରୁ ଟୁଇଟ୍ କରି ଲେଖାଯାଇଛି, ୯ ବର୍ଷୀୟା ଝିଅକୁ ଦିଲ୍ଲୀରେ ବଳାତ୍କାର। ଅଭିଯୁକ୍ତ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ପରିବାର ଲୋକଙ୍କ ଅଭିଯୋଗ। ଭାଜପା ଅଧୀନରେ ଦିଲ୍ଲୀରେ ମହିଳା ବିରୋଧ ଅପରାଧ ୪୩% ବଢ଼ିଛି। ଏଏପି-ଭାଜପା ଚୁପ୍ କରାଇବାରେ ବିଶ୍ୱାସ କରନ୍ତି। କିନ୍ତୁ କାର୍ଯ୍ୟାନୁଷ୍ଠାନ ନିଅନ୍ତି ନାହିଁ।

## ହୋମଗାର୍ଡଙ୍କୁ ୩୦ ବର୍ଷ ଜେଲ

### ଭିନ୍ନକ୍ଷମ ନାବାଳିକାଙ୍କୁ କରିଥିଲେ ବଳାତ୍କାର

ହାଇଦ୍ରାବାଦ,୩।୮

୧୬ ବର୍ଷୀୟା ଭିନ୍ନକ୍ଷମଙ୍କୁ ବଳାତ୍କାର କରିବା ଅଭିଯୋଗରେ ହାଇଦ୍ରାବାଦର ଏକ କୋର୍ଟ ମଙ୍ଗଳବାର ଜଣେ ହୋମଗାର୍ଡଙ୍କୁ ୩୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ପ୍ରଥମ ଅତିରିକ୍ତ ମେଟ୍ରୋପଲିଟାନ୍ ସେସନ୍ସ ଜଜ୍ ସୁନୀତା କୁଞ୍ଚଲା ସମ୍ପୃକ୍ତ ୪୦ ବର୍ଷୀୟ ହୋମଗାର୍ଡଙ୍କୁ ପୋକ୍ସୋ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡବିଧାନ ସହ ୫୦ ହଜାର ଟଙ୍କାର ଜରିମାନା ଆଦେଶ ମଧ୍ୟ ଦେଇଛନ୍ତି। ୨୦୨୦ ଅକ୍ଟୋବରରେ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ବର୍ଗର ଭିନ୍ନକ୍ଷମ ନାବାଳିକାଙ୍କୁ ବେଆଇନ ଭାବେ ଅଟକ ରଖି ଦୁଇଥର ବଳାତ୍କାର କରିଥିଲେ। ଏନେଇ ମୁହଁ ଖୋଲିଲେ ପୀଡ଼ିତାଙ୍କ ପରିବାରକୁ ନିପାତ କରିଦେବେ ବୋଲି ସେ ଧମକ ଦେଇଥିଲେ। ଗତ ଫେବୃୟାରୀରେ ଝିଅଟି ୫ ମାସର ଗର୍ଭବତୀ ହେବା ପରେ ଘଟଣା ପଦାକୁ ଆସିଥିଲା। ପୋଲିସ ହୋମଗାର୍ଡଙ୍କୁ ଗିରଫ କରିଥିଲା।

## ଭାରତକୁ ଆସିବ ହାର୍ପୁନ ମିଶାଇଲ

### ୬୦୮ କୋଟିର ଚୁକ୍ତିକୁ ଆମେରିକାର ମଞ୍ଜୁରୀ

ନୂଆଦିଲ୍ଲୀ, ୩।୮

ଭାରତକୁ ଆମେରିକା ବିଶ୍ୱର ସବୁଠୁ ସଫଳ ଆଣ୍ଟାଇ-ଶିପ୍ ହାର୍ପୁନ ମିଶାଇଲ ଦେବ। ଏଥିପାଇଁ ଭାରତ ସହ ୮୨ ମିଲିୟନ ଡଲାର (ପ୍ରାୟ ୬୦୮ କୋଟି ଟଙ୍କା)ର ଚୁକ୍ତିକୁ ଆମେରିକା ମଞ୍ଜୁରୀ ଦେଇଛି। ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ଆମେରିକା କହିଛି। ପେଣ୍ଟାଗନ୍ ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି (ଡିଏସ୍‌ସିଏ) ଭାରତକୁ ମିଶାଇଲ ବିକ୍ରୟ ନେଇ ଆମେରିକା କଂଗ୍ରେସକୁ ପ୍ରମାଣପତ୍ର ପ୍ରଦାନ କରିଛି। ଭାରତ ହାର୍ପୁନ ଜଏଣ୍ଟ ମିଶାଇଲ କମନ୍ ଟେଷ୍ଟ (ଜେସିଟିଏସ୍) କିଣିବାକୁ ଅନୁରୋଧ କରିଥିଲା। ଏଥିସହ ହାର୍ପୁନର ରକ୍ଷଣାବେକ୍ଷଣ ପାଇଁ ଏକ ଷ୍ଟେଶନ, ବିଭିନ୍ନ ପାର୍ଟସ୍, ପରୀକ୍ଷା ଉପକରଣ, ବୈଷୟିକ ସହଯୋଗ, କର୍ମଚାରୀଙ୍କୁ ତାଲିମ, ସହାୟତା ସେବା ପାଇଁ ମଧ୍ୟ ଭାରତ ସରକାର ଆମେରିକାକୁ କହିଥିଲେ।

## ସଂସଦରେ ହଟୁନି ଅଚଳାବସ୍ଥା

ନୂଆଦିଲ୍ଲୀ,୩।୮

ପାର୍ଲାମେଣ୍ଟରେ କେନ୍ଦ୍ରର ବିବାଦୀୟ କୃଷି ଆଇନ ଓ ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ସଦସ୍ୟମାନେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ମଙ୍ଗଳବାର ଏହି ଦୁଇ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ଉଭୟ ଗୃହକୁ ବାରମ୍ବାର ଓ ଶେଷରେ ଦିନକ ପାଇଁ ସ୍ଥଗିତ କରାଯାଇଛି। ହୋହଲ୍ଲା ସତ୍ତ୍ୱେ ଲୋକ ସଭାରେ ଟ୍ରିବ୍ୟୁନାଲ ରିଫର୍ମସ୍ ବିଲ୍, ୨୦୨୧ ଏବଂ ଜରୁରୀ ପ୍ରତିରକ୍ଷା ସେବା ବିଲ୍, ୨୦୨୧ ଗୃହୀତ ହୋଇଛି। ସେହିପରି ରାଜ୍ୟ ସଭାରେ ମଧ୍ୟ ପେଗାସସ୍ ଓ କୃଷି ଆଇନ ବିରୋଧୀ ସ୍ଲୋଗାନ ଭିତରେ ଇନ୍‌ସୋଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ (ସଂଶୋଧନ) ବିଧେୟକ ପାରିତ ହୋଇଛି।

ଗତ ୧୯ ତାରିଖରେ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନରେ ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ପ୍ରସଙ୍ଗ ଝଡ଼ ସୃଷ୍ଟି କରିଛି। ବିରୋଧୀ ନେତାମାନେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ୧୫ ବିରୋଧୀ ଦଳ ମଙ୍ଗଳବାର ସକାଳେ ଏକାଠି ହୋଇ ବ୍ରେକ୍‌ଫାଷ୍ଟ ମିଟିଂ କରିଥିଲେ। ବୈଠକ ପରେ ରାହୁଲ ସାଇକେଲରେ ପାର୍ଲାମେଣ୍ଟକୁ ଆସିଥିଲେ। ତେଲ ଓ ରୋଷେଇ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଏହା ଥିଲା ସାଙ୍କେତିକ ବିକ୍ଷୋଭ। ବିନା ବିତର୍କରେ ସରକାର ବିଲ୍‌ଗୁଡ଼ିକୁ ଗୃହୀତ କରାଇନେଉଥିବାରୁ ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍ କେନ୍ଦ୍ରକୁ ଟାର୍ଗେଟ କରି ଟୁଇଟ୍ କରିଥିଲେ, ସରକାର ଆଇନ ଗଢ଼ୁଛନ୍ତି ନା ପାପଡ଼ି ଚାଟ୍ ପ୍ରସ୍ତୁତ କରୁଛନ୍ତି? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଟିଏମ୍‌ସିର ଶାନ୍ତନୁ ସେନ୍ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହାତରୁ ପେଗାସସ୍ ପେପର ଛଡ଼ାଇ ନେବା ପ୍ରସଙ୍ଗରେ ଭାଜପା ସଂସଦୀୟ ଦଳ ବୈଠକରେ ମୋଦି କହିଥିଲେ, ବିରୋଧୀ ସଦସ୍ୟମାନେ ଜାଣିଶୁଣି ପାର୍ଲାମେଣ୍ଟକୁ ଚଳାଇଦେବାକୁ ଚାହୁଁ ନାହାନ୍ତି। ବିରୋଧୀ ବାରମ୍ବାର ଏପରି ଆଚରଣ ଦେଖାଇବା ଗଣତନ୍ତ୍ର ପ୍ରତି ଅପମାନ। ରାଜ୍ୟ ସଭାରେ ବିରୋଧୀ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।




ତେଲ, ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ: ନୂଆଦିଲ୍ଲୀର କନ୍‌ଷ୍ଟିଟ୍ୟୁଶନ କ୍ଲବ୍‌ରୁ ମଙ୍ଗଳବାର ପାର୍ଲାମେଣ୍ଟ ଅଭିମୁଖେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସାଇକେଲ ଯାତ୍ରା। ( ଫଟୋ: ଚମନ ଗୌତମ)

**ସରକାର ଆଇନ ଗଢ଼ୁଛନ୍ତି ନା ପାପଡ଼ି ଚାଟ୍: ଓ'ବ୍ରାଏନ୍**

**ବିରୋଧୀଙ୍କ ଆଚରଣ ଗଣତନ୍ତ୍ର ପ୍ରତି ଅପମାନ: ମୋଦି**

## ସିବିଆଇକୁ ଗଲା ଜଜ୍ ହତ୍ୟା ମାମଲା

ରାଞ୍ଚି, ୩।୮

ଧାନବାଦ ଜିଲା ଜଜ୍ ଉତ୍ତମ ଆନନ୍ଦଙ୍କ ଉପରେ ଅଟୋ ମଡ଼ାଇ ହତ୍ୟା ମାମଲାର ତଦନ୍ତ କରିବାକୁ ଝାଡ଼ଖଣ୍ଡ ହାଇକୋର୍ଟ ମଙ୍ଗଳବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଶୁଣାଣି ବେଳେ ସିବିଆଇ ପରାମର୍ଶଦାତାଙ୍କ ଜବାବ ପରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ରବି ରଞ୍ଜନ ଏବଂ ଜଷ୍ଟିସ୍ ସୁଜିତ୍ ନାରାୟଣ ପ୍ରସାଦଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶନିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ୪୯ ବର୍ଷୀୟ ଉତ୍ତମ ଆନନ୍ଦଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିସ୍ କରିଥିଲେ। ରାଜ୍ୟ ସରକାରଙ୍କଠାରୁ ଏ ସଂକ୍ରାନ୍ତରେ ଚିଠି ପାଇଥିବା ନେଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସୋମବାର କୋର୍ଟରେ ଜଣାଇଥିଲା। ବୁଧବାର ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି ଜାରି କରିବ ବୋଲି ସୂଚନା ରହିଛି। ଏ ସଂକ୍ରାନ୍ତରେ ସମସ୍ତ ଦସ୍ତାବିଜ୍ ସିବିଆଇକୁ ହସ୍ତାନ୍ତର କରିବାକୁ ଝାଡ଼ଖଣ୍ଡ ସରକାରଙ୍କୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୨୮ରେ ଜଜ୍ ଆନନ୍ଦଙ୍କୁ ଏକ ଅଟୋ ଉଦ୍ଦେଶ୍ୟମୂଳକ ଭାବେ ଧକ୍କା ଦେଇ ପଳାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା।



ଉତ୍ତମ ଆନନ୍ଦ

## ପେଗାସସ୍: ଏଡିଟର୍ସ ଗିଲ୍ଡ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୩।୮

ପେଗାସସ୍ ସ୍ପାଏୱେର ଫୋନ୍ ଟ୍ୟାପିଂ ମାମଲାର ତଦନ୍ତ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିବାକୁ ଏଡିଟର୍ସ ଗିଲ୍ଡ ନିବେଦନ କରିଛି। ଏଥିସହ ବିଚାରପତିମାନେ ଗୁପ୍ତଚର ସଂକ୍ରାନ୍ତ ଚୁକ୍ତି ଏବଂ ଟାର୍ଗେଟରେ ଥିବା ଲୋକଙ୍କ ତାଲିକା ବିଷୟରେ ସରକାରଙ୍କଠାରୁ ସବିଶେଷ ତଥ୍ୟ ମାଗନ୍ତୁ ବୋଲି ଏହି ଫୋରମ୍ କହିଛି। ଆସନ୍ତା ଗୁରୁବାର ସିଜେଆଇ ଏନ୍. ଭି. ରମାନାଙ୍କ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। ବରିଷ୍ଠ ସାମ୍ବାଦିକ ଏନ୍. ରାମ ଏବଂ ଶଶୀ କୁମାର ଏ ବାବଦରେ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଖଲ କରିଥିଲେ।

# କଙ୍ଗୋ ନାଗରିକଙ୍କ ହାଜତ ମୃତ୍ୟୁ

### ବିକ୍ଷୋଭ ବେଳେ ହିଂସା: ୫ ଗିରଫ

ବେଙ୍ଗାଲୁରୁ,୩।୮

କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋର ଜଣେ ନାଗରିକଙ୍କ ବେଙ୍ଗାଲୁରୁ ପୋଲିସ ହାଜତରେ ମୃତ୍ୟୁ ଘଟିଛି। ଏହାକୁ ନେଇ ମଙ୍ଗଳବାର ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଲାଠିଚାର୍ଜ କରିଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ହିଂସା ଭିଆଇବା ଅଭିଯୋଗରେ ପୋଲିସ ୫ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ପୋଲିସର କହିବା ହେଉଛି, ୨୭ ବର୍ଷୀୟ କଙ୍ଗୋ ନାଗରିକ ଜୋଏଲ୍ ଶିଣ୍ଡାନି ମାଲୁ ଓରଫ ଜୋଆନ୍ ବଞ୍ଜାରା ଲେଆଉଟ୍‌ରେ ଡ୍ରଗ୍ସ ଡିଲ୍ ବେଳେ ରବିବାର ରାତିରେ ଧରାପଡ଼ିଥିଲେ। ଜୋଆନ୍‌ଙ୍କୁ ସ୍ଥାନୀୟ ଜେ.ସି. ନଗର ଥାନାକୁ ନିଆଯାଇଥିବାବେଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ। ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସୋମବାର ସକାଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ କଙ୍ଗୋ ସମୁଦାୟ ଏହାକୁ ହାଜତ ମୃତ୍ୟୁ ବୋଲି ଅଭିହିତ କରିଛନ୍ତି। ପୋଲିସ ମାଡ଼ରେ ତାଙ୍କର ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ବିବାଦ ଘନେଇବାରୁ ଦିଲ୍ଲୀରେ ଥିବା କଙ୍ଗୋ ଦୂତାବାସ ଅଧିକାରୀମାନେ ମଙ୍ଗଳବାର ବେଙ୍ଗାଲୁରୁରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେମାନେ ଜୋଆନ୍‌ଙ୍କ ମୃତଦେହକୁ ଦେଖିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ବେଙ୍ଗାଲୁରୁ ପୋଲିସ କହିଛି। ଇତିମଧ୍ୟରେ ୩୦-୪୦ ଜଣ କଙ୍ଗୋ ନାଗରିକ ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବିରେ ଜେ.ସି. ନଗର ଥାନା ଆଗରେ ବିକ୍ଷୋଭ କରିଥିଲେ। ବିକ୍ଷୋଭ ବେଳେ ପୋଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ଲାଠିମାଡ଼ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୋଗକୁ ଡେପୁଟି ପୋଲିସ କମିଶନର ଧର୍ମେନ୍ଦ୍ର ମୀନା ଖଣ୍ଡନ କରିଛନ୍ତି। ବିକ୍ଷୋଭକାରୀମାନେ ପୋଲିସକୁ କର୍ତ୍ତବ୍ୟ ସମ୍ପାଦନରେ ବାଧା ଦେବା ସହ ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏହାସହ ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିଥିଲେ। ଫଳରେ ପୋଲିସ ବାଧ୍ୟହୋଇ କାର୍ଯ୍ୟାନୁଷ୍ଠାନ ନେଇଥିଲା ବୋଲି ଡିସିପି କହିଛନ୍ତି।



ବିକ୍ଷୋଭବେଳେ ଜଣେ କଙ୍ଗୋ ନାଗରିକଙ୍କୁ ପୋଲିସ ଲାଠିମାଡ଼ କରୁଛି।

## ପୋଲିସ ହାଜତରେ ମରିଛନ୍ତି ୩୪୮ ଜଣ

### ଅତ୍ୟାଚାର ସହିଛନ୍ତି ୧,୧୮୯

ନୂଆଦିଲ୍ଲୀ, ୩।୮

ଗତ ୩ ବର୍ଷ ମଧ୍ୟରେ ପୋଲିସ ହାଜତରେ ଥିବାବେଳେ ୩୪୮ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଛି। ସେହିପରି ଆହୁରି ୧,୧୮୯ ଜଣଙ୍କ ଉପରେ ଅତ୍ୟାଚାର ହୋଇଥିବା ମଙ୍ଗଳବାର ଲୋକ ସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ସରକାର। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଦ୍ୱାରା ସଂଗୃହୀତ ତଥ୍ୟ ଆଧାରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ୨୦୧୮ରେ ପୋଲିସ କଷ୍ଟୋଡିରେ ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୯ରେ ୧୧୨ ଏବଂ ୨୦୨୦ରେ ୧୦୦ ଅଭିଯୁକ୍ତଙ୍କ ଜୀବନ ଯାଇଛି। ୨୦୧୮ରେ ୫୪୨, ୨୦୧୯ରେ ୪୧୧ ଏବଂ ୨୦୨୦ରେ ୨୩୬ ଜଣ ଲୋକ ହାଜତରେ ପୋଲିସ ଅତ୍ୟାଚାରର ଶିକାର ହୋଇଥିବା ମନ୍ତ୍ରୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।

# ନମ୍ବରକୁ ନେଇ ସବୁଠି ଖୁସି

ଦେଶରେ ସିବିଏସ୍ଇ ଦଶମ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥର କୋଭିଡ୍ ଯୋଗୁ ପରୀକ୍ଷା ବାତିଲ ହୋଇଥିଲା। ତେଣୁ ବିକଳ୍ପ ମୂଲ୍ୟାୟନ ମାଧ୍ୟମରେ ଫଳ ପ୍ରକାଶ ପାଇଛି। ସର୍ବଭାରତୀୟସ୍ତରରେ ୯୯.୦୪% ପାସ୍ ହାର ରହିଥିବାବେଳେ ଭୁବନେଶ୍ୱର ରିଜିୟନ୍‌ରେ ୯୯.୬୨% ରହିଛି। ଯାହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଅଧିକାଂଶ ପିଲା ସେମାନଙ୍କ ନମ୍ବରକୁ ନେଇ ଖୁସି ଥିବାବେଳେ ଅନେକେ ପରୀକ୍ଷା ହୋଇଥିଲେ ଅଧିକ ନମ୍ବର ରଖିଥାନ୍ତୁ ବୋଲି ପ୍ରକାଶ କରିଛନ୍ତି। ପିଲାମାନଙ୍କ ଏହି ସଫଳତାକୁ ନେଇ ଧରିତ୍ରୀର ମତାମତଭିତ୍ତିକ ଉପସ୍ଥାପନା-



ସିବିଏସ୍ଇ ଦଶମ ପରୀକ୍ଷାଫଳ ପ୍ରକାଶ ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।

### ରେଜଲ୍ଟ ଭୟ ଦୂର କଲା



ଏଥର ବିନା ପରୀକ୍ଷାରେ ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ମୂଲ୍ୟାୟନ ହେବ ବୋଲି ଜାଣିବା ପରେ ମନରେ ଭୟ ରହିଥିଲା। କାରଣ ଆଗରୁ କେବେ ଏଭଳି ଆମେ ପରିସ୍ଥିତି ସମ୍ମୁଖୀନ କରିନଥିଲୁ। ତେବେ ଆଶାନୁଯାୟୀ ମାର୍କ ରହିଥିବାରୁ ଖୁସି ଅଛି। ମୋର ୯୯.୪% ରହିଛି। ଆଇଆଇଟିରେ ପଢ଼ିବା ଲକ୍ଷ୍ୟ ରହିଛି।

- ସ୍ୱସ୍ତିକ ଶୁଭଦର୍ଶନ, ଛାତ୍ର, ଭୁବନେଶ୍ୱର

### ଓଏଏସ୍ ଅଫିସର ହେବା ଲକ୍ଷ୍ୟ



ଶ୍ରେଣୀଗୃହ ପାଠପଢ଼ା ହୋଇ ନ ଥିଲେ ମଧ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରତି ମୁହୂର୍ତ୍ତରେ ଏହା ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଉଥିଲେ। ଫଳରେ ମୁଁ କଠିନ ପରିଶ୍ରମ କରିବା ସହ ପାଠପଢ଼ାରେ ଅଧିକ ସମୟ ଦେଉଥିଲି। ଏବେ ଫଳ ପ୍ରକାଶ ପାଇଛି। ମୋର ୮୦ ପ୍ରତିଶତ ମାର୍କ ରହିଛି। ଏଥିପାଇଁ ମୁଁ ଆନନ୍ଦିତ। ଆଗାମୀ ଦିନରେ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବି। ଓଏଏସ୍ ଅଫିସର ହେବା ମୋର ଲକ୍ଷ୍ୟ ରହିଛି।

- ମୋନାଲିକା ସାହୁ, ଛାତ୍ରୀ, କଟକ

### ପରୀକ୍ଷା ହୋଇଥିଲେ ଅଧିକ ମାର୍କ ରଖିଥାନ୍ତି



ପରୀକ୍ଷା ନ ହୋଇ ଫଳ ପ୍ରକାଶ ପାଇଛି। ଏଥିରେ ମୋର ୭୭ ପ୍ରତିଶତ ମାର୍କ ରହିଛି। ମାତ୍ର ଏଥିରେ ମୁଁ ଖୁସି ନୁହେଁ। ପରୀକ୍ଷା ପାଇଁ ପୂର୍ବରୁ ମୁଁ ନିଜକୁ ପ୍ରସ୍ତୁତ କରିଥିଲି। ହେଲେ କରୋନା ଯୋଗୁ ପରୀକ୍ଷା ବାତିଲ ହୋଇଥିଲା। ପରୀକ୍ଷା ହୋଇଥିଲେ ମୁଁ ଅଧିକ ମାର୍କ ରଖିପାରିଥାନ୍ତି। ତଥାପି ଯେତିକି ମାର୍କ ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ ଆଗାମୀ ପାଠପଢ଼ା ଉପରେ ଧ୍ୟାନ ଦେବି।

- ଚିନ୍ମୟ ପ୍ରସାଦ ସାହୁ, ଛାତ୍ର, କଟକ

### ନବମ ଶ୍ରେଣୀର ମାର୍କକୁ ବିଚାରକୁ ନେବା ଠିକ୍ ନୁହେଁ



ଯେଉଁଦିନ ପରୀକ୍ଷା ବାତିଲ ହେଲା, ସେଦିନ ମୁଁ ବହୁ ଦୁଃଖିତ ହୋଇଯାଇଥିଲି। ଯାହା ଭାବୁଥିଲି ତାହା ହିଁ ହେଲା। ମୋ ପୁଅର ଆଶାନୁଯାୟୀ ମାର୍କ ରହିନାହିଁ। ସେ ପରୀକ୍ଷା ଦେଇଥିଲେ ଅଧିକ ନମ୍ବର ରଖିଥାନ୍ତା। ଏବେ ସିଏ ୯୫% ପାଇଛି। ପରୀକ୍ଷା ଦେଇକି ଯଦିବି ଏହାଠାରୁ କମ୍ ରଖିଥାନ୍ତା ଖୁସି ହୋଇଥାନ୍ତି। ମୂଲ୍ୟାୟନ ପଦ୍ଧତିରେ ନବମ ଶ୍ରେଣୀର ମାର୍କକୁ ବିଚାରକୁ ନେବା ମୁଁ ଉଚିତ ମନେ କରୁନାହିଁ। ତେବେ ଏବେ ଆଉ ସମୟ ନାହିଁ ଆଉଥରେ ସେ ପରୀକ୍ଷା ପାଇଁ ଆବେଦନ କରିବ।

- ଅରୁନ୍ଧତୀ ରାଉତ, ଅଭିଭାବକ

### ଶିକ୍ଷକଙ୍କ ପରିଶ୍ରମ, ଅଭିଭାବକଙ୍କ ସହଯୋଗ ପାଇଁ ସଫଳତା



କରୋନା ଭଳି ଅସୁବିଧାରେ ସିବିଏସ୍ଇ କର୍ତ୍ତୃପକ୍ଷ ଠିକ୍ ସମୟରେ ଫଳ ପ୍ରକାଶ କରିଥିବାରୁ ସେମାନଙ୍କୁ ଧନ୍ୟବାଦ। ଶିକ୍ଷକମାନେ କଠିନ ପରିଶ୍ରମ କରି ପିଲାମାନଙ୍କୁ ଅନ୍‌ଲାଇନ୍‌ରେ ଶିକ୍ଷା ପ୍ରଦାନ କରାଉଥିଲେ। ବୋର୍ଡ଼ ପରୀକ୍ଷାକୁ ଦୃଷ୍ଟିରେ ରଖି ପିଲାମାନଙ୍କ ଠିକ୍ ସମୟରେ ପରୀକ୍ଷାମାନ କରାଇ ସେମାନଙ୍କୁ ପ୍ରସ୍ତୁତ କରାଯାଉଥିଲା। ଶିକ୍ଷକମାନଙ୍କ କଠିନ ପରିଶ୍ରମ ଓ ଅଭିଭାବକମାନଙ୍କ ସହଯୋଗ ଯୋଗୁ ଆଜି ଆମେ ସଫଳତା ପାଇଛୁ।

- ଡ. ଶିଳ୍ପୀ ସାହୁ, ଚେୟାରପର୍ସନ, ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍

### ଅଫ୍‌ଲାଇନ ହୋଇଥିଲେ ଅଧିକ ମାର୍କ ରହିଥାନ୍ତା



ଚଳିତବର୍ଷ ପରୀକ୍ଷାରେ ୯୬ ପ୍ରତିଶତ ନମ୍ବର ରଖିଛି। କୋଭିଡ୍ ଯୋଗୁ ସରକାର ନେଇଥିବା ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି। ମାର୍କ ସହ ସନ୍ତୁଷ୍ଟ ଅଛି। ଅବଶ୍ୟ ଅଫଲାଇନ୍ ପରୀକ୍ଷା ହୋଇଥିଲେ ଆହୁରି ଭଲ ହେବା ସହ ଅଧିକ ମାର୍କ ରହିଥାନ୍ତା ଓ ସ୍ୱମୂଲ୍ୟାଙ୍କନ ହୋଇପାରିଥାନ୍ତି। ମାତ୍ର କୋଭିଡ୍ ସମୟରେ ସରକାର ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେଉଁ ନିଷ୍ପତ୍ତି ନେଲେ ତାହା ଏକଦମ ସମୟ ଉପଯୋଗୀ ଅଟେ।

- ନିଷ୍ଠା ପଟ୍ଟନାୟକ, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

### ମୂଲ୍ୟାଙ୍କନକୁ ନେଇ ସନ୍ତୁଷ୍ଟ



ଆଶାଠାରୁ ଭଲ ନମ୍ବର ମିଳିଛି। ଚଳିତବର୍ଷ ପରୀକ୍ଷା ବାତିଲ ହେବା ପରେ ମାର୍କକୁ ନେଇ ଦ୍ୱିଧା ଭିତରେ ଥିଲି। କିଭଳି ମୂଲ୍ୟାଙ୍କନ ହେବ ଓ ପ୍ରିବୋର୍ଡ ତୁଳନାରେ ମାର୍କ କମିବ କିମ୍ବା ବଢ଼ିବ ସେନେଇ ଅନେକ ଆଶଙ୍କାରେ ଥିଲି। ତେବେ ଏବେ ମିଳିଥିବା ମାର୍କକୁ ନେଇ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ। ଆଗାମୀ ଦିନରେ ବିଜ୍ଞାନ ବିଭାଗରେ ଅଧ୍ୟୟନ କରିବାକୁ ନିଷ୍ପତ୍ତି ନେଇଛି। ଭବିଷ୍ୟତରେ ସରକାର କେଉଁ କାର୍ଯ୍ୟପନ୍ଥା ନେଇ ପାଠପଢ଼ା ହେବ ତାହା ଭାବି ନାହିଁ। ମାତ୍ର ବିଜ୍ଞାନକୁ ଭଲ ଭାବେ ପଢ଼ିବା ଏବେ ମୋ ପ୍ରାଥମିକତା। କରୋନା କାଳରେ ସରକାର ନେଇଥିବା ଏହି ମୂଲ୍ୟାଙ୍କନ ବ୍ୟବସ୍ଥାକୁ ସ୍ୱାଗତ କରୁଛି।

- ଖୁସି ପ୍ରିୟଦର୍ଶିନୀ, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

### ଭଲ ମଣିଷ ହେବାକୁ ଲକ୍ଷ୍ୟ



ମୋର ମୋଟ ୫୦୦ ମାର୍କରୁ ୪୯୯ ନମ୍ବର (୯୯.୮୦%) ରହିଛି। ଷ୍ଟାଣ୍ଡାର୍ଡ ୯ ପରେ ଛୁଟିରେ ଷ୍ଟାଣ୍ଡାର୍ଡ ୧୦ର କୋର୍ସ ଶେଷ କରିଥିଲି। ଏଥିପାଇଁ ମୋ ବାପା ସହାୟତା କରିଥିଲେ। କରୋନା ପାଇଁ ସ୍କୁଲ ଠିକ୍ ସମୟରେ ନ ଖୋଲିବାରୁ ଅନଲାଇନ୍ କ୍ଲାସ୍ ମାଧ୍ୟମରେ ଶିକ୍ଷକମାନେ ସମସ୍ତ କୋର୍ସକୁ ଭଲ ଭାବେ ଶେଷ କରାଇଥିଲେ। ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ସାରିଦେଇଥିବା ବେଳେ ୧୫ଦିନ ପୂର୍ବରୁ ପରୀକ୍ଷା ହେବ ନାହିଁ ବୋଲି ଜାଣି ଅଳ୍ପ ସମୟ ପାଇଁ ମନ ବିଚଳିତ ହୋଇଥିଲା। ପରୋକ୍ଷରେ ମହାମାରୀ କରୋନା ସମୟରେ ସରକାରଙ୍କ ନିଷ୍ପତ୍ତି ଠିକ୍ ଥିଲା। ପ୍ରିବୋର୍ଡ଼ ପରୀକ୍ଷା ଆଧାରରେ ମିଳିଥିବା ମାର୍କ ପାଇଁ ମୁଁ ଖୁସି। ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ମୋଟ୍ ମାର୍କରୁ ମାତ୍ର ୧ ନମ୍ବର କମ୍ ରହିଛି। ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ପାଇଁ ମୁଁ ଚେଷ୍ଟା କରିବି।

- ନିଶିତା ଦାସ, ବାଲେଶ୍ୱର ମଡର୍ନ ପବ୍ଲିକ ସ୍କୁଲ

### ପରୀକ୍ଷା ଦେଇଥିଲେ ଭଲ ଲାଗିଥାନ୍ତା



ଯେତିକି ଆଶା କରିଥିଲି ସେତିକି ନମ୍ବର ପାଇଛି। ମୋର ୯୯.୪% ରହିଛି। ଏଭଳି ସମୟରେ ପରୀକ୍ଷା ନ ହୋଇ ଯେଉଁଭଳି ଭାବେ ମୂଲ୍ୟାୟନ ହୋଇଛି ତାକୁ ସ୍ୱାଗତ କରିଛି। ତେବେ ପରୀକ୍ଷା ଦେଇ ମାର୍କ ରଖିଥିଲେ ଅଧିକ ଖୁସି ଲାଗିଥାନ୍ତା। ଏବେ ବିଜ୍ଞାନରେ ପାଠ ପଢ଼ିବି। ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି।

- ଅମ୍ରିତ ରାଜ ବିଶ୍ୱାଳ, ଛାତ୍ର, କେନ୍ଦୁଝର

### ପରୀକ୍ଷା ପୂର୍ବରୁ ଶତ ପ୍ରତିଶତ ଆଶା ଥିଲା



ପରୀକ୍ଷାଫଳକୁ ନେଇ ମୁଁ ସନ୍ତୁଷ୍ଟ। ମୋର ମୋଟ୍ ୫୦୦ ମାର୍କରୁ ୪୯୪ ରହିଛି। ମୁଁ ସ୍କୁଲରେ ସର୍ବାଧିକ ନମ୍ବର ରଖିଛି। କିନ୍ତୁ ପରୀକ୍ଷା ହୋଇଥିଲେ ୧୦୦ ପ୍ରତିଶତ ମାର୍କର ଆଶା ରଖିଥିଲି। ବର୍ତ୍ତମାନ ଇଂଲିଶରେ ୯୯ ଓ ବିଜ୍ଞାନରେ ୯୮ ମାର୍କ ରହିଛି। ଏହି ୨ଟି ବିଷୟରେ ଅଧିକ ମାର୍କ ଆଶା ରଖିଥିଲି। ମୋର ସଫଳତା ପଛରେ ଶିକ୍ଷକ, ଅଧ୍ୟକ୍ଷ ଓ ପରିବାର ସମସ୍ତଙ୍କୁ କୃତଜ୍ଞତା ଜଣାଉଛି। ଆଗାମୀ ଦିନରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି।

- ନେହା ଷଡ଼ଙ୍ଗୀ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ, ଆମ୍ବପୁଆ, ବ୍ରହ୍ମପୁର

### ଆଶାଠାରୁ ଅଧିକ ମାର୍କ ରହିଛି



ମୁଁ ୯୯% ରୁ ଅଧିକ ରଖିବାର ଆଶା ରଖିଥିଲି। କିନ୍ତୁ ମୋର ୯୯.୮% ରହିଥିବାରୁ ମୁଁ ଅଧିକ ଖୁସି। ପ୍ରତିଦିନ ୮ ରୁ ୧୦ ଘଣ୍ଟା ଅଧ୍ୟୟନ କରୁଥିଲି। ବିଶେଷକରି କରୋନା ସମୟରେ ସ୍କୁଲ ବନ୍ଦ ଥିଲା। କିନ୍ତୁ ବିଦ୍ୟାଳୟରେ ଅନ୍‌ଲାଇନ୍ କ୍ଲାସ୍, ଶିକ୍ଷକମାନଙ୍କ ସହଯୋଗ ସହ ମାତାପିତାଙ୍କ ପ୍ରେରଣା ଯୋଗୁ ମତେ ଏହି ସଫଳତା ମିଳିଛି। ଆଗକୁ ଇଞ୍ଜିନିୟରିଂ ପଢ଼ିବାର ଯୋଜନା ରଖିଛି।

- ଅମୃତାଂଶୁ ମହାନ୍ତି, ଛାତ୍ର, ଭୁବନେଶ୍ୱର

### ଘରେ ରହି ପାଠ ପଢ଼ିବା କଷ୍ଟ ଥିଲା



ମୋର ୯୯.୬% ରହିଛି। ଏହି ଫଳାଫଳକୁ ନେଇ ନିଶ୍ଚିତ ରୂପେ ଖୁସି ଅଛି। ମୁଁ ପାଖାପାଖି ୯ ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲି। କରୋନା ସମୟରେ ଘରେ ରହି ପାଠପଢ଼ିବା ବହୁତ କଷ୍ଟ ଥିଲା। ଏହି ସଫଳତାରେ ମାତାପିତାଙ୍କ ମାନସିକ ସମର୍ଥନ ମୋତେ ବେଶ୍ ସହାୟକ ହୋଇଥିଲା। ଜେଜେବାପା ଓ ମୋର ଅଭିଭାବକ ମୋ ପାଇଁ ପ୍ରେରଣାର ଉତ୍ସ ଅଟନ୍ତି।

- କ୍ରିଷ୍ଣା ତନୁତ୍ରିଷ୍ଣାଳ, ଛାତ୍ରୀ, ଭୁବନେଶ୍ୱର

### ପ୍ରତିରକ୍ଷା ବାହିନୀରେ ଯୋଗଦେବା ଲକ୍ଷ୍ୟ



ମୋର ୯୫% ମାର୍କ ରହିଛି। ଏଥିରେ ମୁଁ ସନ୍ତୁଷ୍ଟ ନୁହେଁ। ଗଣିତ ଓ ବିଜ୍ଞାନରେ ମୋର ଭଲ ମାର୍କ ରହିନାହିଁ। ନବମ ଶ୍ରେଣୀର ମାର୍କକୁ ଆଧାର କରି ମୂଲ୍ୟାୟନ ହୋଇଛି। ଯଦି ଦଶମ ପ୍ରିବୋର୍ଡ ମାର୍କକୁ ଆଧାର କରି ମୂଲ୍ୟାୟନ ହୋଇଥାନ୍ତ, ତେବେ ଯେମିତି ହେଲେ ଅଧିକ ନମ୍ବର ରହିଥାନ୍ତା। ଏନ୍‌ଡିଏ ପାଇଁ ପ୍ରସ୍ତୁତ ହେଉଛି। ଭବିଷ୍ୟତରେ ପ୍ରତିରକ୍ଷା ବାହିନୀରେ ଯୋଗଦେବା ପାଇଁ ଲକ୍ଷ୍ୟ ରଖିଛି।

- ରୁଦ୍ରାଂଶ ପଣ୍ଡା, ଛାତ୍ର, ଭୁବନେଶ୍ୱର

### ଅନ୍‌ଲାଇନ୍ ଶିକ୍ଷାଦାନ ପିଲାଙ୍କ ଧ୍ୟାନକୁ ବଢ଼ାଇ ଦେଇଥିଲା



ବର୍ତ୍ତମାନ ଭଳି ସମୟରେ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପରୀକ୍ଷାକୁ ବାତିଲ କରି ବିକଳ୍ପ ମୂଲ୍ୟାୟନ ପଦ୍ଧତି ଆପଣାଇବା ବୋର୍ଡର ଉଚିତ୍ ପଦକ୍ଷେପ। ଏଥର ପାସ୍‌ହାର ଅଧିକ ରହିବା ସହିତ ଛାତ୍ରୀଛାତ୍ର ଅଧିକ ସ୍କୋର ମଧ୍ୟ କରିଛନ୍ତି। ଅନ୍‌ଲାଇନ୍ ଶିକ୍ଷାଦାନ ଛାତ୍ରୀଛାତ୍ରଙ୍କ ଧ୍ୟାନକୁ ବଢ଼ାଇ ଦେଇଥିଲା। କ୍ରମାଗତ ବିସ୍ତୃତ ଅନ୍‌ଲାଇନ୍ ମୂଲ୍ୟାୟନ ମଧ୍ୟ ଏହି ସଫଳତା ପାଇଁ ସହାୟକ ହୋଇପାରିଲା।

- ଡ. ମୋନାଲିସା ବଳ, ଚେୟାରପର୍ସନ, କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍

### କରୋନା ସବୁ ବିଗାଡ଼ିଦେଲା



ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ମୋର ମୋଟ ମାର୍କ ୫୦୦ରୁ ୪୩୫ ନମ୍ବର (୮୭%) ରହିଛି। ପରୀକ୍ଷା ଦେଇଥିଲେ ଅଧିକ ନମ୍ବର ରହିଥାନ୍ତା। ବର୍ଷଯାକର ପରିଶ୍ରମକୁ କରୋନା ବିଗାଡ଼ିଦେଲା। ପରୀକ୍ଷା ନ ଦେଇ ରେଜଲ୍ଟ ବାହାର କରିବାର ପଦକ୍ଷେପ ପାଇଁ ସରକାରଙ୍କୁ ଧନ୍ୟବାଦ। କରୋନାର ପ୍ରକୋପ ଭିତରେ ପାଠପଢ଼ା କମି ନ ଥିଲା। ବିଜ୍ଞାନରେ କମ୍ ନମ୍ବର ଆସିଛି। କ୍ଲାସ ପରୀକ୍ଷାଠାରୁ ବି ମାର୍କ କମ୍ ରହିଛି। ଭବିଷ୍ୟତରେ ଅଧ୍ୟାପକ ହେବି ବୋଲି ଲକ୍ଷ୍ୟ ରଖିଛି।

- ଶ୍ରେଷ୍ଠା ମହାପାତ୍ର, ଡିଏଭି ସ୍କୁଲ ଛାତ୍ରୀ, ନୟାଗଡ଼

# ଶତ ପ୍ରତିଶତ ରେଜଲ୍ଟ

ଭୁବନେଶ୍ୱର/କଟକ,୩।୮(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦଶମ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ବିନା ପରୀକ୍ଷାରେ ମୂଲ୍ୟାୟନ ହୋଇଥିବାବେଳେ ଚଳିତବର୍ଷ ପାସ୍‌ହାର ଅଧିକ ରହିଛି। ଏଥିସହ ପ୍ରାୟ ସମସ୍ତ ସ୍କୁଲ ଭଲ ରେଜଲ୍ଟ କରିଛନ୍ତି।

## ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍

ପ୍ରତିବର୍ଷ ପରି ଏଥର ମଧ୍ୟ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଶତ ପ୍ରତିଶତ ଫଳାଫଳ ହୋଇଛି। ଚଳିତ ବର୍ଷ ୬୫.୬ ପ୍ରତିଶତ ଛାତ୍ରୀଛାତ୍ର ୯୦% ମାର୍କରୁ ଅଧିକ ଏବଂ ୯୭ ପ୍ରତିଶତ ପିଲା ୭୫% ମାର୍କରୁ ଅଧିକ ରଖିଛନ୍ତି। ୨୭.୬ ପ୍ରତିଶତ ଛାତ୍ରୀଛାତ୍ର ୯୫% ମାର୍କରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଅମୃତାଂଶୁ ମହାନ୍ତି ସର୍ବାଧିକ ୯୯.୮% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିଭଳି ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍‌ସିଆଲ ସ୍କୁଲ୍‌ରେ ୧୯.୪ ପ୍ରତିଶତ ପିଲା ୯୫% ମାର୍କରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୪୫.୪ ପ୍ରତିଶତ ପିଲା ୯୦% ମାର୍କରୁ ଅଧିକ, ୯୧.୭ ପ୍ରତିଶତ ଛାତ୍ରୀଛାତ୍ର ୭୫% ମାର୍କରୁ ଅଧିକ ରଖିଛନ୍ତି। ସ୍କୁଲ ଟପ୍ପର ୯୯.୬% ମାର୍କ ରଖିଛନ୍ତି।

## ଓଡିଏମ୍ ପବ୍ଲିକ୍ ସ୍କୁଲ

ଓଡିଏମ୍ ପବ୍ଲିକ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ସହିତ କୃତିତ୍ୱ ହାସଲ କରିଛନ୍ତି। ଶ୍ରୀରାମ ପଟ୍ଟନାୟକ ୯୯.୮% ରଖି ସର୍ବୋଚ୍ଚ ସ୍ଥାନ ପାଇଛନ୍ତି। ସୂର୍ଯ୍ୟପ୍ରତାପ ମିଶ୍ର ଓ ପ୍ରତୀକ୍ଷା ପ୍ରଧାନ ଯୁଗ୍ମଭାବେ ୯୯.୬% ପାଇ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମନୋଦ୍ୱିପାନ ମହାକୁଡ଼ ୯୮.୮% ପାଇ ତୃତୀୟ ସ୍ଥାନରେ ଅଛନ୍ତି। ସ୍କୁଲରେ ୯୫ ପ୍ରତିଶତ ଉପରେ ୧୮ ଜଣ, ୯୦ ପ୍ରତିଶତ ଉପରେ ୭୮ ଜଣ ଛାତ୍ରୀଛାତ୍ର ମାର୍କ ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କୃତୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ମାତାପିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମଦର୍ସ ପବ୍ଲିକ୍ ସ୍କୁଲ

ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲର ୧୨୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୩ ଜଣ ୯୦%ରୁ ଅଧିକ ନମ୍ବର ରଖି ପାସ୍ କରିଥିବାବେଳେ ସ୍କୁଲ ୧୦୦% ସଫଳତା ହାସଲ କରିଛି। ଋତୁପର୍ଣ୍ଣା ଛୋଟରାୟ ୯୯.୬% ସହିତ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଶୁଭଙ୍କର ସାଇପ୍ରିୟା ୯୯.୪% ଓ ଶ୍ରୀନିବାସ ବେହେରା ୯୯.୨% ନମ୍ବର ରଖି ପାସ୍ କରିଛନ୍ତି। ମଦର୍ସ ପବ୍ଲିକ୍ ସ୍କୁଲ ପୁରୀର ଛାତ୍ରୀଛାତ୍ରମାନେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ହରିନାରାୟଣ ପ୍ରତିହାରୀ ୯୬.୮% ନମ୍ବର ରଖି ଶୀର୍ଷ ସ୍ଥାନରେ ରହିଥିବା ବେଳେ ମୋହିତ ମିଶ୍ର ଓ ସୁପ୍ରସାଦ ୯୬% ଲେଖାଏ ନମ୍ବର ରଖିଛନ୍ତି। ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମଦର୍ସ ପବ୍ଲିକ୍ ସ୍କୁଲ ଟିମ୍ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବିଜେଇଏମ୍ ସ୍କୁଲ

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲର ୨୪୫ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୯୫ ଜଣ ୯୦%ରୁ ଅଧିକ ମାର୍କ ରଖିଥିବା ବେଳେ ୨୩୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୀତିବର୍ଣ୍ଣା ତ୍ରିପାଠୀ ଏବଂ ଅନନ୍ୟା ଦାଶ ଯୁଗ୍ମ ଭାବେ ସର୍ବାଧିକ ୯୯.୪% ନମ୍ବର ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ସ୍କୁଲ ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ କୁମାର ଜେନା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୟୁନିଟ୍-୮, ଡିଏଭି ପବ୍ଲିକ୍ ସ୍କୁଲ

ୟୁନିଟ୍-୮, ଡିଏଭି ପବ୍ଲିକ୍ ସ୍କୁଲର ସମସ୍ତ ୨୭୫ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୭୨ ଜଣ ୯୦%ରୁ ଅଧିକ ଓ ୨୪୪ ଜଣ ୮୦%ରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ୯୯.୮% ସହିତ ରୁହିକା ଦାସ ଏବଂ ପ୍ରତ୍ୟୁଷ କୁମାର ସ୍ୱାଇଁ ଯୁଗ୍ମ ପ୍ରଥମ ସ୍ଥାନ ଲାଭ କରିଥିବାବେଳେ ସମୁଦ୍ର ପଟ୍ଟନାୟକ ୯୯.୬% ସହ ଦ୍ୱିତୀୟ ଏବଂ ବାସୁଦେବ ମହାପାତ୍ର, କସ୍ମିନ୍ କମଲ ନାୟକ ଓ ବରୁଣ ମିଶ୍ର ୯୯.୪% ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିଜୟ କୁମାର ପଟ୍ଟନାୟକ, ମ୍ୟାନେଜର ଡି. ଏନ୍. ମିଶ୍ର ଓ ଅଧ୍ୟକ୍ଷା ଇପ୍‌ସିତା ଦାସ କୃତି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନୂଆବଜାର ସେଣ୍ଟ ଜାଭିୟର୍ସ

ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ କଟକ ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି। ଉକ୍ତ ସ୍କୁଲର ମୋଟ୍ ୧୮୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସ୍କୁଲର ଆଶିଷ କୁମାର ମିଶ୍ର ୯୯ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସ୍ମୃତିସୁଧା ଓଝା ଦ୍ୱିତୀୟ, ସୋନାକ୍ଷୀ ଦାସ ଏବଂ ଗୁନ୍‌ଗୁନ୍ ବାରିକ ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ମହାନିର୍ଦ୍ଦେଶକ ଜି. ଏସ୍. ପଟ୍ଟନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ସିବିଏସ୍ଇ ଦଶମ ପରୀକ୍ଷାଫଳ ପ୍ରକାଶ ପରେ ଉଲ୍ଲସିତ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀ।



ଫଳ ପ୍ରକାଶ ପରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀ ଖୁସି ମନାଉଛନ୍ତି।

## ଗୋପାଳନ



ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବାର ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଡ଼ିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ।

# ସ୍ୱାବଲମ୍ବୀ କରାଇଛି ଜୈବିକ ଚାଷ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କନ୍ହେଇବିନ୍ଧା ପଞ୍ଚାୟତର କୁଟାରୀ ଅଞ୍ଚଳର ତ୍ରିଲୋଚନ ରାଉତ। ବୟସ ୩୭ ବର୍ଷ। ଉଚ୍ଚଶିକ୍ଷା ଲାଭ ପରେ ବିଭିନ୍ନ ଚାକିରି ଛାଡ଼ି ଜୈବିକ(ଅର୍ଗାନିକ )କୃଷିରେ ମନ ଦେଇ ଦେଇଥିଲେ। ଆଉ ଏବେ ସେ ସ୍ଥାନୀୟ ଅଞ୍ଚଳରେ ଜୈବିକ ପ୍ରଣାଳୀରେ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ଅର୍ଥଶାସ୍ତ୍ରରେ ପିଜି, ଏମ୍‌ବିଏ, ମାନବ ସମ୍ବଳ ବିକାଶରେ ଡିଗ୍ରୀ ହାସଲ ବ୍ୟତୀତ କମ୍ପ୍ୟୁଟର ପାଠରେ ସାର୍ଟିଫିକେଟ୍ ହାସଲ କରିବା ପରେ ବ୍ୟାଙ୍କ ଓ ୩ଟି କମ୍ପାନୀରେ ଚାକିରି କରିଥିଲେ। ହେଲେ ଚାକିରି ଛାଡି ସ୍ୱାବଲମ୍ବୀ ହେବାକୁ ସ୍ଥିର କରିଥିଲେ ତ୍ରିଲୋଚନ। ଏ ସମ୍ପର୍କରେ



ନିଜ ପରିବା ବାଡ଼ିରେ ତ୍ରିଲୋଚନ

ସେ କହନ୍ତି, ଗତ ଦୁଇବର୍ଷ ହେଲା କୃଷିକୁ ଆପଣେଇଛି। ଜୈବିକ ଖତ ବ୍ୟବହାର କରି ବିଭିନ୍ନ ଶାଗ, ବିଲାତି, କୋବି, ପୋଟଳ ଇତ୍ୟାଦି ପରିବା ଚାଷ କରି ସେଥିରେ ସଫଳ ହୋଇଥିଲି। ବର୍ତ୍ତମାନ

**ସଫଳ ଚାଷୀ**
**ତ୍ରିଲୋଚନ ରାଉତ**

ଏହି ଚାଷ ପ୍ରଣାଳୀକୁ ଉପଯୋଗ କରି ଆଇସି ଓ ରେଡଲେଡ଼ି ଭେରାଇଟିର ୧୧ଶହ ଅମୃତଭଣ୍ଡା ଗଛ ଲଗାଇଛି। ଏହା ବ୍ୟତୀତ ଲେମ୍ବୁ ଓ ଅଶ୍ୱଗନ୍ଧା, ବଚ, ଆଲୋଭେରା, ବିଶଲ୍ୟକରଣୀ, ବୁଧତାରକା, ଅଁଳା ଇତ୍ୟାଦି ଔଷଧୀୟ ଗଛ ମଧ୍ୟ ଲଗାଇଛି। ତା' ସହ ପରିବା ବାଡ଼ିକୁ ଲାଗି ୮ଗୁଣ୍ଠ ପୋଖରୀରେ ମାଛ ଚାଷ ସହିତ ମୁକ୍ତା ଚାଷ ମଧ୍ୟ କରିଛି। ଅବଶିଷ୍ଟ ୭ଏକର ଜମିରେ ଧାନ ଚାଷ ହୋଇଛି। ଘର ପାଖରେ ଥିବା ଅଢ଼େଇ ଏକର ଜମି ପୂର୍ବରୁ ବଣ ଜଙ୍ଗଲ ହୋଇ ପଡ଼ି ରହିଥିଲା। ମାତ୍ର ଜଣେ ଲୋକକୁ ନେଇ ଏହାକୁ ସଫା କରି ବର୍ତ୍ତମାନ ପନିପରିବା ଲଗାଇଛି। ଏସବୁ ଚାଷ ବ୍ୟତୀତ ତ୍ରିଲୋଚନ ବିଭିନ୍ନ ଅମୃତଭଣ୍ଡା ଓ ସଜନା ଚାରା ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। "ତେବେ ରାସାୟନିକ ଖତ ସାର ଅପେକ୍ଷା ଜୈବିକ 'ଜୀବାମୃତ' ଗଛ ପାଇଁ ଅମୃତ। ୧୦କି.ଗ୍ରା ଗୋବର, ୧୦ଲି. ଗୋ-ମୂତ୍ର, ୧କି.ଗ୍ରା ଗୁଡ, ୧କି.ଗ୍ରା ବେସନ ଓ ଶହେ ଲିଟର ପାଣି ନେଇ ସେ ଶହେ ଲିଟର ଜୀବାମୃତ ତିଆରି କରିଛି। ଏହାକୁ ଗଛ ଉପରେ ସ୍ପ୍ରେ ଓ ଗଛ ମୂଳରେ ଖତ ରୂପେ ବ୍ୟବହାର କରିପାରିବେ। ଏହା ଗଛ ପାଇଁ ଅମୃତ ସଦୃଶ ବୋଲି କହନ୍ତି ତ୍ରିଲୋଚନ।"

-ସନ୍ତୋଷ କୁମାର ନାୟକ

# ଧାନ ଜମିରୁ ଜଳ ନିଷ୍କାସନ

ଏହି ମାସରେ ଅଧିକ ବର୍ଷା ହୁଏ ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କର୍‌ନାଳୀଗୁଡ଼ିକୁ ସଫା କରନ୍ତୁ। ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହେଳୀ ସୀମା ଅତିକ୍ରମ କଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ। ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ। କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ। ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧ ଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ।

**ମକା:** ମକା ଫସଲ ୬-୭ ସପ୍ତାହ ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ।

**ମାଣ୍ଡିଆ :** ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ। ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ।

**ଝୋଟ :** ଜମିକୁ ନିଗିଡ଼ା ରଖନ୍ତୁ। କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ x ମାନ୍‌କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ। ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ା କରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ।

**ଅଳସୀ :** ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ।

**କପା :** କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ। ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ। ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ।

**ଫଳଚାଷ :** ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ। ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ। ଫଳଗଛରେ ଲାଗୁଥିବା ବିଶେଷ କରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର*
*ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ*
*ଓୟୁଏଟି, ଭୁବନେଶ୍ୱର*




## ଡାଲିଜାତୀୟ ଫସଲରେ ଘାସ ଦମନ

ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ଚିନାବାଦାମରେ ସାର ପ୍ରୟୋଗ

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । କାରଣ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରି କି ମାଟି ଭଲ ଭାବରେ ଭିଜି ପାରିବ ।



## ସଅଳ ପନିପରିବା ଚାଷ

ଉଚ୍ଚ ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୨ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର୍‌ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍/ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲ କୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ।



## ଯାଆଁଳ ଛାଡ଼ିବା ପରେ

ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତୀୟା ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁଁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ ।



## ଆଖୁରେ ପରାଶ୍ରୟୀ କୀଟ ଦମନ

ଆଖୁ ଚାଷରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଏହାବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ୱିନାଲ୍‌ଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ । ଦହିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମିପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଓପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ x ମାନ୍‌କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ।



## ଜାଣି ରଖନ୍ତୁ....

ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋ ଟକ୍ସେମିଆ ଓ ପି.ପି.ଆର୍. ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ କୁକୁଡାଙ୍କୁ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ା ଘର ଭିତରକୁ ବର୍ଷା ପାଣି ନ ଛାଡ଼ିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତ ଗୁଣ୍ଡ ପକାନ୍ତୁ।



**୧୦% ଖସିଲା ଭୋଡାଫୋନ ଆଇଡିଆ ଶେୟାର**

ଗୋଟିଏ ଦିନରେ ଭୋଡାଫୋନ ଆଇଡିଆ କମ୍ପାନୀର ଶେୟାର ୧୦%ରୁ ଊର୍ଦ୍ଧ୍ୱ ଖସିଥିବା ଜଣାପଡିଛି। କମ୍ପାନୀ ବର୍ତ୍ତମାନ ଆର୍ଥିକ ସଙ୍କଟ ସ୍ଥିତି ଦେଇ ଗତି କରୁଥିବା ବେଳେ ଗ୍ରୁପର ଅଧକ୍ଷ କୁମାର ମଙ୍ଗଳମ ବିର୍ଲା ତାଙ୍କ ଅଂଶଧନ ସରକାରଙ୍କୁ ଦେବା ଲାଗି ସୋମବାର ପ୍ରସ୍ତାବ ଦେବା ପରେ କମ୍ପାନୀର ଶେୟାର କାରବାର ଉପରେ ଏହାର ପ୍ରଭାବ ପଡିଛି। କମ୍ପାନୀର ଶେୟାର ୧୩.୩% ଖସି ୫୨ ସପ୍ତାହର ନିମ୍ନ ୭.୧୭ ଟଙ୍କା ରହିଥିଲା। କାରବାର ଶେଷ ବେଳକୁ ଏଥିରେ ସୁଧାର ଆସି ୧୦.୩% ନିମ୍ନ ସ୍ତରରେ ରହିଛି।

## ସଂକ୍ଷେପରେ

### ବ୍ୟାଙ୍କ ଅଫ୍ ଇଣ୍ଡିଆର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩।୮:** ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ୭୨୦ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପୂର୍ବ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ନେଟ୍ ଲାଭ ତୁଳନାରେ ଏହା ୧୮୮% ଅଭିବୃଦ୍ଧି ହାର ହାସଲ କରିପାରିଛି। ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ପରିମାଣ ପୂର୍ବଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ତୁଳନାରେ ୩୪% ଅଭିବୃଦ୍ଧି ହାର ହାସଲ କରି ୨,୮୦୬ କୋଟି ଟଙ୍କାରେ ପହଞ୍ଚିପାରିଛି। ବ୍ୟାଙ୍କର ଅଣ ସୁଧ ଆୟ ୩୯ % କୁ ବୃଦ୍ଧି ପାଇଛି। ଏନ୍ଆଇଏମ୍ କ୍ରମିକ ଅଧାରରେ ୧୫ ବିପିଏସ୍ର ସୁଧାର ହୋଇଥିବା ସହ ଏନ୍ଆଇଆଇରେ ୭% ର ବୃଦ୍ଧି ଘଟିଛି।

### ଏଚ୍ଡିଏଫ୍ସିର ନେଟ୍ ରାଜସ୍ୱ ବୃଦ୍ଧି

**ନୂଆଦିଲ୍ଲୀ, ୩।୮ :** ଏଚ୍ଡିଏଫ୍ସି ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କର ନେଟ୍ ରାଜସ୍ୱ (ସୁଧ ଜନିତ ଆୟ ଏବଂ ଅନ୍ୟ ଆୟ) ପ୍ରାୟ ୧୮.୦% ବଢି ୨୩,୨୯୭.୫ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୯,୭୪୦.୭ କୋଟି ଟଙ୍କା ରହିଥିଲା। ନେଟ୍ ସୁଧ ଜନିତ ଆୟ ୧୭,୦୦୯ କୋଟି ଟଙ୍କା ରହିଥିବା ବେଳେ ଅଗ୍ରିମ ଅଭିବୃଦ୍ଧି ୧୪.୪%, କୋର ନେଟ୍ ସୁଧ ଜନିତ ମାର୍ଜିନ ୪.୧% ସ୍ତରରେ ରହିଛି।

# ଶୀଘ୍ର ଆସିବ ଫ୍ଲେକ୍ସ ଫୁଏଲ ଇଞ୍ଜିନ

**ଗୋଟିଏ ବର୍ଷରେ କାର୍ଯ୍ୟ ସାରିବାକୁ ଗଡକରୀଙ୍କ ଆହ୍ୱାନ**

ନୂଆଦିଲ୍ଲୀ, ୩।୮



ଭାରତୀୟ ଅଟୋମୋବାଇଲ ଶିଳ୍ପରେ ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ଫ୍ଲେକ୍ସ ଫୁଏଲ ଇଞ୍ଜିନ ବିଶିଷ୍ଟ ଯାନ ଶୁଭାରମ୍ଭ କରିବା ଲାଗି ଯୋଜନା ରଖାଯାଇଛି। ବର୍ତ୍ତମାନ ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ମଙ୍ଗଳବାର କହିଛନ୍ତି। ସେହିଭଳି ଯାନଗୁଡିକର ସବୁ ଭାରିଆଣ୍ଟ ଏବଂ ସେଗ୍ମେଣ୍ଟରେ ବାଧ୍ୟତାମୂଳକ ଭାବେ ଅନ୍ତତଃ ପକ୍ଷେ ୬ ଏୟାରବ୍ୟାଗ୍ ରଖିବାକୁ ଯାନ ନିର୍ମାତାଙ୍କୁ ସେ ନିବେଦନ କରିଛନ୍ତି। ସୋସାଇଟି ଅଫ୍ ଅଟୋମୋବାଇଲ ମାନୁଫାକଚର୍ସ(ସିଆମ୍) ସିଇଓଙ୍କ ଏକ ପ୍ରତିନିଧି ମଣ୍ଡଳୀକୁ ଗଡକରୀ ନୂଆଦିଲ୍ଲୀରେ ଭେଟିଥିବା ଜଣାପଡିଛି। ଭାରତରେ ଫ୍ଲେକ୍ସ ଫୁଏଲ ଭେଇକିଲ ୧୦୦% ଇଥାନଲ ଏବଂ ଗ୍ୟାସୋଲିନ କ୍ଷମତାରେ ଯାନ ଚଳାଇବା ଲାଗି ଅଟୋ ନିର୍ମାତା ଫୋକସ କରନ୍ତୁ ବୋଲି ସେ ଏହି ପରିପ୍ରେକ୍ଷୀରେ ଆହ୍ୱାନ ଦେଇଛନ୍ତି। ବୈଠକରେ ଗଡକରୀ କହିଛନ୍ତି, ସାଧାରଣ ଲୋକଙ୍କ ନିରାପତ୍ତା ପ୍ରସଙ୍ଗକୁ ଧ୍ୟାନରେ ରଖି ଗାଡ଼ିଗୁଡିକରେ ଏୟାର ବ୍ୟାଗ୍ ବୃଦ୍ଧି କରିବା ପ୍ରସଙ୍ଗକୁ ମଧ୍ୟ ନଜରରେ ରଖାଯାଇଛି। ଏ ନେଇ କାମ କରିବାକୁ ଯାନ ନିର୍ମାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଏସ୍-୬ ଲାଗୁ ହେବା ପରେ ଅଟୋଶିଳ୍ପର କାର୍ଯ୍ୟଧାରା, ବର୍ତ୍ତମାନର ପ୍ରସ୍ତୁତି ଭଳି ବିଭିନ୍ନ ଦିଗରେ ଏଠାରେ ଆଲୋଚନା କରାଯାଇଛି।

# ବିଗ୍ ବଜାର ମହାବଚତ୍ ଅଫର ପାଇଁ ବୁକିଂ

ନୂଆଦିଲ୍ଲୀ, ୩।୮

BIG BAZAAR Making India Beautiful

ବିଗ୍ ବଜାର ପୁନର୍ବାର ଏହାର ଗ୍ରାହକଙ୍କୁ ସର୍ବାଧିକ ମୂଲ୍ୟ ପ୍ରଦାନ କରିବାକୁ ଆସିଛି। ଭାରତୀୟ ରିଟେଲ କ୍ଷେତ୍ରରେ ପ୍ରଥମ ଥର ପାଇଁ ଗ୍ରାହକମାନେ ଅଟା, ଡାଲି ଓ ଚାଉଳ ମାଗଣାରେ ପାଇବାକୁ ମହାବଚତ ଅଫରର ଆଗୁଆ ବୁକିଂ କରିପାରିବେ। ଆଗୁଆ ବୁକିଂ ଯେକୌଣସି ବିଗ୍ ବଜାର ଷ୍ଟୋର ଅଥବା ବିଗ୍ ବଜାର ଆପ୍ ଏବଂ ଶପ୍ ଡଟ୍ ବିଗବଜାର ଡଟ୍ କମ୍ରେ ଜୁଲାଇ ୩୧ରୁ ଅଗଷ୍ଟ ୮ ମଧ୍ୟରେ କରାଯାଇପାରିବ। ଆଗୁଆ ବୁକିଂ କ୍ଷେତ୍ରରେ ଗ୍ରାହକମାନେ ୩ହଜାର ଟଙ୍କାର ଏକ ଇଜିଭି ପାଇବେ ଯାହାକୁ ସେମାନେ ମହାବଚତ୍ ସମୟରେ କିଣାକିଣି ନିମନ୍ତେ ବ୍ୟବହାର କରିପାରିବେ। ୫ କିଲୋଗ୍ରାମ ଅଟା, ୧ କିଲୋ ଡାଲି ଏବଂ ୧ କିଲୋ ଚାଉଳ ମାଗଣାରେ ପାଇବାକୁ ଦାବି କରିପାରିବେ। ଚଳିତ ବର୍ଷ ଅଗଷ୍ଟ ୯ରୁ ୧୫ତାରିଖ ମଧ୍ୟରେ ସଞ୍ଚୟ ଉପରେ ସଞ୍ଚୟ ହେବ। ଯେଉଁଠାରେ ଗ୍ରାହକମାନେ ଏହି ମେଗା ଅଫରରେ ଖାଦ୍ୟ ଫାଶନ, ହୋମ ଓ ଇଲେକ୍ଟ୍ରୋନିକ୍ସ ଆଦି ସମସ୍ତ ବିଭାଗରେ ସର୍ବବୃହତ୍ ଡିଲର ସୁଯୋଗ ନେଇପାରିବେ ଏବଂ ତାହାସହିତ ଅତିରିକ୍ତ ବ୍ୟାଙ୍କ ରିହାତି ମଧ୍ୟ ପାଇପାରିବେ ବୋଲି ବିଗ୍ ବଜାର ପକ୍ଷରୁ ସୂଚନା ଦିଆଯାଇଛି।

# ଦକ୍ଷିଣ ଆଫ୍ରିକାକୁ ରୋନୋ କାଇଗର ରପ୍ତାନି

ଭୁବନେଶ୍ୱର,୩।୮



ରୋନୋ ଇଣ୍ଡିଆ ପକ୍ଷରୁ ଏହାର କମ୍ପାକ୍ଟ ଏସ୍ୟୁଭି କାଇଗରକୁ ଦକ୍ଷିଣ ଆଫ୍ରିକାକୁ ରପ୍ତାନି କରାଯାଇଛି। ରୋନୋ ପକ୍ଷରୁ ଭାରତରେ ବଜାର ପ୍ରବେଶ ହୋଇଥିବା ବୈପ୍ଳବିକ ମଡେଲଗୁଡିକ ମଧ୍ୟରେ କାଇଗର ହେଉଛି ଅନ୍ୟତମ। ଏହା ନିଜକୁ ଏକ ଷ୍ଟିନଂ ସ୍ମାର୍ଟ ଏବଂ ସ୍ପୋର୍ଟି ବି-ଏସ୍ୟୁଭି ଭାବେ ଉପସ୍ଥାପିତ କରିଛି। ଏହି ପରିପ୍ରେକ୍ଷୀରେ ରୋନା ଇଣ୍ଡିଆ ଅପରେସନ୍ସର କଣ୍ଟ୍ରି ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଭେଙ୍କଟରା ମାମିଲା ପଲ୍ଲେ କହିଛନ୍ତି, ଭାରତରେ ସଫଳତାର ସହ ବଜାର ପ୍ରବେଶ ହେବା ପରେ ରୋନୋ କାଇଗର ନିଜକୁ ଏକ ବୈପ୍ଳବିକ ମଡେଲ ଭାବେ ଉପସ୍ଥାପନ କରିସାରିଛି। ଭାରତରେ ଏହାକୁ ବୃହତ୍ ରେସପନ୍ସ ମିଳିଛି। ସେହିଭଳି ନେପାଳ ପରେ ଏବେ ଏହାକୁ ଦକ୍ଷିଣ ଆଫ୍ରିକାକୁ ରପ୍ତାନି ହୋଇଛି। ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ରୋନୋର ଅନେକ ମଡେଲ ଲୋକପ୍ରିୟତା ହାସଲ କରିଛି। ବର୍ତ୍ତମାନ ସମୟରେ କାଇଗର କମ୍ପାନୀର ପୋର୍ଟଫୋଲିଓକୁ ସେଠାରେ ଆହୁରି ମଜଭୁତ କରିବ ବୋଲି ମାମିଲ ପଲ୍ଲେ ପ୍ରକାଶ କରିଛନ୍ତି। କମ୍ପାନୀ ଆଗାମୀ ଦିନରେ ଇଣ୍ଡୋନେସିଆ, ଆଫ୍ରିକା ଏବଂ ସାର୍କର ଅନେକ ପ୍ରାନ୍ତ ସମେତ ଆହୁରି ଅନେକ ବଜାରକୁ କାଇଗର ରପ୍ତାନି କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଏନ୍ଟିଏସ୍ଇରେ ଫିଟ୍ଜୀ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର, ୩।୮

ଏନ୍ସିଇଆର୍ଟି ଦ୍ୱାରା ପରିଚାଳିତ ନ୍ୟାଶନାଲ ଟାଲେଣ୍ଟ ସର୍ଚ୍ଚ ଏଗ୍ଜାମ ବା ଜାତୀୟ ପ୍ରତିଭା ଅନୁସନ୍ଧାନ ପରୀକ୍ଷା (ଏନ୍ଟିଏସ୍ଇ) ୨୦୨୦ରେ ଫିଟ୍ଜୀ ଓଡ଼ିଶାର ଛାତ୍ରୀଛାତ୍ରମାନେ ଭଲ ପ୍ରଦର୍ଶନ କରିଛନ୍ତି। ଏନ୍ଟିଏସ୍ଇ ଷ୍ଟେଜ୍-୨ ଫିଟ୍ଜୀ ଓଡ଼ିଶାର ମୋଟ ୨୭ ଜଣ ଛାତ୍ରୀଛାତ୍ର ଫ୍ଲାଇଙ୍ଗ୍ କଲର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହନଦୀପ ପରିଡା, ଅମ୍ବରୀଶ ପ୍ରଧାନ, କନିଷ୍କ ମୋଦି, ବେଦା ରାଜୁ, ପ୍ରତ୍ୟୁଷ କୁମାର ଦାସ ଏବଂ ଅନ୍ୟ ଛାତ୍ରୀଛାତ୍ର ରହିଛନ୍ତି। ଅନୁଷ୍ଠାନ ପକ୍ଷରୁ ସଫଳ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଛି।

# ଟ୍ରାଫିକ ଟ୍ରେନିଂ ପାର୍କର ପୂର୍ତ୍ତି

**ଭୁବନେଶ୍ୱର, ୩।୮:** ହୋଣ୍ଡା ମୋଟରସାଇକଲ ଇଣ୍ଡିଆ ଓ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଆଞ୍ଚଳିକ ପରିବହନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଟ୍ରାଫିକ ଟ୍ରେନିଂ ପାର୍କର ସପ୍ତମ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଭୁବନେଶ୍ୱର-୨ରେ ରିଜିଓନାଲ ଟ୍ରାନ୍ସପୋର୍ଟ ଅଫିସର ବିରଞ୍ଚି ନାରାୟଣ ଅଧିକାରୀଙ୍କ ଉପସ୍ଥିତିରେ ଡିଜିଟାଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୧୪ରେ ଟୁହ୍ୱିଲର୍ସ ପକ୍ଷରୁ ଓଡ଼ିଶା ସରକାରଙ୍କ ମୋଟର ଯାନ ବିଭାଗ ସହଯୋଗିତାରେ ପୂର୍ବ ଭାରତର ପ୍ରଥମ ଟ୍ରାଫିକ୍ ଟ୍ରେନିଂ ପାର୍କକୁ ଭୁବନେଶ୍ୱରରେ ଆରମ୍ଭ କରାଯାଇଥିଲା। ଏଥିରେ ଟ୍ରାଫିକ୍ ସିଗ୍ନାଲ୍, ଜେବ୍ରା କ୍ରସିଂ ଏବଂ ସ୍ପିଡ୍ ବ୍ରେକର୍ ଇତ୍ୟାଦି ଭଳି ସୁବିଧା ରହିଛି। ପ୍ରତି ବୟସ ବର୍ଗ ପାଇଁ ଦୈନିକ ପ୍ରଶିକ୍ଷଣ ହିସାବରେ ଏହି ଟ୍ରାଫିକ୍ ଟ୍ରେନିଂ ପାର୍କ ଆରମ୍ଭ ହେବା ଦିନ ଠାରୁ ୨ ଲକ୍ଷ ଶିଶୁ ଓ ପ୍ରାପ୍ତ ବୟସ୍କଙ୍କୁ ସଚେତନ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଅଧିକାରୀ କହିଛନ୍ତି, ଆମ ପାଇଁ ସଡ଼କ ଦୁର୍ଘଟଣାରେ ହେଉଥିବା ଆଘାତକୁ ହ୍ରାସ କରିବା ହେଉଛି ତତ୍କାଳ ପ୍ରାଥମିକତା।

SAFETY-INDIA HONDA

## ଫୁର୍ସତ୍

# ବାଇକ୍ ଚଳାଇ ବେଦିକୁ ଗଲେ କନ୍ୟା

**ନୂଆଦିଲ୍ଲୀ:** ଜଣେ ଯୁବତୀ କନ୍ୟା ବେଶରେ ବାଇକ୍ ଚଳାଇ ବିବାହ କରିବା ପାଇଁ ଯାଉଛନ୍ତି, ଯାହା ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚାର ବିଷୟ ପାଲଟିଛି। ଯୁବତୀ ଜଣକ କନ୍ୟାବେଶରେ ବାଇକ୍ ଚଳାଉଥିବାବେଳେ ପଛରେ ସାଙ୍ଗରେ ତାଙ୍କର ଜଣେ ବାନ୍ଧବୀଙ୍କୁ ବି ନେଉଛନ୍ତି, ଯିଏ କି ଏଭଳି ଏକ ଷ୍ଟାଇଲରେ ଯିବାକୁ ବେଶ୍ ଉପଭୋଗ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ନିଜ ବାହାଘରକୁ ନିଆରା କରିବାକୁ କନ୍ୟା ଜଣକ ବିବାହ ଲେହେଙ୍ଗା ସହିତ ଅନେକ ଅଳଙ୍କାର ଲଗାଇ ସୁନ୍ଦର ଭାବରେ ସଜେଇ ହୋଇଛନ୍ତି। ଆଉ ଏମିତି ବେଶରେ ସେ ନିଜେ ଏକ ବାଇକ୍ ଚଳାଉଛନ୍ତି। ପଛରେ ତାଙ୍କ ବାନ୍ଧବୀ ମଧ୍ୟ ଲେହେଙ୍ଗା ପିନ୍ଧି ବେଶ୍ ସୁନ୍ଦରଭାବେ ସଜବାଜ ହୋଇଛନ୍ତି। ଇନଷ୍ଟାଗ୍ରାମରେ ଏଭଳି ଏକ ଭିଡିଓକୁ ଶେୟାର କରିଛି ୱେଡିଂ। ଏହା ପରଠାରୁ ଭିଡ଼ିଆଲଟି ଭାଇରାଲ୍ ହେବାରେ ଲାଗିଛି। ଏବେ ସୁଦ୍ଧା ଏହି ଭିଡ଼ିଆଲକୁ ୧୭ ହଜାରରୁ ଅଧିକ ଲୋକ ଦେଖି ସାରିଲେଣି। ଖାଲି ସେତିକି ନୁହେଁ ଭିଡ଼ିଆଲକୁ ନେଇ ବେଶ୍ ସୁନ୍ଦର କମେଣ୍ଟ ବି ଆସୁଛି। ତେବେ କମେଣ୍ଟକୁ ଦେଖିଲେ ମନେହେଉଛି କି ଅଧିକାଂଶ ଯୁବତୀଙ୍କର ଏହି ନିଆରା ଷ୍ଟାଇଲରେ ବିବାହ ମଣ୍ଡପକୁ ଯିବା ଘଟଣା ବେଶ୍ ପସନ୍ଦ ଆସିଛି।



# ବିବାହ କରିବେ ଫରହାନ



**ମୁମ୍ବାଇ:** ବଲିଉଡ୍ ଅଭିନେତା ଫରହାନ୍ ଅଖତର ଏବେ ତାଙ୍କ ଦ୍ୱିତୀୟ ବିବାହକୁ ନେଇ ଆସିଛନ୍ତି ଚର୍ଚ୍ଚାକୁ। ଯେବେଠାରୁ ସେ ତାଙ୍କ ପ୍ରଥମ ସ୍ତ୍ରୀଙ୍କଠାରୁ ଅଲଗା ହେଲେଣି, ସେବେଠାରୁ ସେ ଗର୍ଲଫ୍ରେଣ୍ଡ ଶିବାନୀ ଦାଣ୍ଡେକରଙ୍କ ସହ ରିଲେଶନଶିପରେ ରହିଛନ୍ତି। ନିକଟରେ ଶିବାନୀ ତାଙ୍କ ବିବାହକୁ ନେଇ ଅନେକ ଖୋଲା ଖୋଲି କଥା ହୋଇଛନ୍ତି। ଏକ ଏଣ୍ଟରଟେନମେଣ୍ଟ ୱେବ ପୋର୍ଟାଲ ସହ କଥା ହେବା ବେଳେ ଶିବାନୀ କହିଛନ୍ତି, ଫରହାନଙ୍କ ସହ ମୋର ରିଲେଶନଶିପ କଥା ସମସ୍ତଙ୍କୁ ଜଣା। ଅବଶ୍ୟ କରୋନା ଲକ୍ଡାଉନ ସମୟରେ ଆମେ ପରସ୍ପରକୁ ଅତି ନିକଟରୁ ଜାଣିବାର ସୁଯୋଗ ପାଇଲୁ। ଆମେ କେବେ ବିବାହ କରିବୁ ବୋଲି ଅନେକେ ପ୍ରଶ୍ନ କରୁଛନ୍ତି। ଏପର୍ଯ୍ୟନ୍ତ କିନ୍ତୁ ସେ ବିଷୟରେ ଚିନ୍ତା କରିନାହିଁ। ସମୟ ଆସିଲେ ସମସ୍ତଙ୍କୁ ଜଣାଇବି। ଲକଡାଉନରେ ସେ ଫରହାନଙ୍କ ସହ ସମୟ କଟାଇବା, ଏକାଠି ୱାର୍କ ଆଉଟ କରିବା, ଏକାଠି ଖାଇବା ଭଳି ମୁହୂର୍ତ୍ତକୁ ଉପଭୋଗ କରିଥିବା ଶିବାନୀ କହିଛନ୍ତି। ଫରହାନ ଓ ଶିବାନୀ ୩ ବର୍ଷ ହେବ ରିଲେଶନଶିପରେ ରହିଛନ୍ତି। ଫରହାନ ପ୍ରଥମେ ଅଧୁନା ଭାବାନୀଙ୍କୁ ବିବାହ କରିଥିବା ବେଳେ ୧୭ ବର୍ଷ ପରେ ଉଭୟ ଅଲଗା ହୋଇ ଯାଇଥିଲେ। ଏବେ ଫରହାନ ଶିବାନୀଙ୍କ ସହ ରିଲେଶନଶିପରେ ଥିବା ବେଳେ ନିକୋଲାସ ମମୋରିଆଙ୍କ ସହ ମଧ୍ୟ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି।

**ଦ୍ୱିତୀୟ ସ୍ୱନକ୍ଷତ୍ର ଶୁଭେଚ୍ଛା**



**ଶ୍ରେୟାଂସ (ଋଷି)**

ଗ୍ରାମ: ପୁବା ଶାସନ, କୌଶଲ୍ୟାଗଙ୍ଗ, ପୁରୀ
ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଆମ୍ଭର ବଡ଼ ଠାକୁରଙ୍କ ପାଖରେ ପ୍ରାର୍ଥନା । ଶୁଭେଚ୍ଛା ସହ: ବାବା, ମାମା, ବନ୍ଧୁ ଓ ଦାସ ପରିବାରବର୍ଗ

D-70936

# ମନେ ପଡ଼ନ୍ତି

**ଊନବିଂଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ମନୋରମା ସେଠୀ**

ଆବିର୍ଭାବ : ୧୯୪୩
ତିରୋଧାନ : ୦୪.୦୮.୨୦୦୨

ମାଆ, ଠିକ୍ ଆଜିକୁ ୨୦ବର୍ଷ ତଳେ ଏହି ଦିନରେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରମ ଧାମକୁ ପ୍ରାପ୍ତ ହେଲେ କିନ୍ତୁ ଆଜିବି ଆମ୍ଭେମାନେ ଆପଣଙ୍କର ତ୍ୟାଗ, ସହନଶୀଳତା ଓ ସମଦର୍ଶୀଭାବକୁ ଝୁରି ହେଉଛୁ। ଆପଣ ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ଆପଣଙ୍କ ଚରଣତଳେ ଏତିକି ପ୍ରାର୍ଥନା।

-: ଇତି ଆପଣଙ୍କର ଗୁଣମୁଗ୍ଧ :-

ପୁତ୍ର, ପୁତ୍ରବଧୂ : ବାବୁ-କୁନି, ବୁଲୁ-ସୁଇଟି, ମୁନା-ମିତାଲି, କନ୍ୟା, ଜ୍ୱାଇଁ : ଜୟନ୍ତି-ରତ୍ନାକର, ମଞ୍ଜୁ-ଲକ୍ଷ୍ମଣ, ସଞ୍ଜୁ-ସୁଦର୍ଶନ, ଇତି-ପ୍ରଶାନ୍ତ, ନାତି-ନାତୁଣୀ : ଜିପୁ, ବାପି, ଡୁଗୁ, ଶୁଭମ୍, ଚନ୍ଦୁ, ଶାନ୍, ଅଂଶୁଲ୍, ମିତୁଲ୍, ଅଭିକ୍, ଲିଜା, ରୋଜି, ଗୁଡି ଓ ମାନ୍ୟା, ବନ୍ଧୁ ଓ ପରିବାରବର୍ଗ।

ଧ-୭୦୯୩୮

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ନବକିଶୋର ମିଶ୍ର**

ସୋମନାଥପୁର (ଶୁଶୁଡ଼ା), ଅନୁଗୋଳ
ଏକ ଆନନ୍ଦମୟ ଜୀବନକୁ ପରିତ୍ୟାଗ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନହେବା ଆମମାନଙ୍କ ପାଇଁ ଏକ ଦୁଃଖଦ ଘଟଣା। ଅମର ଆତ୍ମା ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି। ଆଉ ପୁରରେ ଥାଇ ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ସର୍ବଦା ରହିଥାଉ ଏହାହିଁ ପ୍ରାର୍ଥନା।
ଶୋକସନ୍ତପ୍ତ: ସାନଭାଇ: ଶିବରାମ, ରାଜୀବ, ମିଶ୍ର ପରିବାର ଓ ଆତ୍ମୀୟସ୍ୱଜନ।

ଧ-୨୧୨୪୪

**୨୭ତମ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମାୟାଧର ପଟ୍ଟନାୟକ**

ଗୁଣ୍ଡିଚା ବିହାର, ସର୍ବୋଦୟନଗର, ପୁରୀ-୨
ତିରୋଧାନ: ଶ୍ରାବଣ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି (୦୩।୦୮।୯୪)

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଯେଉଁଠାରେ ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ତୁମ୍ଭ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବୋହୂ, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୬୮୮୬୪

**୧୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**✓ଇଂ. କୀର୍ତ୍ତନ ସାହୁ**

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୬୬୭୯୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ କମଳା ରାଉତ**

ତିଳକ ନଗର, ରାଜନଗର, କେନ୍ଦ୍ରାପଡ଼ା
ଆବିର୍ଭାବ : ୨୧.୦୧.୧୯୫୮ (ମାଘମାସ ଶୁକ୍ଳ ପକ୍ଷ ଦ୍ୱିତୀୟା)
ତିରୋଧାନ : ୨୫.୦୭.୨୦୨୧ (ଶ୍ରାବଣମାସ କୃଷ୍ଣ ପକ୍ଷ ଦ୍ୱିତୀୟା)

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଆଦ୍ୟାଶକ୍ତିଙ୍କ ପାଖରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ
ସ୍ୱାମୀ-ଅର୍ଜୁନ ରାଉତ, ପୁଅ-ରାଜେଶ, ରାହୁଲ, ଝିଅ-ରାଜଶ୍ରୀ, ବୋହୂ-ଚିନ୍ମୟୀ, ମିକୁ, ନାତି-ଗୁଡୁଲ, ଯୁକ୍ତି, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।

ଧ-୭୧୧୨୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ଶରତ କୁମାର ମିଶ୍ର**

ଆବିର୍ଭାବ: ୧୯।୦୫।୧୯୩୬
ତିରୋଧାନ: ୨୦।୦୭।୨୦୦୬

ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)।

ଧ-୨୧୨୪୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଗୋଲକ ଚନ୍ଦ୍ର ମହାପାତ୍ର**

ସ୍ଥାନ: ଗଉଳିଆ, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୨୧.୧୧.୧୯୩୩
ତିରୋଧାନ: ୨୫.୦୭.୨୦୨୧

ତୁମର ସ୍ନେହ, ତ୍ୟାଗ, ମହାନତା, ଶିକ୍ଷା, ପରୋପକାରିତା ଓ ଦରଦୀ ବ୍ୟକ୍ତିତ୍ୱ ଆମକୁ ସମାଜର ଉପଯୁକ୍ତ ନାଗରିକ କରି ଗଢ଼ି ତୋଳିଛି। ତୁମର ପୁଣ୍ୟାତ୍ମାର ସଦ୍ଗତି ନିମନ୍ତେ ଆମର ଇଷ୍ଟ ଦେବ ଶ୍ରୀଶ୍ରୀ ମଦନ ମୋହନଙ୍କ ଠାରେ ବିନମ୍ର ପ୍ରାର୍ଥନା।

-:ତମର ହତଭାଗା:-
ବୁଢ଼ା-କନକ, ବାବୁଲି-ମମତା, ରିନା-ଅକ୍ଷୟ, ବାବି-ଲରା, ବାଦଲ-ମାମା, ଟିକିନା, ବାପି-ଆଶା, ବୁନା-ବର୍ଷା, ପିଙ୍କି-ଆକାଶ, ରିଙ୍କୁ, ଟିଙ୍କୁ, ସମସ୍ତ ନାତିନାତୁଣୀ ଓ ପରିବାରବର୍ଗ।

ଧ-୭୦୯୩୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ପରିବା ମଞ୍ଜିରୁ ରାଖୀ



**ରାୟପୁର:** ପ୍ରତିଭା ଥିଲେ ତାହା ନିଶ୍ଚୟ ପ୍ରକଟ ହେବ। ଏହି ଉକ୍ତିଟିକୁ ଯଥାର୍ଥ କରି ଦେଖାଇଛନ୍ତି ଛତିଶଗଡ଼ର କେତେକ ମହିଳା। ଏକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପନିପରିବା ମଞ୍ଜି, ଧାନ ଏବଂ ବାଉଁଶରୁ ରାଖୀ ତିଆରି କରିଛନ୍ତି, ଯେଉଁଥିରେ ପ୍ଲାଷ୍ଟିକ ଭଳି ପରିବେଶକୁ କ୍ଷତି ପହଞ୍ଚାଉଥିବା କୌଣସି ଜିନିଷର ବ୍ୟବହାର କରାଯାଇନାହିଁ। ରାଖୀରେ କେବଳ ଅର୍ଗାନିକ୍ ଜିନିଷର ବ୍ୟବହାର କରାଯାଇଛି, ଯାହା ଇକୋ ଫ୍ରେଣ୍ଡଲୀ ହୋଇଥିବା ବେଳେ ବେଶ୍ ସୁନ୍ଦର ମଧ୍ୟ ଦେଖାଯାଉଛି। ଗତ ବର୍ଷ ମଧ୍ୟ ଏହି ମହିଳାମାନେ ୫ ହଜାର ରାଖୀ ତିଆରି କରିଥିଲେ, ଯେଉଁଥିରୁ ସେମାନେ ଲକ୍ଷାଧିକ ଟଙ୍କା ରୋଜଗାର କରିଥିଲେ ବୋଲି ଗୋଷ୍ଠୀର ଜଣେ ସଦସ୍ୟା ଲତା ସାହୁ କହିଛନ୍ତି। ଚଳିତ ବର୍ଷ ଉକ୍ତ ମହିଳାମାନେ ଏ ପର୍ଯ୍ୟନ୍ତ ୯୦,୦୦୦ ଟଙ୍କା ରୋଜଗାର କରିସାରିଛନ୍ତି। ଚଳିତ ବର୍ଷ ରକ୍ଷା ବନ୍ଧନ ପର୍ବ ଅଗଷ୍ଟ ୨୨ରେ ପଡୁଥିବା ବେଳେ ଏଥିରେ ଆଉ କିଛି ସମୟ ମଧ୍ୟ ବାକି ଅଛି। ଏହି ମହିଳାମାନେ ନିଜର ରୋଜଗାର ବଢ଼ାଇବା ପାଇଁ ବେଶ୍ ସମୟ ଓ ସୁଯୋଗ ପାଇଛନ୍ତି। ନିଜ ନିଆରା କଳାକୁ ବ୍ୟବହାର କରି ରୋଜଗାରକ୍ଷମ ହୋଇଥିବା ଏହି ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

**CLASSIFIED DISPLAY**

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NURSING**



ADMISSION OPEN
For Session 2021-22
Courses Offered

B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.

GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)

ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)

DMLT (2 yrs.)
(Approved by DMLT / RT Council BBSR)

PALLI CHANDAN GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**

2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ



ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**



ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବ୍ରୋଞ୍ଜ ପାଇଁ ଲଢ଼ିବ ଭାରତ

## ଅଲିମ୍ପିକ୍ସ ପୁରୁଷ ହକି
## ସେମିରେ ବେଲଜିୟମଠାରୁ ପରାସ୍ତ

ଟୋକିଓ,୩।୮

ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବା ଆଶା ଅପୂରଣୀୟ ରହିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୨-୫ରେ ବେଲଜିୟମଠାରୁ ପରାସ୍ତ ହୋଇଛି। ଫଳରେ ଭାରତ ଫାଇନାଲ ମ୍ୟାଚ୍ ଖେଳିବା ଆଶା ଧୂଳିସାତ୍ ହୋଇଛି। ଭାରତ ଏବେ ବ୍ରୋଞ୍ଜ ପଦକ ପାଇଁ ଗୁରୁବାର ଜର୍ମାନୀକୁ ଭେଟିବ। ଜର୍ମାନୀ ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ୧-୩ ଗୋଲରେ ପରାସ୍ତ ହୋଇଛି। ଗୁରୁବାର ସ୍ୱର୍ଣ୍ଣ ପଦକ ପାଇଁ ଅଷ୍ଟ୍ରେଲିଆ ଓ ବେଲଜିୟମ ମୁହାଁମୁହିଁ ହେବେ।

ସେମିଫାଇନାଲରେ ଭାରତ ବିପକ୍ଷରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ୩ଟି ଗୋଲ ସ୍କୋର କରି ବେଲଜିୟମ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୧୯, ୪୯ ଓ ୫୩ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ବେଲଜିୟମ ପକ୍ଷରୁ ଲୋଇକ୍ ଲୁପାଏର୍ଟ ଓ ୬୦ତମ ମିନିଟ୍‌ରେ ଜନ- ଜନ ଡୋହମେ ଗୋଲ ଦେଇଥିଲେ। ଏଥିସହିତ ବେଲ୍‌ଜିୟମ କ୍ରମାଗତ ଦ୍ୱିତୀୟଥର ପାଇଁ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ଭାରତ ପକ୍ଷରୁ ସପ୍ତମ ମିନିଟ୍‌ରେ ହରମନପ୍ରୀତ ସିଂ ଓ ଅଷ୍ଟମ ମିନିଟ୍‌ରେ ମନଦୀପ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୂର୍ବରୁ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ଶେଷଥର ପାଇଁ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଥିଲା ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଅଲିମ୍ପିକ୍ସରେ ଭାରତ ୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି।

ବେଲଜିୟମ ତରଫରୁ ୪ଟି ଗୋଲ ପେନାଲ୍ଟି କର୍ନର ମାଧ୍ୟମରେ ସ୍କୋର କରାଯାଇଥିଲା। ଭାରତୀୟ ଡିଫେନ୍ସକୁ ଚାପରେ ପକାଇବାକୁ ବେଲଜିୟମ ସକ୍ଷମ ହୋଇଥିଲା। ଫଳରେ ବେଲଜିୟମ ମୋଟ ୧୪ଟି ପେନାଲ୍ଟି କର୍ନର ପାଇଥିଲା ଓ ଏଥିରୁ ୩ଟିକୁ ଗୋଲରେ ପରିଣତ କରିଥିଲା। ଆରମ୍ଭରୁ ବେଲଜିୟମ ତା'ର ରଣନୀତି ସ୍ପଷ୍ଟ କରିଥିଲା। ଭାରତୀୟ ସର୍କଲ ଭିତରେ ପ୍ରବେଶ କରି ବେଲ୍‌ଜିୟମ ପେନାଲ୍ଟି କର୍ନର ହାସଲ କରିବାକୁ ବାରମ୍ବାର ପ୍ରୟାସ କରିଥିଲା। ଏଥିରେ ହେଣ୍ଡ୍ରିକ୍ସ ଓ ଲୁପାଏର୍ଟ ସଫଳ ହୋଇଥିଲେ। ଭାରତୀୟ ଡିଫେନ୍ସ ବେଲଜିୟମ ଜାଲରେ ଫସିଯାଇଥିଲା। ଭାରତ ମଧ୍ୟ ୫ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରିଥିଲା । ଭାରତ ପ୍ରଥମେ ଗୋଲ ବରଣ କରିଥିଲା। ଏହାପରେ ଭାରତ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେବା ସହ ଅଗ୍ରଣୀ ହାସଲ କରି ନେଇଥିଲା। ସପ୍ତମ ମିନିଟ୍‌ରେ ହରମନପ୍ରୀତ ପେନାଲ୍ଟି ମାଧ୍ୟମରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାର ଗୋଟିଏ ମିନିଟ୍ ପରେ ଅମିତ ରୋହିଦାସଙ୍କ ପାସ୍‌କୁ ଗୋଲରେ ପରିଣତ କରି ମନଦୀପ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ବେଲ୍‌ଜିୟମ ପ୍ରତ୍ୟାବର୍ତ୍ତନ କରିଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ଦେଇ ମ୍ୟାଚ୍ ହାତେଇ ନେଇଥିଲା।

ସର୍କଲ ପେନିଟ୍ରେସନରେ ବେଲଜିୟମ ଭାରତଠାରୁ ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ଅଗ୍ରଣୀ ହେବା ପାଇଁ ଭାରତ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ବେଲଜିୟମ ପ୍ରଭାବ ବିସ୍ତାର କରି ଖେଳିଥିଲା ଓ ଭାରତକୁ କୌଣସି ସୁଯୋଗ ଦେଇ ନ ଥିଲା। ୨ଟି ଗୋଲ ପଛରେ ରହିଥିବା ଭାରତ ଶେଷରେ ଗୋଲକିପର ପି.ଆର. ଶ୍ରୀଜେସଙ୍କୁ ହଟାଇ ଜଣେ ଅତିରିକ୍ତ ଖେଳାଳିଙ୍କୁ ଖେଳାଇଥିଲା। ତେବେ ଏହା ବୁମେରାଂ ସାବ୍ୟସ୍ତ ହୋଇଥିଲା। ଫଳରେ ବେଲଜିୟମ ଆଉ ଏକ ଗୋଲ ଦେଇ ବିଜୟର ବ୍ୟବଧାନକୁ ବଢାଇଥିଲା। ଚତୁର୍ଥ କ୍ୱାର୍ଟରରେ ଭାରତ ଢିଲା ଖେଳ ପ୍ରଦର୍ଶନ କରିଥିଲା ଓ ଏହାର ଫାଇଦା ଉଠାଇ ବେଲଜିୟମ ୩ଟି ଗୋଲ ଦେଇଥିଲା।

ଅଲିମ୍ପିକ୍ସରେ ବେଲଜିୟମକୁ ସାମ୍ନା କରିବାରେ ଭାରତ ସବୁବେଳେ ସମସ୍ୟାରେ ପଡିଆସିଛି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ୩-୦ରେ ବେଲଜିୟମଠାରୁ ପୁଲ୍ ପର୍ଯ୍ୟାୟରେ ପରାସ୍ତ ହୋଇଥିଲା। ସେହିପରି ୨୦୧୬ ରିଓ ଅଲିମ୍ପିକ୍ସରେ ବେଲଜିୟମ କ୍ୱାର୍ଟରରେ ୩-୧ ଗୋଲରେ ଭାରତକୁ ହରାଇଥିଲା। ଏହି ଅଲିମ୍ପିକ୍ସରେ ବେଲଜିୟମ ଦଳ ସର୍ବାଧିକ ୩୪ଟି ଗୋଲ ସ୍କୋର କରିଛି ଓ ୧୦ଟି ଗୋଲ ବରଣ କରିଛି। ବେଲଜିୟମ ସୁପର ଫର୍ମରେ ରହିଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ବେଲଜିୟମର ଡିଫେନ୍ସ ବହୁତ ଦୃଢ ମନେ ହେଉଛି। ଅନ୍ୟପଟେ ଭାରତ ଏ ପର୍ଯ୍ୟନ୍ତ ୧୮ଟି ଗୋଲ ସ୍କୋର କରିଥିବା ବେଳେ ୧୪ଟି ଗୋଲ ବରଣ କରିଛି। ଅଷ୍ଟ୍ରେଲିଆ ୧୧ଟି ଗୋଲ ବରଣ କରିଛି। ଗୋଲ ଦେବା ଓ ବରଣ କରିବାରେ ଭାରତ ଏହି ଅଲିମ୍ପିକ୍ସରେ ବେଲଜିୟମଠାରୁ ବହୁ ପଛରେ ରହିଛି। ଏହାର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଛି। ଏକ ଉନ୍ନତ ଦଳ ଭାରତକୁ ହରାଇ ଫାଇନାଲରେ ପ୍ରବେଶ କରିଛି କହିଲେ ଭୁଲ ହେବ ନାହିଁ।



ସେମିଫାଇନାଲ୍‌ରେ ବେଲ୍‌ଜିୟମ୍ ନିକଟରୁ ପରାଜିତ ହେବା ପରେ ଦୁଃଖାଭିଭୂତ ଭାରତୀୟ ଖେଳାଳି।



ହ୍ୟାଟ୍ରିକ୍ ଗୋଲ୍ ସ୍କୋରର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ।

## ଅଲିମ୍ପିକ୍ସ ପଦକ ତାଲିକା



| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୨ | ୨୧ | ୧୬ | ୬୯ |
| ଆମେରିକା | ୨୪ | ୨୮ | ୨୧ | ୭୩ |
| ଜାପାନ | ୧୯ | ୬ | ୧୧ | ୩୬ |
| ଅଷ୍ଟ୍ରେଲିଆ | ୧୪ | ୪ | ୧୫ | ୩୩ |
| ଆରଓସି | ୧୬ | ୨୧ | ୧୮ | ୫୨ |
| ଗ୍ରେଟ ବ୍ରିଟେନ | ୧୩ | ୧୭ | ୧୩ | ୪୩ |
| ଜର୍ମାନୀ | ୮ | ୮ | ୧୪ | ୩୦ |
| ଫ୍ରାନ୍ସ | ୬ | ୧୦ | ୮ | ୨୪ |
| ନେଦରଲାଣ୍ଡ୍ସ | ୬ | ୭ | ୭ | ୨୦ |
| ଦକ୍ଷିଣ କୋରିଆ | ୬ | ୪ | ୯ | ୧୯ |
| ନ୍ୟୁଜିଲାଣ୍ଡ | ୪ | ୪ | ୫ | ୧୫ |
| ଇଟାଲୀ | ୫ | ୯ | ୧୫ | ୨୯ |
| ହଙ୍ଗେରି | ୪ | ୪ | ୩ | ୧୧ |
| କ୍ୟୁବା | ୪ | ୩ | ୪ | ୧୧ |
| ଚେକ୍ ରିପବ୍ଲିକ୍ | ୪ | ୩ | ୧ | ୮ |
| କାନାଡ଼ା | ୩ | ୪ | ୭ | ୧୪ |
| ସୁଇଜରଲାଣ୍ଡ | ୩ | ୪ | ୫ | ୧୨ |
| ବ୍ରାଜିଲ | ୩ | ୩ | ୮ | ୧୪ |
| କ୍ରୋଏସିଆ | ୩ | ୩ | ୨ | ୮ |
| ଚାଇନିଜ୍ ତାଇପେ | ୨ | ୪ | ୪ | ୧୦ |
| ସୁଇଡେନ | ୨ | ୩ | ୦ | ୫ |
| ପୋଲାଣ୍ଡ | ୨ | ୨ | ୨ | ୬ |
| ଡେନମାର୍କ | ୨ | ୧ | ୩ | ୬ |
| ଜାମାଇକା | ୨ | ୧ | ୨ | ୫ |
| ନରୱେ | ୨ | ୧ | ୧ | ୪ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଗ୍ରୀସ୍ | ୨ | ୦ | ୧ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୧ | ୩ |
| କୋସୋଭୋ | ୨ | ୦ | ୦ | ୨ |
| କାତାର | ୨ | ୦ | ୦ | ୨ |
| ସ୍ପେନ | ୧ | ୪ | ୪ | ୯ |
| ଜର୍ଜିଆ | ୧ | ୪ | ୧ | ୬ |
| ରୋମାନିଆ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| ହଂକଂ | ୧ | ୨ | ୦ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ସ୍ଲୋଭାକିଆ | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୩ | ୫ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ସର୍ବିଆ | ୧ | ୧ | ୩ | ୫ |
| ବେଲଜିୟମ | ୧ | ୧ | ୧ | ୩ |
| ଇଥିଓପିଆ | ୧ | ୧ | ୧ | ୩ |
| ଫିଲିପାଇନ୍ସ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ତୁର୍କୀ | ୧ | ୦ | ୫ | ୬ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ରାଏଲ | ୧ | ୦ | ୨ | ୩ |
| ବେଲାରୁଷ | ୧ | ୦ | ୧ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଇରାନ | ୧ | ୦ | ୧ | ୨ |
| ଲାଟିଭିଆ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ପୁଏର୍ତୋ ରିକୋ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ଆର୍ମେନିଆ | ୦ | ୨ | ୧ | ୩ |
| କଲମ୍ବିଆ | ୦ | ୨ | ୧ | ୩ |
| ଡୋମିନିକାନ ରିପବ୍ଲିକ | ୦ | ୨ | ୧ | ୩ |
| ୟୁକ୍ରେନ | ୦ | ୧ | ୬ | ୭ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ପର୍ତ୍ତୁଗାଲ | ୦ | ୧ | ୨ | ୩ |
| **ଭାରତ** | **୦** | **୧** | **୧** | **୨** |
| କେନିୟା | ୦ | ୧ | ୧ | ୨ |
| କିର୍ଗିଜସ୍ତାନ | ୦ | ୧ | ୧ | ୨ |
| ନାଇଜେରିଆ | ୦ | ୧ | ୧ | ୨ |
| ସାନ୍ ମାରିନୋ | ୦ | ୧ | ୧ | ୨ |
| ଉଗାଣ୍ଡା | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| ଆଜରବୈଜାନ | ୦ | ୦ | ୩ | ୩ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ମେକ୍ସିକୋ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| ଘାନା | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |




ମହିଳା ୮୦୦ ମିଟର ରେସ୍‌ରେ ପଦକ ଜିତିଥିବା (ବାମରୁ) କେଲି ହଜକିନସନ, ଏଥିଙ୍ଗ୍ ମୁ ଓ ରାଭିନ ରୋଜସ।

# ମହିଳା ୮୦୦ ମିଟରରେ ଏଥିଙ୍ଗଙ୍କୁ ସ୍ୱର୍ଣ୍ଣ

ଟୋକିଓ, ୩।୮(ଏପି)

ଆମେରିକାର ଏଥିଙ୍ଗ୍ ମୁ ଟୋକିଓ ଅଲିମ୍ପିକ୍ସ ମହିଳା ୮୦୦ ମିଟର ଟାଇଟଲ ଜିତିଛନ୍ତି। ପ୍ରଥମଥରପାଇଁ ଅଲିମ୍ପିକ୍ସରେ ଭାଗ ନେଇଥିବା ଏଥିଙ୍ଗ୍ସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସେ ୧ ମିନିଟ ୫୫.୨୧ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ବ୍ରିଟେନର କେଲି ହଜକିନସନ ୧:୫୫.୮୮ ସେକେଣ୍ଡ ସହିତ ରୌପ୍ୟ ଏବଂ ଆମେରିକାର ରାଭିନ ରୋଜର୍ସ (୧:୫୬.୮୧) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ରେସ୍ ପରେ ୧୯ ବର୍ଷୀୟା ଏଥିଙ୍ଗ୍ ମହିଳା ୮୦୦ ମିଟରରେ ନୂଆ ତାରକାଭାବେ ଉଭା ହୋଇଛନ୍ତି।

# ଭାରତ-ଆର୍ଜେଣ୍ଟିନା ସେମିଫାଇନାଲ ଆଜି

## ଅଲିମ୍ପିକ୍ସ ମହିଳା ହକି

**ଟୋକିଓ,୩।୮(ପି.ଟି.):** ଟୋକିଓ ଅଲିମ୍ପିକ୍ସ ହକି ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିସାରିଥିବା ଭାରତୀୟ ମହିଳା ଦଳ ଆହୁରି ଅଧିକ ଗୌରବ ହାସଲ କରିବା ପାଇଁ ସୁଯୋଗ ପାଇଛି। ବୁଧବାର ଭାରତ ସେମିଫାଇନାଲରେ ଆର୍ଜେଣ୍ଟିନାକୁ ଭେଟିବ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ଆର୍ଜେଣ୍ଟିନାକୁ ହରାଇ ପାରିଲେ ଫାଇନାଲରେ ପ୍ରବେଶ କରିବ ଓ ଅତିକମ୍‌ରେ ରୌପ୍ୟ ପଦକ ହାସଲ କରିବ। ତେଣୁ ରାନୀ ରାମପାଲଙ୍କ ନେତୃତ୍ୱାଧୀନ ଭାରତ ନିକଟରେ ନୂଆ ଇତିହାସ ସୃଷ୍ଟି କରିବାର ସୁଯୋଗ ରହିଛି। ୧୮ ଜଣ ସାହସୀ ମହିଳା ଖେଳାଳିଙ୍କୁ ନେଇ ଭାରତୀୟ ହକି ଦଳ ଏବେ ବେଶ୍ ଲୟରେ ଥିବା ପରି ମନେହେଉଛନ୍ତି। ଏହି ଦଳ ସୋମବାର ଶକ୍ତିଶାଳୀ ତଥା ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୧-୦ ଗୋଲରେ କ୍ୱାର୍ଟର ଫାଇନାଲରେ ପରାସ୍ତ କରି ପ୍ରଥମଥର ପାଇଁ ସେମିରେ ପ୍ରବେଶ କରିଛି। ଡ୍ରାଗ୍ ଫ୍ଲିକର ଗୁରଜିତ କୌର ୨୨ତମ ମିନିଟ୍‌ରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଜିତାଇଥିଲେ।

କ୍ୱାର୍ଟର ଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ସମ୍ମୁଖୀନରେ ଏକାଧିକ ଚ୍ୟାଲେଞ୍ଜ ରହିଥିଲା। ତେବେ କୋଚ୍ ଜୋଏର୍ଡ ମାରିଜନେଙ୍କ ତତ୍ତ୍ୱାବଧାନରେ ଭାରତ ଏହି ମ୍ୟାଚ୍ ହାତେଇଥିଲା। ଏହାପୂର୍ବରୁ ଭାରତ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ରହିଥିଲା। ଏହା ଭାରତ ପାଇଁ ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଇଭେଣ୍ଟରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବାରୁ ସେମିଫାଇନାଲ ମ୍ୟାଚ୍ ଖେଳାଯାଇ ନ ଥିଲା। ସେତେବେଳେ ଟୁର୍ନାମେଣ୍ଟ ରାଉଣ୍ଡ-ରବିନ ପର୍ଯ୍ୟାୟରେ ଖେଳାଯାଉଥିଲା ଓ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରୁଥିଲେ। ଯଦି ଭାରତ ଆର୍ଜେଣ୍ଟିନାକୁ ହରାଇ ପାରିଲା ତା'ହେଲେ ପ୍ରଥମଥର ପାଇଁ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିବ।

ଭାରତୀୟ ଦଳ ନିଜର ଏହି ଉଚ୍ଚକୋଟୀର ପ୍ରଦର୍ଶନ ବଳରେ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର କ୍ୟାରିୟର ଶ୍ରେଷ୍ଠ ସପ୍ତମ ସ୍ଥାନରେ ପହଞ୍ଚିଛି। ଅନ୍ୟପଟେ ଆର୍ଜେଣ୍ଟିନା ର୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ସଫଳତା ପାଇଁ ବ୍ୟଗ୍ର ଥିବା ଭାରତୀୟ ମହିଳା ବିପର୍ଯ୍ୟୟ ଘଟାଇବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି। ୫ ବର୍ଷ ତଳେ ଅନୁଷ୍ଠିତ ରିଓ ଅଲିମ୍ପିକ୍ସରେ ଅବଶ୍ୟ ଭାରତ ଏହି ସଫଳତା ହାସଲ କରିପାରି ନ ଥିଲା। ଗୋଲକିପର ସବିତାଙ୍କ ନେତୃତ୍ୱରେ ଭାରତୀୟ ଡିଫେନ୍ସ ଏ ପର୍ଯ୍ୟନ୍ତ ଜବରଦସ୍ତ ପ୍ରଦର୍ଶନ କରିଛି। ଗୁରଜିତ, ଦୀପ୍ ଗ୍ରେସ୍ ଏକ୍କା, ମୋନିକା ଓ ଉଦିତା ସେମିରେ ତାଙ୍କର ଏହି ପ୍ରଦର୍ଶନକୁ ଦୋହରାଇବାର ଆବଶ୍ୟକତା ରହିଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତା'ହେଲେ ଭାରତ ସେମି ଓ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ହାସଲ କରିବ ବୋଲି ଆଶା କରାଯାଇପାରେ।

## ବୁଧବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

**ଆଥ୍‌ଲେଟିକ୍ସ:**
- ପୁରୁଷ ଜାଭେଲିନ୍ ଥ୍ରୋ କ୍ୱାଲିଫିକେଶନ ଗ୍ରୁପ୍ 'ଏ'-ନୀରଜ ଚୋପ୍ରା, ସମୟ: ସକାଳ ୫ଟା ୩୫ ମିନିଟ।
- ପୁରୁଷ ଜାଭେଲିନ ଥ୍ରୋ କ୍ୱାଲିଫିକେଶନ ଗ୍ରୁପ୍ 'ବି'-ଶିବପାଲ୍ ସିଂ, ସମୟ: ସକାଳ ୭ଟା ୫ ମିନିଟ।

**ବକ୍ସିଂ:**
- ମହିଳା ୬୯କେଜି ସେମିଫାଇନାଲ ୧-ଲଭଲିନା ବର୍ଗୋହେନ୍ ବନାମ ବୁସେନାଜ୍ ସୁର୍ମେନେଲି (ତୁର୍କୀ), ସମୟ: ପୂର୍ବାହ୍ନ ୧୧ଟା

**ଗଲ୍ଫ:**
- ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୧-ଆଦିତୀ ଅଶୋକ ଓ ଦୀକ୍ଷା ଡାଗର, ସମୟ: ପ୍ରତ୍ୟୁଷ ୪ଟା।

**ହକି:**
- ମହିଳା ସେମିଫାଇନାଲ-ଭାରତ ବନାମ ଆର୍ଜେଣ୍ଟିନା, ସମୟ: ଅପରାହ୍ନ ୩ଟା ୩୦।

**ରେସ୍‌ଲିଂ:**
- ପୁରୁଷ ଫ୍ରିଷ୍ଟାଇଲ ୫୭କେଜି; ଚତୁର୍ଥ ବାଉଟ୍-ରବି କୁମାର ବନାମ ଓସ୍କାର ଏଡୁଆର୍ଡୋ ଟାଇଗ୍ରେରସ୍ (କଲମ୍ବିଆ), ସମୟ: ସକାଳ ୮ଟା ପରେ ଆରମ୍ଭ।
- ମହିଳା ଫ୍ରିଷ୍ଟାଇଲ ୫୭କେଜି; ୫ମ ବାଉଟ୍ ପରେ-ଅଂଶୁ ମଲିକ ବନାମ ଇରିନା କୁରାଚକିନା (ବେଲାରୁଷ), ସମୟ: ସକାଳ ୮ଟା ପରେ ଆରମ୍ଭ।
- ପୁରୁଷ ଫ୍ରିଷ୍ଟାଇଲ ୮୬କେଜି; ୮ମ ବାଉଟ୍ ପରେ- ଦୀପକ ପୁନିଆ ବନାମ ଏକରେକେମି ଆଗିଓମୋର୍ (ନାଇଜେରିଆ), ସମୟ: ସକାଳ ୮ଟା ପରେ।

# ୱାରହୋମ୍‌ଙ୍କ ନୂଆ ବିଶ୍ୱ ରେକର୍ଡ



କାର୍ଷ୍ଟେନ ୱାରହୋମ୍

**ଟୋକିଓ, ୩।୮ (ଏପି):** ନରୱେର କାର୍ଷ୍ଟେନ ୱାରହୋମ୍ ଟୋକିଓ ଅଲିମ୍ପିକ୍ସ ପୁରୁଷ ୪୦୦ ମିଟର ହର୍ଡଲ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ନିଜ ବିଶ୍ୱରେକର୍ଡକୁ ମଧ୍ୟ ଭଙ୍ଗ କରିଛନ୍ତି। ଦୁଇଥର ବିଶ୍ୱ ଚାମ୍ପିୟନ ଫାଇନାଲରେ ୪୫.୯୪ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ପ୍ରଥମ ୭ ଫିନିଶରଙ୍କ ମଧ୍ୟରୁ ୬ଜଣ ଜାତୀୟ କିମ୍ବା ଏରିଆ ରେକର୍ଡ କରିଛନ୍ତି। ୱାରହୋମ୍ ମାସକ ମଧ୍ୟରେ ଦ୍ୱିତୀୟ ଥର ତାଙ୍କ ରେକର୍ଡ ଟାଇମିଂକୁ ହ୍ରାସ କରିଛନ୍ତି। ପୂର୍ବରୁ ଓସୋଲୋଠାରେ ଜୁଲାଇ ୧ରେ ୪୬.୭୦ ସେକେଣ୍ଡ ଟାଇମିଂ ସହ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ରେ' ବେଞ୍ଜାମିନ ୪୬.୧୭ ସେକେଣ୍ଡ ଟାଇମିଂରେ ରୌପ୍ୟ ଏବଂ ବ୍ରାଜିଲର ଅଲିସନ ଡସ୍ ସାଣ୍ଟୋସ ବ୍ରୋଞ୍ଜ ପାଇଥିଲେ। ମଙ୍ଗଳବାର ଏହା ପୂର୍ବରୁ ଜର୍ମାନୀର ମାଲାଇକା ମିହାମ୍ବୋ ତାଙ୍କ ଫାଇନାଲ ପ୍ରଚେଷ୍ଟାରେ ୭ ମିଟର ଲମ୍ଫ ପ୍ରଦାନ କରି ମହିଳା ଲଙ୍ଗ୍‌ଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ଭେଟେରାନ ବ୍ରିଟନି ରିଜିଙ୍କୁ ପଛରେ ପକାଇ ସେ ଅଲିମ୍ପିକ ସ୍ୱର୍ଣ୍ଣ ଜିତିଥିଲେ। ୨୦୧୯ରେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବିଜୟିନୀ ମିହାମ୍ବୋ ୨୦୧୬ ଅଲିମ୍ପିକ୍ସରେ ୪ର୍ଥ ହୋଇଥିଲେ। ଅନ୍ୟପକ୍ଷରେ ଲଣ୍ଡନରେ ୨୦୧୨ରେ ଟାଇଟଲ ଜିତିଥିବା ୩୪ ବର୍ଷୀୟା ରିଜି ରିଓଡି' ଜେନିରୋ ଓ ଟୋକିଓ ଅଲିମ୍ପିକ୍ସରେ ପଛକୁ ପଛ ଅଲିମ୍ପିକ ରୌପ୍ୟ ପଦକ ଲାଭ କରିଛନ୍ତି। ନାଇଜେରିଆ ଇସେ ବ୍ରୁମି (୬.୯୭ ମିଟର) ବ୍ରୋଞ୍ଜ ପଦକ ପାଇଥିଲେ।

# ପୋଲଭଲ୍ଟ ସ୍ୱର୍ଣ୍ଣ ଜିତିଲେ ଡୁପ୍ଲାଣ୍ଟିସ

**ଟୋକିଓ, ୩।୮(ଏପି):** ଅଲିମ୍ପିକ୍ସର ପୋଲଭଲ୍ଟ ଇଭେଣ୍ଟରେ ସୁଇଡେନର ଆର୍ମଣ୍ଡ ଡୁପ୍ଲାଣ୍ଟିସ ସ୍ୱର୍ଣ୍ଣ ହାସଲ କରିଛନ୍ତି। ୨୧ ବର୍ଷୀୟା ଡୁପ୍ଲାଣ୍ଟିସ ୬.୦୨ ମିଟର କ୍ଲିୟର କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଆମେରିକାର ଖ୍ରିଷ୍ଟୋଫର ନିଲସେନ ବ୍ୟକ୍ତିଗତ ଶ୍ରେଷ୍ଠ(୫.୯୭ ମିଟର) ପ୍ରଦର୍ଶନ କରି ରୌପ୍ୟ ଏବଂ ବ୍ରାଜିଲର ଥିଆଗୋ ବ୍ରାଜ୍ (୫.୮୭ ମିଟର) ବ୍ରୋଞ୍ଜ ପଦକ ପାଇଥିଲେ।

# ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ ଆଜିଠାରୁ

**ନଟିଂହାମ,୩।୮(ପି.ଟି.)**

ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ୫ ମ୍ୟାଚ୍ ବିଶିଷ୍ଟ ହାଇପ୍ରୋଫାଇଲ ଟେଷ୍ଟ ସିରିଜ। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଉଭୟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ସିରିଜରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଦଳ ଚୟନ ନେଇ ଅଧିନାୟକ କୋହଲି ଦ୍ୱନ୍ଦ୍ୱରେ ପଡିବେ।

କିଛିଦିନ ତଳେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ମୁକାବିଲାରେ ଭାରତୀୟ ଦଳ ସାଂଘାତିକ ବିଫଳତାର ସମ୍ମୁଖୀନ ହୋଇ ପରାଜୟ ବରଣ କରିବା ସହ ରନର୍ସଅପ ହୋଇଥିଲା। ଫଳରେ ଶ୍ରେଷ୍ଠ ଦଳ ଚୟନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ସମସ୍ୟାର ସମ୍ମୁଖୀନ ହେବ। ଏକ ସନ୍ତୁଳିତ ଦଳ ଚୟନ ପାଇଁ ଦଳରେ ନିଶ୍ଚିତ ଭାବେ ଅଦଳବଦଳ କରାଯିବ। ଦୁଇ ଓପନର ଚୟନ ନେଇ ସମସ୍ୟା ରହିବ। ରୋହିତ ଶର୍ମାଙ୍କ ସହିତ ପ୍ରତିଭାସମ୍ପନ୍ନ ଲୋକେଶ ରାହୁଲଙ୍କୁ ଓପନିଂ କରିବାର ସୁଯୋଗ ଦିଆଯିବା ନେଇ ନିଷ୍ପତ୍ତି ନିଆଯାଇପାରେ। ଟେଷ୍ଟରେ ରାହୁଲ ୨,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିସାରିଛନ୍ତି। ମୟଙ୍କ ଅଗ୍ରୱାଲ କନକସନର ଶିକାର ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଦଳ ପାଇଁ ଉପଲବ୍ଧ ହେବେ ନାହିଁ। ପୁଣି ଦୁଇଜଣ ସ୍ପିନରଙ୍କୁ ଖେଳାଇବା ନେଇ ପ୍ରଶ୍ନ ଉଠିଛି। ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନ ୨୦୨୦ ମାର୍ଚ୍ଚରେ ତାଙ୍କର ଶେଷ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ତେଣୁ ତାଙ୍କୁ ଖେଳାଇବାର ରିସ୍କ ଭାରତୀୟ ମାନେଜମେଣ୍ଟ ନେବ କି ନା ତାହା ଦେଖିବାକୁ ବାକି ରହିଲା। ହନୁମା ବିହାରୀଙ୍କୁ ମଧ୍ୟ ଦଳରେ ସାମିଲ କରାଯିବା ନିଶ୍ଚିତ ମନେ ହେଉଛି। ଗତ ଅଷ୍ଟ୍ରେଲିଆ ଗସ୍ତରେ ତାଙ୍କ ପ୍ରଦର୍ଶନ ଭଲ ଥିଲା। ବିହାରୀ ମଧ୍ୟ ଉପଯୋଗୀ ସ୍ପିନ ବୋଲିଂ କରିବାରେ ସକ୍ଷମ। ତେଣୁ ସେ ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ ସ୍ପିନ ବିଭାଗର ଦାୟିତ୍ୱରେ ରହିବେ। ସେହିପରି ବୋଲିଂ ଅଲରାଉଣ୍ଡର ସାର୍ଦ୍ଦୁଳ ଠାକୁରଙ୍କୁ ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ବଦଳରେ ଖେଳାଯାଇପାରେ। ଦ୍ରୁତ ବୋଲିଂରେ ମହମ୍ମଦ ସାମି ଓ ଈଶାନ୍ତ ଶର୍ମାଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଯଶପ୍ରୀତ ବୁମ୍‌ରା ୨୦୧୯ରେ ଷ୍ଟ୍ରେସ୍ ଫ୍ରାକ୍‌ଚରର ଶିକାର ହୋଇଥିଲେ ଓ ଗତ ସିରିଜରେ ସେ ସେତେଟା ଚମକ ଦେଖାଇପାରି ନାହାନ୍ତି। ଏପରି ସ୍ଥଳେ ଇନ୍‌ଫର୍ମ ଯୁବ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତାଙ୍କ ପେସ୍ ବଲର ସମ୍ମୁଖୀନ ହୋଇ ମୟଙ୍କ କନକସନର ଶିକାର ହୋଇଛନ୍ତି। ସେ ଭାରତର ଦ୍ରୁତତମ ପେସ୍‌ବୋଲର ଭାବେ ଉଭା ହୋଇଛନ୍ତି। ତେଣୁ ସିରାଜଙ୍କୁ ଆଦୌ ଅଣଦେଖା କରିହେବ ନାହିଁ।

ମେଘୁଆ ପାଗ ତଥା ଓଭରକାଷ୍ଟ କଣ୍ଡିସନରେ ଦ୍ରୁତ ବୋଲରଙ୍କୁ ଅଣଦେଖା କରିହେବନାହିଁ। ଅନ୍ୟପଟେ ଜାଡେଜାଙ୍କ ନିକଟରେ ବ୍ୟାଟିଂ କରିବାର କ୍ଷମତା ରହିଛି। ତେଣୁ ଜାଡେଜାଙ୍କୁ ମଧ୍ୟ ଅଣଦେଖା କରିହେବ ନାହିଁ। ଗତ ଫାଷ୍ଟକ୍ଲାସ ଗେମ୍‌ରେ ରାହୁଲ ଶତକ ହାସଲ କରି ନିଜ ଫର୍ମର ସୂଚନା ଦେଇଥିଲେ। ଇଣ୍ଟ୍ରା ସ୍କ୍ୱାଡ ମ୍ୟାଚ୍‌ରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିଥିଲେ। ଘରୋଇ ପରିବେଶରେ ସ୍ପିନ ଫ୍ରେଣ୍ଡଲି ପିଚ୍‌ରେ ଭାରତ ବେଶ୍ ଶକ୍ତିଶାଳୀ ମନେହୁଏ ଓ ଯେକୌଣସି ଦଳକୁ ହରାଇବାର କ୍ଷମତା ରଖେ। କିନ୍ତୁ ଇଂଲଣ୍ଡ ମାଟିରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଇଂଲଣ୍ଡରେ ଗତ ୩ଟି ଗସ୍ତରେ ଭାରତ ୧୪ଟି ଟେଷ୍ଟରୁ ୧୧ଟିରେ ପରାସ୍ତ ହୋଇଛି। ଦୁଇଟି ଗସ୍ତରେ ମହେନ୍ଦ୍ର ସିଂ ଧୋନୀ ଭାରତର ନେତୃତ୍ୱ ନେଇଥିଲେ। ୨୦୧୪ ଗସ୍ତରେ କୋହଲି ସାମିଲ ଥିଲେ। ଏହି ଗସ୍ତରେ ଭାରତ ୧-୩ରେ ପରାସ୍ତ ହୋଇଥିଲା ଓ କୋହଲିଙ୍କ ପ୍ରଦର୍ଶନ ଖରାପ ଥିଲା। ୨୦୧୮ରେ କୋହଲିଙ୍କ ନେତୃତ୍ୱରେ ଭାରତ ଇଂଲଣ୍ଡ ଗସ୍ତ କରି ୧-୪ରେ ସରିଜ ହାତଛଡ଼ା କରିଥିଲା। ଏହି ଗସ୍ତରେ କୋହଲି ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଦଳର ଦୁର୍ବଳ ଚୟନକୁ ପରାଜୟ ପାଇଁ ଦାୟୀ କରାଯାଇଥିଲା।

ଅପରପକ୍ଷରେ ଇଂଲଣ୍ଡ ଦଳରେ ବିଶ୍ୱସ୍ତରୀୟ ଉଚ୍ଚକୋଟୀର ବୋଲର ରହିଛନ୍ତି। ଅଭିଜ୍ଞ ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ, ମାର୍କ ଉଡ, ଓଲି ରବିନ୍‌ଶନ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଟ୍ରେଣ୍ଟ ବ୍ରିଜ୍‌ର ଘାସୁଆ ପିଚ୍‌ରେ ଭାରତୀୟ ଟପ ଅର୍ଡର ପରୀକ୍ଷାର ସମ୍ମୁଖୀନ ହେବେ। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ଏହି ସିରିଜରେ ଅଧିକ କିଛି କରି ଦେଖାଇବାକୁ ହେବ।

ମାନସିକ ଅବସାଦ କାରଣରୁ ବେନ୍ ଷ୍ଟୋକ୍ସ ବାଦ୍ ପଡିଛନ୍ତି। ଫଳରେ ଅଧିନାୟକ ଜୋ ରୁଟ୍‌ଙ୍କ ପାଇଁ ସମସ୍ୟା ରହିଛି। ରୋରି ବର୍ନ୍ସ, ଡମ୍ ସିବଲି, ଡାନ ଲରେନ୍ସ, ଜ୍ୟାକ କ୍ରଲି, ଓଲି ପୋପ୍‌ଙ୍କୁ ନେଇ ଇଂଲଣ୍ଡ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଛି। ଅଶ୍ୱିନ ଓ ସାମିଙ୍କୁ ଏହି ବ୍ୟାଟ୍ସମ୍ୟାନମାନେ କିପରି ସମ୍ମୁଖୀନ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ରୁଟ୍ ଓ ଜୋଶ ବଟଲରଙ୍କ ଭଳି ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣକୁ ଆଣିବା ଭାରତୀୟ ବୋଲରଙ୍କ ପାଇଁ ନିହାତି ଆବଶ୍ୟକ।



ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଭାରତୀୟ ଦଳର ଅଭ୍ୟାସ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା, ମହମ୍ମଦ ସାମି, ମହମ୍ମଦ ସିରାଜ, ସାର୍ଦ୍ଦୁଳ ଠାକୁର, ଉମେଶ ଯାଦବ, ଲୋକେଶ ରାହୁଲ, ରିଦ୍ଧିମାନ ଶାହା (ଉଇକେଟକିପର), ଅଭିମନ୍ୟୁ ଈଶ୍ୱରନ, ପୃଥ୍ୱୀ ଶ ଓ ସୂର୍ଯ୍ୟକୁମାର ଯାଦବ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜେମ୍ସ ଆଣ୍ଡରସନ, ଜନି ବେୟାରଷ୍ଟୋ, ଡୋମ୍ ବେସ, ଷ୍ଟୁଆର୍ଟ ବ୍ରଡ, ରୋରି ବର୍ନ୍ସ, ଜୋସ ବଟଲର, ଜ୍ୟାକ କ୍ରଲି, ସାମ କୁରାନ, ହାସିବ ହମିଦ, ଡାନ ଲରେନ୍ସ, ଜ୍ୟାକ ଲିଚ୍, ଓଲି ପୋପ, ଓଲି ରବିନସନ, ଡମ ସିବଲି ଓ ମାର୍କ ଉଡ।

**ମାଚ୍ ଆରମ୍ଭ: ଅପରାହ୍ନ ୩.୩୦, ସ୍ଥାନ: ନଟିଂହାମ**
**ସିଧା ପ୍ରସାରଣ: ସୋନୀ ଟେନ୍**

# ପ୍ରତୀକ୍ଷାର ଅନ୍ତ

**ଭିଭିଏସ୍ ଲକ୍ଷ୍ମଣ**

ପ୍ରସ୍ତୁତି ସରିଛି। ପ୍ରତୀକ୍ଷାର ଅନ୍ତ ଘଟିଛି। ବୁଧବାର ଟ୍ରେଣ୍ଟବ୍ରିଜ୍‌ଠାରେ ଇଂଲଣ୍ଡ ଓ ଭାରତ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ଟେଷ୍ଟ ସିରିଜ। ଭାରତ ଫେଭରାଇଟ୍ ଭାବେ ପଡ଼ିଆକୁ ଓହ୍ଲାଇବ। ଏହାକୁ ଯଥାର୍ଥ ବୋଲି ପ୍ରମାଣ କରି ଦେଖାଇବାକୁ ହେବ। ସେମାନଙ୍କୁ ପୂରା ସାମର୍ଥ୍ୟ ଅନୁସାରେ ବ୍ୟାଟିଂ କରିବାକୁ ପଡ଼ିବ। ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର ଓ କ୍ରିସ୍ ଓକ୍ସଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଘରୋଇ ଦଳର ପେସ୍ ଆଟାକ୍ ବେଶ୍ ଶକ୍ତିଶାଳୀ। ବିରାଟ କୋହଲି, ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରା ପୂର୍ବରୁ ଏକାଧିକ ଥର ଇଂଲଣ୍ଡ ଟୁର୍ କରିଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ରାହାନେ ଓ ପୂଜାରା ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ସେମାନଙ୍କ ଆଭରେଜ ୩୦ରୁ କମ୍ ରହିଛି। ତେବେ ଭାରତର ବ୍ୟାଟିଂ ଗ୍ରୁପ୍ ଇଂଲଣ୍ଡ ତୁଳନାରେ ଅଧିକ ଅଭିଜ୍ଞ। ଘରୋଇ ଦଳ ବର୍ତ୍ତମାନ ପରିସ୍ଥିତିରେ ଜୋ ରୁଟ୍‌ଙ୍କ ପ୍ରଦର୍ଶନ ଉପରେ ଅଧିକ ନିର୍ଭରଶୀଳ ରହିବ। ଗ୍ରୀଷ୍ମଋତୁର ପ୍ରାରମ୍ଭରେ ଇଂଲଣ୍ଡର ବ୍ୟାଟିଂ ଦୁର୍ବଳତାକୁ ପଦାରେ ପକାଇଥିଲା ଭ୍ରମଣକାରୀ ନ୍ୟୁଜିଲାଣ୍ଡ। ଭାରତୀୟ ବୋଲିଂ ବାହିନୀ ଯଦି ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନଙ୍କୁ କବଳିତ କରିପାରିବ ତେବେ ଭ୍ରମଣକାରୀ ଦଳ ୨୦୦୭ ପରେ କାହିଁକି ଅବା ପ୍ରଥମ ସିରିଜ ବିଜୟ ହାସଲ କରି ନ ପାରିବ। ସିରିଜ ଆରମ୍ଭ ହେବା ପୂର୍ବରୁ ଦୁର୍ଭାଗ୍ୟଜନକ ଭାବେ ମୟଙ୍କ ଅଗ୍ରୱାଲ ଆହତ ହୋଇଛନ୍ତି। ମୋ ମତରେ ବର୍ତ୍ତମାନ ରୋହିତ ଶର୍ମାଙ୍କ ସହ କେ.ଏଲ. ରାହୁଲ ବ୍ୟାଟିଂ ଓପନ କରିବା ଉଚିତ। ଏହି ବ୍ୟାଟ୍ସମ୍ୟାନ ଅତୀତରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଶତକ ହାସଲ କରିଛନ୍ତି। ତାଙ୍କୁ କାହିଁକି ଅବା ଏହି ସ୍ଥାନରେ ବ୍ୟାଟିଂ ଦିଆଯାଉ ନାହିଁ ମୁଁ ବୁଝିପାରୁନାହିଁ। ଟିମ୍ ମ୍ୟାନେଜମେଣ୍ଟ ଖେଳାଳିମାନଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ଭୂମିକା ଏବଂ ସେମାନେ କ'ଣ ଆଶା କରୁଛନ୍ତି ତାହା ଜାଣିବ ଉଚିତ। ଭାରତକୁ ବୁଝିବିଚାରି ସେମାନଙ୍କ ବୋଲିଂ ଆଟାକ୍ ନିରୂପଣ କରିବାକୁ ହେବ। ମୋ ମତରେ ପେସ୍ ଆଟାକ୍‌ରେ ଈଶାନ୍ତ ଶର୍ମା, ମହମ୍ମଦ ଶାମି ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ରଖିବା ଉଚିତ। ରବୀନ୍ଦ୍ର ଜାଡେଜା ଓ ଆର. ଅଶ୍ୱିନୀ ସ୍ପିନ୍ ବୋଲିଂ ଭୂମିକା ନିର୍ବାହ କରିବା ଉଚିତ। ଅଶ୍ୱିନ ଇତିମଧ୍ୟରେ ୫ଟେଷ୍ଟ ଶତକ ହାସଲ କରିସାରିଲେଣି। ସେ ୮ମ ସ୍ଥାନରେ ବ୍ୟାଟିଂକୁ ଆଗେଇ ନେଇ ପାରିବେ। ହେଲେ ଭାରତ ତାଙ୍କ ବଦଳରେ ମହମ୍ମଦ ସିରାଜ କିମ୍ବା ବ୍ୟାଟିଂ ଲାଇନ୍ ଅପ୍‌କୁ ଅଧିକ ସୁଦୃଢ଼ କରିବା ଲାଗି ହନୁମା ବିହାରୀଙ୍କୁ ସାମିଲ କରିପାରେ। ଇଂଲଣ୍ଡ ଟପ୍ ଅର୍ଡର ବ୍ୟାଟିଂରେ ଦୁର୍ବଳତା ରହିଛି। ଷ୍ଟୋକ୍ସ ଓହରିଯିବା ପରେ ଏହା ଆହୁରି ଦୁର୍ବଳ ହୋଇ ପଡ଼ିଛି। ରୁଟ୍ ଜଣେ ଚମତ୍କାର ଖେଳାଳି। ହେଲେ ସେ ଏକାକୀ ସବୁକିଛି କରିପାରିବେ ନାହିଁ। ଅନ୍ୟ ଅଧିକାଂଶ ବ୍ୟାଟ୍ସମ୍ୟାନ ଦଳରେ ସେମାନଙ୍କ ସ୍ଥାନ ପାଇଁ ଖେଳୁଛନ୍ତି। ଟେଷ୍ଟ କ୍ରିକେଟରେ ଅନ୍ୟତମ ଶକ୍ତିଶାଳୀ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ନିଜର ପରିଚୟ ସୃଷ୍ଟି କରିବା ଲାଗି ସେମାନଙ୍କ ପାଇଁ ଏହା ଏକ ସୁଯୋଗ।

-(ଗେମ୍‌ପ୍ଲାନ)




# ପାରାଲିମ୍ପିଆନ ନରେଶଙ୍କୁ ମନାକଲା ଟୋକିଓ

**ନୂଆଦିଲ୍ଲୀ,୩।୮(ପି.ଟି.):** ଅର୍ଜୁନ ପୁରସ୍କାର ବିଜେତା ତଥା ୫ଥର ପାରାଲିମ୍ପିଆନ ଶୁଟର ନରେଶ କୁମାର ଶର୍ମାଙ୍କୁ ଅତିରିକ୍ତ ଆଥଲେଟ ଭାବେ ପ୍ରତିଯୋଗିତାରେ ଭାଗ ନେବାକୁ ମନା କଲା ଆୟୋଜକ ଟୋକିଓ। ଜାପାନରେ ଅଗଷ୍ଟ ୨୪ରୁ ହେବାକୁଥିବା ପାରାଲିମ୍ପିକ୍ସରେ ଜଣେ ଅତିରିକ୍ତ ପ୍ରତିଯୋଗୀ ଭାବେ ଅଂଶଗ୍ରହଣର ବ୍ୟବସ୍ଥା ଲାଗି ସୁପ୍ରିମକୋର୍ଟ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ୫୦ମିଟର ପାରା ଶୁଟର କାଟେଗୋରିରେ ୮ ପୁରୁଷ ଓ ଦୁଇ ମହିଳା ଅଂଶଗ୍ରହଣର ବ୍ୟବସ୍ଥା ଥିବାରୁ ଅତିରିକ୍ତ ପ୍ରତିଯୋଗୀଙ୍କୁ ସ୍ଥାନ ଦିଆଯାଇ ପାରିବ ନାହିଁ ବୋଲି ଆୟୋଜକ ସ୍ପଷ୍ଟ କରିଛନ୍ତି।

# ଅଂଶୁମାନ ଚାମ୍ପିୟନ, ସୌମ୍ୟ ରନର୍ସଅପ୍



ଅଂଶୁମାନ ସାମଲ

**ଭୁବନେଶ୍ୱର, ୩।୮(କ୍ରୀଡ଼ା ପ୍ରତିନିଧି)**

**ଅନ୍‌ଲାଇନ ରାଜ୍ୟ ଓପନ ଚେସ୍**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ ଓପନ ଚେସ୍ ପ୍ରତିଯୋଗିତାରେ ଅଂଶୁମାନ ସାମଲ ଚାମ୍ପିୟନ ଏବଂ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସଅପ୍ ହୋଇଛନ୍ତି। ହର୍ଷିତ ରଞ୍ଜନ ସାହୁ, ରବୀନ୍ଦ୍ର କୁମାର ଓଝା, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଆରିନ ଅନ୍ୱେଷ ସ୍ୱାଇଁ, ମୃତ୍ୟୁଞ୍ଜୟ ମଣ୍ଡଳ, ଜିତେନ୍ଦ୍ର କୁମାର ଦାସ, ବୋରହାନ ଅଲୀ ମୋଲା ଓ ସୂର୍ଯ୍ୟମିତ୍ର ସେନ୍ ଟପ୍-୧୦ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଦିତ୍ୟ ଜେନା, ସାଇ ଶ୍ରୀହନ, ସାଇ ଶକ୍ତି ପଣ୍ଡା, ସିଦ୍ଧାର୍ଥ ମିଶ୍ର, ବିକାଶ କୁମାର ଲେଙ୍କା, ବିଭୋର ଅଦକ, ସାହାନା ଲେଙ୍କା, ଅଦଭିକା ଦାସ ଏବଂ ଭେଟେରାନ ଖେଳାଳି ଭୀମସେନ ପ୍ରଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଗୁଗୁଲ୍ ମିଟ୍‌ରେ ଉଦ୍‌ଘାଟିତ ପ୍ରତିଯୋଗିତାରେ ଏମ୍‌ଆରପି ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ମନୋରଞ୍ଜନ ପଣ୍ଡା ମୁଖ୍ୟଅତିଥି ଏବଂ ରାଜ୍ୟ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ଏବଂ ସଂଯୋଜକ ପ୍ରଭାତ ନାଥ ମ୍ୟାଚ ପରିଚାଳନା କରିଥିଲେ।

# ପ୍ରତ୍ୟାବର୍ତ୍ତନରେ ସିନ୍ଧୁଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ନୂଆଦିଲ୍ଲୀ,୩।୮**

ପ୍ରଥମ ଭାରତୀୟ ମହିଳା ଭାବେ ଦୁଇଟି ଅଲିମ୍ପିକ୍ ପଦକ ହାସଲ କରିଥିବା ପି.ଭି. ସିନ୍ଧୁ ମଙ୍ଗଳବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟୋକିଓରୁ ଭାରତ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୨୦୧୬ ରିଓ ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ସିନ୍ଧୁ ଏଥର ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି।

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଏୟାରପୋର୍ଟ ଷ୍ଟାଫ୍ ତାଙ୍କୁ ସ୍ୱାଗତ କରିଥିଲେ। ସେ ମାସ୍କ ପିନ୍ଧି ସୁରକ୍ଷାକର୍ମୀଙ୍କ ଗହଣରେ ବିମାନ ବନ୍ଦର ବାହାରକୁ ଆସିଥିଲେ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ସାଧାରଣ ସମ୍ପାଦକ ଅଜୟ ସିଙ୍ଘାଣିଆ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଅନ୍ୟ ଅଧିକାରୀମାନେ ତାଙ୍କୁ ପାଛୋଟି ନେଇଥିଲେ। ସିନ୍ଧୁ ଓ ତାଙ୍କ କୋରିଆ କୋଚ୍ ପାର୍କ ସାଏ- ସାଙ୍ଗଙ୍କୁ ସିଙ୍ଘାଣିଆ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସିନ୍ଧୁଙ୍କୁ ଦେଖିବା ପାଇଁ ଭିଡ ଜମିଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନାରେ ସିନ୍ଧୁ ବେଶ୍ ଆନନ୍ଦିତ ହୋଇଥିଲେ। ଏହା ମୋ ପାଇଁ ଏକ ଖୁସିର ମୁହୂର୍ତ୍ତ। ବିଏଆଇ ଓ ସାଇ ନିକଟରେ କୃତଜ୍ଞ। ମୋତେ ସମର୍ଥନ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସିନ୍ଧୁ କହିଛନ୍ତି। ୨୬ ବର୍ଷୀୟା ସିନ୍ଧୁ ବ୍ରୋଞ୍ଜ ପଦକ ପାଇଁ ରବିବାର ଖେଳାଯାଇଥିବା ମୁକାବିଲାରେ ଚାଇନାର ହେ ବିଙ୍ଗ ଜିଆଙ୍କୁ ଭେଟିଥିଲେ ଓ ତାଙ୍କୁ ହରାଇଥିଲେ।

ନୂଆଦିଲ୍ଲୀରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ସିନ୍ଧୁ ଓ ତାଙ୍କ କୋଚ୍ ପାର୍କଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନୀତୀଶ ପାରମାଣିକ ଉପସ୍ଥିତ ଥିଲେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସିନ୍ଧୁ ଦେଶର ଜଣେ ସ୍ପୋର୍ଟିଂ ଆଇକନ ବୋଲି ସେ କହିଥିଲେ। ସିନ୍ଧୁ ଦେଶର ସର୍ବଶ୍ରେଷ୍ଠ ଅଲିମ୍ପିଆନ ବୋଲି ଠାକୁର ଅଭିହିତ କରିଛନ୍ତି। କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ପଦକ ହାସଲ କରି ସିନ୍ଧୁ ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ ବନିଯାଇଛନ୍ତି ବୋଲି ସେ କହିଛନ୍ତି।




ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ପ୍ରଦର୍ଶନ କରୁଛନ୍ତି ପି.ଭି. ସିନ୍ଧୁ।

# ବ୍ରୋଞ୍ଜ୍ ଜିତିଲେ ବାଇଲ୍ସ

**ଟୋକିଓ, ୩।୮ (ଏପି)**

ଆମେରିକାନ ଜିମ୍ନାଷ୍ଟିକ୍ସ ସୁପରଷ୍ଟାର ସିମୋନ ବାଇଲ୍ସ ମଙ୍ଗଳବାର ଅନୁଷ୍ଠିତ ବାଲାନ୍ସ ବିମ୍ ଫାଇନାଲରେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଟୋକିଓ ଗେମ୍ସରେ ଏହା ଦ୍ୱିତୀୟ ଏବଂ ଅଲିମ୍ପିକ୍ସରେ ଏହା ତାଙ୍କର ୭ମ ପଦକ। ସୂଚନାଯୋଗ୍ୟ, ପ୍ରଦର୍ଶନ ବେଳେ ସେ ଟ୍ୱିଷ୍ଟ କରି ନ ପାରିବା ପରେ ତାଙ୍କର ମାନସିକ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ସେ ବହୁ ପ୍ରତିଯୋଗିତାରୁ ଓହରିଯାଇଥିଲେ। ଏକ ସପ୍ତାହ ପରେ ସେ ପୁଣି ପ୍ରତିଯୋଗିତାକୁ ଫେରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବ୍ୟାକ୍ ମଧ୍ୟ ଉପସ୍ଥିତ ଥିଲେ। ୫ ବର୍ଷ ପୂର୍ବେ ରିଓ ଡି' ଜେନିରୋରେ ମଧ୍ୟ ବାଇଲ୍ସ ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଅଲିମ୍ପିକ୍ସ ଜିମ୍ନାଷ୍ଟିକ୍ସରେ ଏପର୍ଯ୍ୟନ୍ତ ୭ଟି ପଦକ ଜିତିବା ପରେ ବାଇଲ୍ସ ଆମେରିକାନ ଜିମ୍ନାଷ୍ଟ ଶାନନ ମିଲରଙ୍କ ରେକର୍ଡ ସମକକ୍ଷ ହୋଇ ପାରିଛନ୍ତି। ବାଇଲ୍ସ ଏକ ଡବଲ-ପାଇକ୍ ଡିସ୍‌ମାଉଣ୍ଟ ବ୍ୟବହାର କରିବା ଦ୍ୱାରା ତାଙ୍କୁ ଟ୍ୱିଷ୍ଟିଂ କରିବାକୁ ଆବଶ୍ୟକ ପଡ଼ି ନ ଥିଲା। ସେ ୧୪.୦୦୦ ପଏଣ୍ଟ ସ୍କୋର କରିଥିଲେ। ଚାଇନାର ଦୁଇ ପ୍ରତିଯୋଗୀ ସ୍ୱର୍ଣ୍ଣ ବିଜୟିନୀ ଗୁଆନ ଚେନ୍‌ଚେନ୍ (୧୪.୬୩୩) ଏବଂ ତାଙ୍ଗ୍ ଜିଜିଙ୍ଗ୍ (୧୪.୨୩୩)ଙ୍କ ପଛକୁ ବ୍ରୋଞ୍ଜ ଜିତିଥିଲେ। ବାଇଲ୍ସ କହିଛନ୍ତି, ସେ ସାମାନ୍ୟ ନର୍ଭସ ଅନୁଭବ କରିଥିଲେ, ମାତ୍ର ତାଙ୍କ ପ୍ରଦର୍ଶନ ନେଇ ସେ ସନ୍ତୁଷ୍ଟ।

# ତୁର୍, ଅନୁ ରାଣୀ ବିଫଳ

**ଟୋକିଓ, ୩।୮(ପି.ଟି.)**

ଶଟ୍ ପୁଟର ତାଜିନ୍ଦର ପାଲ୍ ସିଂ ତୁର ଓ ଜାଭେଲିନ ଥ୍ରୋୟର ଅନୁ ରାଣୀ ଟୋକିଓ ଅଲିମ୍ପିକ୍ସରେ ନିଜ ନିଜ ଇଭେଣ୍ଟର ଫାଇନାଲ୍ସ ପ୍ରବେଶରେ ବିଫଳ ହୋଇଛନ୍ତି। ୨୬ ବର୍ଷୀୟ ତୁର୍ ନୈରାଶ୍ୟଜନକ ପ୍ରଦର୍ଶନ କରି ସର୍ବାଧିକ ୧୯.୯୯ ମିଟର ଥ୍ରୋ କରିଥିଲେ।

ମହିଳା ଜାଭେଲିନ ଥ୍ରୋରେ ଜାତୀୟ ରେକର୍ଡଧାରୀ ରାଣୀ ନିଜ ତୃତୀୟ ଉଦ୍ୟମରେ ସର୍ବାଧିକ ୫୪.୦୪ ମିଟର ଥ୍ରୋ କରି ପାରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅଗଷ୍ଟ, ୨୦୨୧



**ବୃଷବନ୍ଧ ପାହାଡ଼ରେ ଚଢ଼ାଉ, ୬ ଅଟକ**

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.): ଟାଙ୍ଗୀ ତହସିଲ ଓ ପୋଲିସ ସୋମବାର ରାତିରେ ବୃଷବନ୍ଧ ପାହାଡ଼ରେ ଚଢ଼ାଉ କରି ଗୋଟିଏ ପୋକଲିନ ମେସିନ, ୨ଟି କମ୍ପ୍ରେସର ଟ୍ରାକ୍ଟର ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଅଟକ ରଖାଯାଇଛି। ସୂଚନା ମୁତାବକ, ଖଣି ମାଫିଆମାନେ ବେଆଇନ ଭାବେ ବୃଷବନ୍ଧ ପାହାଡ଼ରୁ କଳାମୁଗୁନି ପଥର ଚୋରାଚାଲାଣ କରୁଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଆସୁଥିଲେ। ତହସିଲଦାର ସ୍ମିତିରଞ୍ଜନ ଶତପଥୀ ଓ ଆଇଆଇସି ବିଜୟ କୁମାର ମଲ୍ଲିକ ସୋମବାର ଚଢ଼ାଉ କରି ୬ଜଣଙ୍କୁ ଅଟକ ରଖିଛନ୍ତି। ଏହି ଚଢ଼ାଉ ଫଳରେ ଚୋରା ଚାଲାଣକାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

## ସଂକ୍ଷେପରେ

### ଜାଗୁଳିପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

**ଖୋର୍ଦ୍ଧା ଅଫିସ,୩।୮:** ଖୋର୍ଦ୍ଧା ବ୍ଲକ ନାଳିପଡା ଅର୍ଜୁନପୁର ପଞ୍ଚାୟତ ଅଧୀନ ତରତୁଆ ରାଜସ୍ୱ ଗ୍ରାମର ପଡ଼ାଗ୍ରାମ ଜାଗୁଳିପାଟଣା ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଲାଗି ମଙ୍ଗଳବାର ଏକାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ପଡ଼ାଗ୍ରାମ ରାଜସ୍ୱ ଗ୍ରାମଠାରୁ ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ। ଏହି ଗ୍ରାମରେ ୨ଟି ୱାର୍ଡ ରହିଛି। ଜନସଂଖ୍ୟା ୧୧ଶହରୁ ଉର୍ଦ୍ଧ୍ୱ। ନିକଟରେ କେତେଜଣ ଗ୍ରାମବାସୀଙ୍କୁ ମିଳିଥିବା ଘରବାରି ପଟ୍ଟାରେ ଖତିୟାନ ଜାଗୁଳିପାଟଣା ବୋଲି ଉଲ୍ଲେଖ ରହିଛି। ଏହି ଗ୍ରାମ ନାମରେ ବିଦ୍ୟାଳୟ ଏବଂ ଖେଳପଡିଆ ରହିଛି। ଏଥିସହ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ଚିଠି ନଂ. ୭୯୮୫/ତା.୨୦.୧୧.୨୦୧୮ ପ୍ରକାରେ ଏହି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ। ନିକଟରେ ରାଜ୍ୟ ସରକାର କେତେକ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ଲାଗି ଘୋଷଣା କରିଛନ୍ତି। ଏହି ପ୍ରେରିପ୍ରେକ୍ଷୀରେ ଜାଗୁଳିପାଟଣାର ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱଗ୍ରାମ ମାନ୍ୟତା ଦେବା ଲାଗି ଦାବିରେ ଉଲ୍ଲେଖ ରହିଛି।

### ବଟି ମାଗି ୨ ଗିରଫ

**ପୁରୀ ଅଫିସ,୩।୮:** ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ମଙ୍ଗଳବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ପିକେରାଟି କଲୋନୀର ମହମ୍ମଦ ସଫିକ୍ ଏବଂ ଟାଉନ ଥାନା ସୁଆର ସାହିର ଶଶିକାନ୍ତ ପାଢ଼ୀ। ପୋଲିସ ସେମାନଙ୍କଠାରୁ ଗୋଟିଏ ଲୁହା ରଡ୍ ଏବଂ ଗୋଟିଏ ଷ୍ଟିଲ୍ ଛୁରି ଜବତ କରିଛି। ଏ ନେଇ ପୋଲିସ ନଂ.୨୦୯/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ନରେନ୍ଦ୍ର କୋଣ ନିକଟ ଚନ୍ଦନ ଚକଡାରେ କେତେଜଣ ଯୁବକ ଏକାଠି ହୋଇ ଖଣ୍ଡା, ଭୁଜାଲି ଏବଂ ଛୁରି ଦେଖାଇ ସ୍ଥାନୀୟ ଲୋକ ଓ ଯାତ୍ରୀମାନଙ୍କ ଠାରୁ ବଟି ଆଦାୟ କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ଟାଉନ ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ ସେଠାରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଆଇନଜୀବୀଙ୍କୁ ଆକ୍ରମଣ କରି ଜଣେ ଗିରଫ

**ଡେଲାଙ୍ଗ,୩।୮(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ଓକିଲଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ କୁଆପଦା ଗ୍ରାମର ଶଶାଙ୍କ ହରିଚନ୍ଦନ। ଏ ନେଇ ଥାନରେ ଏକ ମାମଲା (ନଂ.୧୭୪/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ଗତ ୧ ତାରିଖ ସନ୍ଧ୍ୟାରେ ମୋଟରୀ ରେଳବାଇ ଫାଟକ ବନ୍ଦଥିବା ବେଳେ ଶଶାଙ୍କ ରେଳବାଇ ଗେଟମ୍ୟାନଙ୍କୁ ଗେଟ ବନ୍ଦ ହୋଇଥିବା ନେଇ ଗାଳି କରିଥିଲେ। ସେ ସମୟରେ ପୁରୀ କୋର୍ଟରେ କାମ କରୁଥିବା ଓକିଲ ପ୍ରଶାନ୍ତ କୁମାର ରଣା ଓ ତାଙ୍କ ସହଯୋଗୀ ସେଠାରେ ଗେଟ ବନ୍ଦଥିବା ଯୋଗୁ ଅଟକି ରହିଥିଲେ। ଶଶାଙ୍କ ଗାଳି ଶୁଣି ଓକିଲ ପ୍ରଶାନ୍ତ ଓ ତାଙ୍କ ସାଥି ଏମିତି ଜଣେ ସରକାରୀ କର୍ମଚାରୀଙ୍କୁ ଗାଳିମନ୍ଦ କରିବା ଅନୁଚିତ ବୋଲି ଉଭୟ କଥାବାର୍ତ୍ତା ହେଉଥିଲେ। ଶଶାଙ୍କ ଏହା ଶୁଣି ଓକିଲ ଓ ତାଙ୍କ ସହେଯାଗୀଙ୍କ ସହ ପାଟିତୁଣ୍ଡ କରି ମାଡ଼ ମାରିଥିଲେ। ପରେ ଏ ନେଇ ଓକିଲ ପ୍ରଶାନ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ମୁତାବକ ପୋଲିସ ଶଶାଙ୍କଙ୍କୁ ଗିରଫ କରିଥିଲା।

### ପଞ୍ଚୁକୋଶୀ ବ୍ରାହ୍ମଣ ସମାଜର ସମୀକ୍ଷା ବୈଠକ

**ପୁରୀ ଅଫିସ,୩।୮:** ଓଡ଼ିଶା ବ୍ରାହ୍ମଣ ସମାଜ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପକ୍ଷରୁ ପୁରୀ ପଞ୍ଚୁକୋଶୀ ବ୍ରାହ୍ମଣ ସମାଜର ପଦାଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଆଚାର୍ଯ୍ୟ ରତିକାନ୍ତ ଦାଶଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ପଞ୍ଚୁକୋଶୀ ବ୍ରାହ୍ମଣ ସମାଜଙ୍କ ବସିବା ପାଇଁ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ମର୍ଯ୍ୟାଦାଜନକ ସ୍ଥାନ ପାଇଁ ମତପ୍ରକାଶ ପାଇଥିଲା। ସେହିପରି ବ୍ରାହ୍ମଣ ସମାଜ ପୂର୍ବରୁ କରିଥିବା ଦାବିଗୁଡ଼ିକ ଉପରେ ଆଲୋଚନା ହୋଇ ପୁନର୍ବାର ସରକାରଙ୍କୁ ଅବଗତ କରାଇବା ନିମନ୍ତେ ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖାଯିବ ବୋଲି ନିଷ୍ପତ୍ତି ହୋଇଛି। ପୁରୀ ପଞ୍ଚୁକୋଶୀ ବ୍ରାହ୍ମଣଙ୍କର ଏକମାତ୍ର ଜୀବିକା ହେଉଛି ଶ୍ରୀମନ୍ଦିର ସଂଲଗ୍ନ କାର୍ଯ୍ୟ ତଥା ଶ୍ରାଦ୍ଧ, ପିଣ୍ଡ ଦାନ, ପ୍ରାୟଶ୍ଚିତ ଆଦି ମୁଖ୍ୟ କର୍ମ। କରୋନା ପାଇଁ ମନ୍ଦିର ବନ୍ଦ ତଥା ଧର୍ମ କର୍ମ ବନ୍ଦ ଯୋଗୁ ବ୍ରାହ୍ମଣ ପରିବାରରେ ଉତ୍କଟ ଦାରିଦ୍ର୍ୟ ଦେଖାଦେଲାଣି। ପରିବାର ଭରଣପୋଷଣ କରିବାରେ ଏବେ ପୁରୀ ପଞ୍ଚୁକୋଶୀ ବ୍ରାହ୍ମଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ନେଦେଲେ ଓଡ଼ିଶା ବ୍ରାହ୍ମଣ ସମାଜ ଆଗକୁ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ନିଷ୍ପତ୍ତି ହୋଇଛି।

# ସଙ୍ଗଠନରେ ସାମିଲ ଲାଗି ବାଧ୍ୟ କରୁଥିଲେ

**ଆଦିବାସୀ ଯୁବକଙ୍କୁ ହତ୍ୟା ପରେ ପୋଡ଼ି ଘଟଣା**

- ୬ ଗିରଫ: ଲାଠି, ହାଡ଼ ଓ ପାଉଁଶ ଜବତ
- ମୃତକଙ୍କ ପରିବାରକୁ ସୁରକ୍ଷା ଦାବି


ମୃତ ସତ୍ୟ ନାୟକ।

ବେଗୁନିଆ,୩।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ମାନପୁର ଗ୍ରାମର ଜଣେ ଆଦିବାସୀ ଯୁବକଙ୍କୁ ହତ୍ୟା ପରେ ପୋଡ଼ିଦେବା ଘଟଣାରେ ପୋଲିସ ମଙ୍ଗଳବାର ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ମାନପୁର ଗାଁର ସ୍ୱପ୍ନେଶ୍ୱର ନାୟକ, ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କରଡ଼ଗାଡିଆର ଟୁଲୁ ବେହେରା, ପୁରୀ ଜିଲା ନିମାପଡ଼ା ଥାନା ତଳକଁଅରାର ଶ୍ୟାମଘନ ନାୟକ ଓ ପିପିଲି ଥାନା ଜୁନାପଡ଼ିଆର ବୈକୁଣ୍ଠ ନାୟକ, ଅନୁଗୋଳ ଜିଲା ତାଳଚେର ଥାନା ବାଲିଯୋଡ଼ିର ଯୋଗେଶ୍ୱର ନାୟକ, ଖୋର୍ଦ୍ଧା ଥାନା ହଳଦିପଦାର ବିଜୟ ନାୟକ। ଏନେଇ ଥାନାରେ ଏକ ମାମଲା (ନଂ.୧୪୯/୨୧)ରୁଜୁ ହୋଇଛି। ଏକ ମାନବବାଦୀ ସଙ୍ଗଠନରେ ମାନପୁର ଗ୍ରାମର ସତ୍ୟ ନାୟକ ସାମିଲ ନ ହେବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ଅଭିଯୁକ୍ତମାନେ ହତ୍ୟା କରିବା ସହ ପୋଡ଼ିଦେଇଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଆଦିବାସୀ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଏକ ମାନବବାଦୀ ସଙ୍ଗଠନ ଗଢ଼ିଛନ୍ତି। ବେଗୁନିଆ ଥାନା ମାନପୁର ଗ୍ରାମରେ ମଧ ଏହି ସଙ୍ଗଠନର ମେଳି ରହିଛି। ଏହି ମେଳିରେ ସତ୍ୟ ଏବଂ ତାଙ୍କ ଶାଳକ ବେଲେଶ୍ୱର ପରିଡାଙ୍କୁ ସାମିଲ ପାଇଁ ଆହ୍ୱାନ ଦିଆଯାଇଥିଲା। ହେଲେ ଏହି ପ୍ରସ୍ତାବରେ ସତ୍ୟ ଅରାଜି ହେବାରୁ ତାଙ୍କୁ ବାରମ୍ବାର ନିର୍ଯାତନା ଦିଆଯାଉଥିଲା। ଗତ ରବିବାର ରାତିରେ ଭୋଜିରେ ଯୋଗଦେବାକୁ କହି ସତ୍ୟଙ୍କୁ ସଙ୍ଗଠନର କେତେଜଣ ସଦସ୍ୟ ଘରୁ ଡାକି ନେଇଥିଲେ। କରଡ଼ଗାଡିଆ ଗ୍ରାମର ଟୁଲୁଙ୍କ ଘରେ ଭୋଜି ହୋଇଥିବା ବେଳେ ସଙ୍ଗଠନରେ ସଭ୍ୟ ହେବା ପାଇଁ ସତ୍ୟଙ୍କୁ କୁହାଯାଇଥିଲା। ଏଥିରେ ସତ୍ୟ ଅରାଜି ହେବାରୁ ଅଭିଯୁକ୍ତମାନେ ପିଟି ପିଟି ତାଙ୍କୁ ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ କରିବା ପାଇଁ ସୋମବାର ପୂର୍ବାହ୍ଣ ସାଢ଼େ ୧୧ଟାରେ କରଡଗାଡିଆ ପଟାସ ବଗିଚାରେ ସତ୍ୟଙ୍କୁ ପୋଡ଼ିଦେଇଥିଲେ। ପରେ ଅଭିଯୁକ୍ତମାନେ ଦୁର୍ଘଟଣାରେ ସତ୍ୟଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପୁତୁରା ବସନ୍ତଙ୍କୁ ଜଣାଇଥିଲେ। ଖବରପାଇ ବସନ୍ତ ଘଟଣାସ୍ଥଳରେ ପହଞ୍ଚିବା ବେଳେ ସତ୍ୟଙ୍କୁ ଅଭିଯୁକ୍ତମାନେ ପୋଡ଼ିଦେଇଥିବା ଦେଖିବାକୁ ପାଇଥିଲେ। ଏନେଇ ବସନ୍ତଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପରେ ଏସ୍‌ପି ରାଜକିଶୋର ଦୋରାଙ୍କ ନେତୃତ୍ୱରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଆଡିସନାଲ ଏସ୍‌ପି ସୁରେଶ ଚନ୍ଦ୍ର ଦାଶ, ଏସ୍‌ଡିପିଓ ସୁଶୀଲ ମିଶ୍ର, ସଦର ଥାନା ଅଧିକାରୀ ଅନିତା ସାହୁଙ୍କ ସମେତ ବେଗୁନିଆ ଓ ସଦର ଥାନାର କର୍ମଚାରୀଙ୍କୁ ନେଇ ୫ ଟିମ୍ ଗଠନ କରାଯାଇ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ଧରାଯାଇଥିଲା। ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲାଠି, ହାଡ଼ ଓ ପାଉଁଶ ଜବତ କରିଛି। ଅଭିଯୁକ୍ତଙ୍କ ବୟାନ ରେକର୍ଡ ସହ ଭିଡିଓ କ୍ଲିପିଂ କରାଯାଇଛି। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ଆଶାକରି ସୁରକ୍ଷା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ: ଜଣେ ମୃତ

ବେଗୁନିଆ,୩।୮(ଡି.ଏନ୍.ଏ.)

ବେଗୁନିଆ ଥାନା ଚକାପଦା ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ନାବାଳକଙ୍କ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ନୀଳମଣି ବାରିକ (୪୯)। ସୂଚନା ମୁତାବକ, ମଙ୍ଗଳବାର ରାତି ପ୍ରାୟ ୮ଟାରେ ନୀଳମଣି ଓ ଶରତ ସ୍ୱାଇଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଶରତଙ୍କ ୧୭ବର୍ଷୀୟ ପୁତୁରା ଉତ୍ତ୍ୟକ୍ତ ହୋଇ ନୀଳମଣିଙ୍କୁ ଠେଲାପେଲା କରିବା ସହ ଆକ୍ରମଣ କରିଥିଲା। ଫଳରେ ନୀଳମଣି ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।


କଟକଣା କୋହଳ ହେବା ପରେ ମଙ୍ଗଳବାର ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କ ଦର୍ଶନ କରୁଛନ୍ତି।

## ‘ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ମଜଭୁତ କର’

ବାଣପୁର,୩।୮(ଡି.ଏନ୍.ଏ.)

ଚିଲିକା ଭାଜପା ପକ୍ଷରୁ ବାଣପୁର ନଗର ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ବାବା ବୁଖାରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ଭଗବାନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରି ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଆଗାମୀ ପୌର ନିର୍ବାଚନରେ ମିଳିମିଶି କାର୍ଯ୍ୟ କରବାକୁ କହିଥିଲେ। ଏହି ଅବସରରେ ବାଣପୁର ନଗର ମଣ୍ଡଳ ନିମନ୍ତେ ନୂତନ ନଗର ମଣ୍ଡଳ କମିଟି ଗଠନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ରାଜଶ୍ରୀ ଦାସ, ଭାସ୍କର ନାୟକ, ବିଷ୍ଣୁ ପ୍ରସାଦ ଦାସ, ପ୍ରଣତି ମାର୍ଥା, ବିଦ୍ୟୁତ୍ କାଣ୍ଡି, ଚିରଞ୍ଜିବି ପରିଡା, ରମେଶ ମାର୍ଥା, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ପୁତୁରାଙ୍କୁ ଆଜୀବନ କାରାଦଣ୍ଡ

**ବଡ଼ବୋଉଙ୍କୁ ହତ୍ୟା ମାମଲା**

ଭୁବନେଶ୍ୱର,୩।୮(ବ୍ୟୁରୋ)

ଜଟଣୀ ଥାନା ଅଞ୍ଚଳରେ ୨୦୧୬ରେ ଜମିଜମା ମାମଲାକୁ କେନ୍ଦ୍ର କରି ପୁତୁରା ନିଜ ବଡ଼ ବୋଉକୁ ହତ୍ୟା କରିଥିବା ଘଟଣାରେ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ରାୟ ଶୁଣାଇଛନ୍ତି। ପୁତୁରା ତଥା ଅଭିଯୁକ୍ତ କୁଳମଣି ମହାନ୍ତି(୩୧)ଙ୍କୁ ଆଜୀବନ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଏକ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଏଡିଜେ-୧ ସଞ୍ଜୀବ ଦୁବେ ରାୟରେ ଉଲ୍ଲେଖ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଓକିଲ ସି. କେ. ଦାଶ ପରିଚାଳନା କରୁଥିଲେ।

ସୂଚନା ଅନୁଯାୟୀ ଜଟଣୀ ଥାନା ରଥୀପୁର ଗାଁରେ ମନୋରମା ମହାନ୍ତିଙ୍କ ପରିବାର ସହିତ ଅଭିଯୁକ୍ତ କୁଳମଣିଙ୍କ ଜମିଜମା ନେଇ ବିବାଦ ଲାଗି ରହିଥିଲା। ୨୦୧୬ ମାର୍ଚ୍ଚ ୧୭ରେ କୁଳମଣି ଉକ୍ତ ବିବାଦୀୟ ଜମିରେ ଘର ନିର୍ମାଣ କରୁଥିବା ସମୟରେ ମନୋରମା ସେଠାରେ ପହଞ୍ଚି ବିରୋଧ କରିବାରୁ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ର ରୂପ ଧାରଣ କରିବାରୁ କୁଳମଣି ଉତ୍‌କ୍ଷିପ୍ତ ହୋଇ ମାରଣାସ୍ତ୍ରରେ ମନୋରମାଙ୍କୁ ଆକ୍ରମଣ କରିଥିଲେ। ଫଳରେ ମନୋରମା ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଜଟଣୀ ଥାନା ପୋଲିସ ଆଇପିସି ଦଫା ୩୦୨ ଓ ୩୪ରେ ମାମଲା (ନଂ-୮୬/୨୦୧୬)ରେ ରୁଜୁ କରି କୁଳମଣି ଓ ତାଙ୍କ ମା’ ଶ୍ରୀମତି ମହାନ୍ତି(୬୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ଶ୍ରୀମତି ଜାମିନ୍‌ରେ ଅଛନ୍ତି। ଉକ୍ତ ମାମଲାର ଶୁଣାଣି ଗତ ୧୯ତାରିଖରେ ଶେଷ ହେବା ସହ ଅତିରିକ୍ତ ଦୌରାଜଜ୍ ରାୟକୁ ସଂରକ୍ଷିତ ରଖିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଟାଙ୍ଗୀ(ଖୋର୍ଦ୍ଧା),୩।୮(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକଙ୍କ ମା’ ରଜନୀରାଣୀଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଜଣେ ସ୍ନେହୀ, ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ରୁବିନା


@ ଚନ୍ଦନ


@ ରିତୁଲ୍


@ ସୁନୀଲ


@ ଦିବ୍ୟାନନ୍ଦ


@ ଉଗ୍ରସେନ

## ୩୯ ପଜିଟିଭ୍, ୨୫ ସୁସ୍ଥ

ଖୋର୍ଦ୍ଧା ଅଫିସ,୩।୮

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ବେଳେ ସୁସ୍ଥ ସଂଖ୍ୟା ବୃଦ୍ଧି ପାଉଛି। ମଙ୍ଗଳବାର ୩୯ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୫ଜଣ ସୁସ୍ଥ ହୋଇଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୫,୧୫,୦୧୭ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୮,୫୫୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୮,୦୨୦ସୁସ୍ଥ ହୋଇଛନ୍ତି। ୨୪୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ୨୮୫ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ମଙ୍ଗଳବାର ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୪୦ଟି କେନ୍ଦ୍ରରେ ୬୧୩୯ ଟିକା ଦିଆଯାଇଛି।

## ଛାତ୍ରୀଛାତ୍ରଙ୍କୁ ଚାରାରୋପଣ କରିବାକୁ ଆହ୍ୱାନ

ବେଗୁନିଆ,୩।୮(ଡି.ଏନ୍.ଏ.)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଓ ରେଡକ୍ରସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ କଲେଜ ଅଧକ୍ଷ ଦିଲୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ସତ୍ୟନାରାୟଣ, ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରାଧ୍ୟାପକ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ଅଧ୍ୟାପିକା ବିଜୟ ଲକ୍ଷ୍ମୀ ସୁବୁଦ୍ଧି, ରେଡକ୍ରସର କାଉନସିଲର ଅଧ୍ୟାପକ ବିଧୁଭୂଷଣ ରାଉତ ପ୍ରମୁଖ ଯୋଗଦେଇଥିଲେ। ଗୋଟିଏ ଲେଖାଏ ଚାରାରୋପଣ କରିବା ସହ ତାହାର ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ମନମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ। ମୁଖ୍ୟ କିରାଣି ଫକିର ମୋହନ ବେହେରା, ପ୍ରସନ୍ନ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବେଗୁନିଆ କଲେଜ ପରିସରରେ ଚାରାରୋପଣ କରାଯାଉଛି।

# ପିଲାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ବିଦ୍ୟାଳୟ ବୁଲି ଦେଖିଲେ ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ଅଧକ୍ଷା**

ଖୋର୍ଦ୍ଧା ଅଫିସ,୩।୮

ରାଜ୍ୟରେ କୋଭିଡ୍ ନିୟନ୍ତ୍ରଣକୁ ଆସିବା ପରେ ସରକାର ପ୍ରଥମ ପର୍ଯ୍ୟାୟରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ କରିଛନ୍ତି। ଏନେଇ ସ୍କୁଲ ଓ ଗଣଶିକ୍ଷାବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବିଦ୍ୟାଳୟରେ ଏସ୍‌ଆରସି ଗାଇଡଲାଇନ କିପରି ପାଳନ କରାଯାଉଛି ତାହାକୁ ତଦାରଖ ଲାଗି ମଙ୍ଗଳବାର ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଖୋର୍ଦ୍ଧା ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଥମେ ଗୁରୁଜଙ୍ଗ ହାଇସ୍କୁଲ, ନବଦୋୟ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ଆଦି ସ୍କୁଲ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିସର ସ୍ୱଚ୍ଛତା, ବିଶୋଧନ, ପିଲାଙ୍କୁ ମାସ୍କ ଓ ସାମାଜିକ ଦୂରତ୍ୱ ରଖି ପାଠପଢା ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ କାନ୍ଥରେ ଜରୁରୀକାଳୀନ ସେବା ନମ୍ବର ଯଥା ଚାଇଲ୍ଡ ହେଲ୍ପ ଡେସ୍କ, ପୋଲିସ, ଅଗ୍ନିଶମ ସେବା ନମ୍ବର ଲେଖିବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ପିଲାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ପୂର୍ତ୍ତ ବଙ୍ଗଳାରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ସହ ଶିଶୁ ଅଧିକାର, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ଯୌନ ନିର୍ଯାତନା ଏବଂ ସୁରକ୍ଷା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଆୟୋଗ ସଦସ୍ୟା ବିଦ୍ୟା ଶାଶ୍ୱତୀ, ଜିଲା ଶିଶୁସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଏବଂ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ଅନ୍ୟମାନେ।

**କୋଣାର୍କ ଛାତ୍ର ବିଜେଡିର ଡିଜିଟାଲ ସମ୍ପାଦକ କେଦାର**

କୋଣାର୍କ,(ଡି.ଏନ୍.ଏ.)- ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ ଚୟନ ହୋଇଛନ୍ତି। ସେହିଭଳି କୋଣାର୍କ ଏନଏସି ଛାତ୍ର ବିଜେଡିର ଡିଜିଟାଲ ସମ୍ପାଦକ ଛାତ୍ର ନେତା କେଦାର ମଲ୍ଲିକଙ୍କୁ ନିଯୁକ୍ତ କରିଛନ୍ତି। ବିଜେଡି ଛାତ୍ର ସଂଗଠନ ପକ୍ଷରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରଙ୍କ ନିକଟରେ ଡିଜିଟାଲ ମିଡିଆ ମାଧମରେ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଛାତ୍ର କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ପାଇଁ ନିରନ୍ତର କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏହି ନିଯୁକ୍ତି ପାଇଁ ସେ ମୁଖ୍ୟମନ୍ତ୍ରୀ, କ୍ରୀଡା ମନ୍ତ୍ରୀ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୩।୦୮।୨୦୨୧

୨୬୮୫ ଟଙ୍କା

# ଆଜି ଶ୍ରୀମନ୍ଦିର ଖୋଲିବା ନେଇ ନିଷ୍ପତ୍ତି

ପୁରୀ ଅଫିସ, ୩।୮ (ଡି.ଏନ୍.ଏ.)

ରାଜ୍ୟରେ କରୋନା ପ୍ରଭାବ ହ୍ରାସ ପାଉଥିବା ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣା ଭିତରେ ସୋମବାର ଜିଲାର ପ୍ରାୟ ଧର୍ମାନୁଷ୍ଠାନ ତଥା ମନ୍ଦିର, ଚର୍ଚ୍ଚ, ମସଜିଦ ଖୋଲିଛି। ଦୀର୍ଘଦିନ ପରେ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିଥିବାରୁ ଭକ୍ତ ଓ ପୂଜକଙ୍କ ମଧ୍ୟରେ ଖୁସି ଖେଳିଯାଇଛି। କିନ୍ତୁ ଶ୍ରୀମନ୍ଦିର ଖୋଲିବାକୁ ନେଇ ଶ୍ରଦ୍ଧାଳୁ, ସେବାୟତମାନେ ଚାତକ ଭଳି ଅପେକ୍ଷା କରି ରହିଛନ୍ତି। ଶ୍ରୀମନ୍ଦିର ଭକ୍ତଙ୍କ ପାଇଁ ଖୋଲି ନ ଥିବାବେଳେ ବୁଧବାର ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର କେବେ ଓ କିଭଳି ଖୋଲିବ, କ'ଣ କ'ଣ କଟକଣା ରହିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

ଦୀର୍ଘ ମାସ ପରେ ଦେବାଳୟ ଭକ୍ତଙ୍କ ପାଇଁ ଖୋଲିଥିବାରୁ ପୁରୀ ଆଖଣ୍ଡଳମଣି ପୂଜକ ପୂର୍ଣ୍ଣଚନ୍ଦ୍ର ପାଢୀ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି କରୋନା ଯୋଗୁ କେବଳ ସୀମିତ ପୂଜକଙ୍କୁ ନେଇ ଠାକୁରଙ୍କ ନୀତିକାନ୍ତି କରାଯାଉଥିଲା। ଏବେ କଟକଣା ମଧ୍ୟରେ ମନ୍ଦିର ଖୋଲିଥିବାରୁ ଭକ୍ତମାନେ ମନ୍ଦିର ଆସି ପୂଜାର୍ଚ୍ଚନା କରିବା ସହ ଠାକୁରଙ୍କ ଦର୍ଶନ କରୁଛନ୍ତି। ଫଳରେ ଦୀର୍ଘଦିନ ପରେ ଭକ୍ତ ଓ ଭଗବାନଙ୍କ ମିଳନ ହୋଇଛି। ପୁରୀରେ ଥିବା କ୍ୟାଥିଲିକ ଚର୍ଚ୍ଚର ଫାଦର ପ୍ରଦୀପ ସରକାରଙ୍କର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଖ୍ରୀଷ୍ଟିଆନ ସମ୍ପ୍ରଦାୟରେ ମୁଖ୍ୟତଃ ରବିବାର ସମୂହ ପ୍ରାର୍ଥନା କରାଯାଇଥାଏ। ପ୍ରାର୍ଥନା ପାଇଁ କଟକଣା ମୁକ୍ତ କରାଯାଇଥିଲେ ମଧ୍ୟ ରବିବାର ଶଟ୍‌ଡାଉନ ଥିବାରୁ ସମୂହ ପ୍ରାର୍ଥନା କରିହେବ ନାହିଁ। ତେଣୁ ପ୍ରଶାସନ କଟକଣା ମଧ୍ୟରେ ରବିବାର ସମୂହ ପ୍ରାର୍ଥନା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ସେହିପରି ମୁସଲିମ ସମ୍ପ୍ରଦାୟ ପାଇଁ ସମୂହ ନମାଜ ପାଠ ନିମନ୍ତେ ମସ୍‌ଜିଦ ଖୋଲିବାକୁ ଅନୁମତି ମିଳିଥିବାରୁ ମହମ୍ମଦ ସଫିକ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆଜିଠୁ ମଙ୍ଗଳା ମନ୍ଦିର ଖୋଲିବ

କାକଟପୁର,୩।୮ (ଡି.ଏନ୍.ଏ.)

କାକଟପୁରର ମା' ମଙ୍ଗଳାଙ୍କ ମନ୍ଦିର ବୁଧବାର ପ୍ରାତଃରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ବୋଲି ମନ୍ଦିର ପ୍ରଶାସନ ନୋଟିସ ଜାରି କରିଛି। ପ୍ରାୟ ୪ମାସ ପରେ ଶ୍ରଦ୍ଧାଳୁମାନେ କଟକଣା ମାନି ମନ୍ଦିରକୁ ପ୍ରବେଶ କରିବେ। ଶ୍ରଦ୍ଧାଳୁମାନେ ମାସ୍କ ଲଗାଇ, ହାତ ବିଶୋଧନ କରି, ସାମାଜିକ ଦୂରତ୍ୱ ରକ୍ଷାକରି ମନ୍ଦିରକୁ ପ୍ରବେଶ କରି ମା ଙ୍କୁ ଦର୍ଶନ କରିପାରିବେ। କୌଣସି ଭୋଗ ନ ନେବାକୁ ଓ ମନ୍ଦିର ବେଢା ପରିକ୍ରମା ନ କରିବାକୁ ଭକ୍ତମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ନିଷ୍ପତ୍ତିକୁ ନେଇ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଗୋଟିଏ ନମ୍ବରର ୨ କାର୍ ଜବତ




ନିମାପଡ଼ା,୩।୮ (ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳରେ ଗୋଟିଏ ରଙ୍ଗ, ଗୋଟିଏ ନମ୍ବର ବିଶିଷ୍ଟ ଦୁଇଟି କାର୍ ବୁଲୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଞ୍ଚଳବାସୀ ନାନା ସନ୍ଦେହ କରୁଥିବାବେଳେ ସୋମବାର ଗାଡ଼ି ଦୁଇଟା ପୋଲିସ ହାତରେ ଧରାପଡ଼ିଛି। ତେବେ ଏ ନେଇ ଗୋଟିଏ କାର୍‌ର ମାଲିକ ପରିଚୟ ଜଣାପଡ଼ିଥିବାବେଳେ ଅନ୍ୟ ଗାଡ଼ିର ମାଲିକ ବିଷୟରେ ସୂଚନା ମିଳିପାରି ନାହିଁ। ଏ ନେଇ ଗୋଟିଏ କାର୍ ମାଲିକ ନିମାପଡ଼ା ଥାନା ଅନ୍ତର୍ଗତ ରଙ୍ଗିଲୋ ଅଞ୍ଚଳର ଜିବଲାଲ ପ୍ରଧାନ ଥାନାରେ ତାଙ୍କ ଗାଡ଼ି ନମ୍ବର(ଓଡି ୩୩ ଟି ୯୮୩୬)ରେ ଅନ୍ୟ ଗାଡ଼ି କିପରି ଚାଲୁଛି ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପୋଲିସ ଏକ ମାମଲା (ନଂ.୨୭୩/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଅନ୍ୟ ଗାଡ଼ିଟି କାହାର, କେଉଁ ଅଞ୍ଚଳର ତାହା ଅଦ୍ୟାବଧି ଜଣାପଡ଼ି ନାହିଁ। ମାଲିକ ସନ୍ଧାନ ମିଳି ନ ଥିବା କାର୍‌ଟିକୁ ପୋଲିସ ନିମାପଡ଼ା ଗୋଲେଇ ଛକରୁ ଜବତ କରିଛି। ଏହି ଘଟଣାରେ ଜାଲିଆତି କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ତେବେ କେଉଁ କାର୍‌ର ନମ୍ବର ଅସଲି କିମ୍ବା ନକଲି ତାହା ଜାଣିବା ପାଇଁ ପୋଲିସ ଛାନଭିନ୍ ଚଳାଇଛି।

## ସଂକ୍ଷେପରେ

### ଭର୍ଚୁଆଲରେ ପଞ୍ଚାୟତ ସମିତି ବୈଠକ

ଗୋପ,୩।୮ (ଡି.ଏନ୍.ଏ.)- ଗୋପ ବ୍ଲକ ପଞ୍ଚାୟତ ସମିତି ବୈଠକ ଗୃହରେ ଭର୍ଚୁଆଲରେ ସମିତି ବୈଠକ କରାଯାଇଥିଲା। ବୈଠକରେ ପୁରୀ ସଦର ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ନାନା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆବାସ ଯୋଜନାଠାରୁ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ କୌଣସି ତଥ୍ୟ ସମ୍ପର୍କରେ ନ କହିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଗୋପ ବ୍ଲକଟି ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଥିବା ବେଳେ ପୁରୀ ସଦର ନିର୍ବାଚନମଣ୍ଡଳୀ ମଧ୍ୟରେ ଗୋପର ଇଡିଭୂଆ, ଛଇତନା,ଗଡଭିଙ୍ଗୁରା ପଞ୍ଚାୟତ ରହିଛି। ହେଲେ ଏହି ପଞ୍ଚାୟତରେ ଏବେ ଆବାସ ଯୋଜନା ତଦନ୍ତ ଚାଲିଥିବା ବେଳେ ପ୍ରକୃତ ହିତାଧିକାରୀଙ୍କ ନାମ ନ ଥିବା ଅଭିଯୋଗ ହୋଇଛି। ଫଳରେ ବିଧାୟକ ଷଡ଼ଙ୍ଗୀ ତୁରନ୍ତ ଏହି ଆବାସ ଯୋଜନା ତାଲିକା ଦିଆଯିବାକୁ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦାସ କହିଛନ୍ତି, ବ୍ଲକରେ କୌଣସି ଅନିୟମିତତା ହୋଇ ନାହିଁ। ସରକାରୀ ନିୟମ ସହିତ ଜିଓ ଟ୍ୟାଗ ତାଲିକା ମାଧମରେ ତଦନ୍ତ ଚାଲିଛି। ଖୁବ ଶୀଘ୍ର ଏହା ଶେଷ ହେବ ବୋଲି କହିଛନ୍ତି। ବୈଠକରେ ସମସ୍ତ ଲୋକ ପ୍ରତିନିଧିଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ।

### ସେପ୍ଟେମ୍ବର ୩୦ରେ ପଞ୍ଜୀକୃତ ଚାଷୀଙ୍କ ତାଲିକା ପ୍ରକାଶ

ଡେଲାଙ୍ଗ,୩।୮ (ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକରେ ଚାଷୀମାନେ ଯେପରି ମଣ୍ଡିରେ ଧାନଦେବାରୁ ବଞ୍ଚିତ ନ ହେବେ ସେନେଇ ମଙ୍ଗଳବାର ତହସିଲଦାର ମହେନ୍ଦ୍ର ବଡେଇଙ୍କ ସଭାପତିତ୍ୱରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ସମବାୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଶଙ୍କର ମହାନ୍ତି, ଏମ୍‌ଆଇ ଲିପ୍‌ସାରାଣୀ ରାଉତ, ରେଭିନ୍ୟୁ ସୁପରଭାଇଜର ମନୋରଞ୍ଜନ ମିଶ୍ର, କୃଷି ବିଭାଗ ପର୍ଯ୍ୟବେକ୍ଷକ ସନାତନ ସାହୁ ସମେତ ୧୨ ଜଣ ଆରଆଇ, ୮ କୃଷି କର୍ମୀ ଓ ୧୯ ଟି ସେବାସମବାୟ ସମିତିର ସମ୍ପାଦକ ଉପସ୍ଥିତ ଥିଲେ। ଜୁଲାଇ ୩୧ ସୁଦ୍ଧା ଆବେଦନ ପାଇଁ ଫର୍ମ ନେଇଥିବା ଚାଷୀମାନେ ଅଗଷ୍ଟ ୧୬ ସୁଦ୍ଧା ଫର୍ମ ଦାଖଲ କରିବେ। ସେହିପରି ୨୨ ଅଗଷ୍ଟ ସୁଦ୍ଧା ଚାଷୀଙ୍କ ପଞ୍ଜୀକରଣ ପାଇଁ କମ୍ପ୍ୟୁଟରରେ ନାମ ଏଣ୍ଟ୍ରି କରାଯିବ। ସେପ୍ଟେମ୍ବର ୭ ସୁଦ୍ଧା ଆରଆଇ, ଗ୍ରାମ୍ୟ କୃଷି କର୍ମୀ ଓ ସମବାୟ ସମ୍ପାଦକ ଦ୍ୱାରା ଠିକ ତଦନ୍ତ କରାଯାଇ ଚାଷୀଙ୍କ ଠିକ ରିପୋର୍ଟ ଦାଖଲ କରାଯିବ। ସେପ୍ଟେମ୍ବର ୩୦ରେ ଫାଇନାଲ ତାଲିକା ପ୍ରକାଶ ପାଇବ ବୋଲି ତହସିଲଦାର ବଡେଇ କହିଥିଲେ। ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଆଗଷ୍ଟ ୧୬ରେ ଶେଷ ହେବ। ଚାଷୀମାନେ ପଞ୍ଜୀକରଣରେ ସାମିଲ ହେବା ପାଇଁ ବିଡିଓ ଷଡ଼ଙ୍ଗୀ ନିବେଦନ କରିଛନ୍ତି।

### ଗାଡ଼ି ଓଲଟି ୨ ଟନ କ୍ଷୀର ନଷ୍ଟ

ପିପିଲି,୩।୮ (ସ୍ୱ.ପ୍ର.)- ପିପିଲି-ଜଟଣୀ ମୁଖ୍ୟରାସ୍ତା ଭାରତିପୁର ଛକ ନିକଟରେ ସୋମବାର ରାତି ପ୍ରାୟ ୧୨ଟାରେ ଏକ କ୍ଷୀର ଗାଡ଼ି ଓଲଟି ପ୍ରାୟ ୨ଟନର କ୍ଷୀର ନଷ୍ଟ ହୋଇଯାଇଛି। ଖବରପାଇ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିବା ବେଳେ ଦୁର୍ଘଟଣାରେ ଡ୍ରାଇଭର ଜଣକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଓଡି ୦୨ ଏଜି ୨୩୭୮ ନଂ. ବିଶିଷ୍ଟ କ୍ଷୀର ଗାଡ଼ିଟି ନିମାପଡାରୁ ଜଟଣୀ ଅଭିମୁଖେ ଯାଉଥିଲା। ରାତି ୧୨ଟାରେ ପିପିଲି-ଜଟଣୀ ମୁଖ୍ୟରାସ୍ତାର ଭାରତୀପୁର ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣା ଦେଖି ଡ୍ରାଇଭର ବ୍ରେକ ମାରିଥିଲେ। ହେଲେ କ୍ଷୀର ଗାଡ଼ିଟି ଭାରସାମ୍ୟ ହରାଇ ସାମାନ୍ୟ ଓଲଟି ପଡ଼ିଥିଲା। ଫଳରେ ଗାଡିରେ ଥିବା ପ୍ରାୟ ୨ଟନର କ୍ଷୀର ଓ ଅନ୍ୟାନ୍ୟ ସାମଗ୍ରୀ ତଳେ ପଡିଯାଇଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ କେତେକ କ୍ଷୀର ପ୍ୟାକେଟ ନେଇଯାଇଥିଲେ। ପରେ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା।



ମାଚ୍ୟୁରିଟି ଟଙ୍କା ଫେରସ୍ତ ଦାବିରେ ପୁରୀସ୍ଥିତ ସାହାରା କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ବୀମାଧାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ସାହାରା ଇଣ୍ଡିଆ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ପୁରୀ ଅଫିସ,୩।୮

ସାହାରା ଇଣ୍ଡିଆରେ ଟଙ୍କା ଜମା ରଖିଥିବା ଜମାକାରୀମାନେ ଠିକ ସମୟରେ ଟଙ୍କା ନ ପାଇବା ଏବଂ ଦୀର୍ଘଦିନ ହେବ କାର୍ଯ୍ୟାଳୟ ଖୋଲୁ ନ ଥିବାରୁ ମଙ୍ଗଳବାର ଶରଧାବାଲି ନିକଟସ୍ଥ ସାହାରା ଇଣ୍ଡିଆ କାର୍ଯ୍ୟାଳୟ ସମ୍ମୁଖରେ ବୀମାଧାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବୀମାଧାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୩ମାସ ଧରି ଲକ୍‌ଡାଉନ ଯୋଗୁ ସାହାରା ଇଣ୍ଡିଆ କାର୍ଯ୍ୟାଳୟ ବନ୍ଦ ଥିଲା। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଚଳିତ ମାସ ୧ ତାରିଖରୁ ସମସ୍ତ ବ୍ୟାଙ୍କ ଏବଂ ବୀମା କାର୍ଯ୍ୟାଳୟ ଖୋଲିବା କଥା। ମାତ୍ର ସାହାରା ଇଣ୍ଡିଆ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏଯାବତ କାର୍ଯ୍ୟାଳୟ ଖୋଲିନି। ଏ ନେଇ କମ୍ପାନୀ କର୍ମଚାରୀ ଏବଂ ଅଧିକାରୀଙ୍କୁ କାର୍ଯ୍ୟାଳୟ ଖୋଲିବା ନେଇ ପଚାରିବାରେ କୌଣସି ଉତ୍ତର ଦେଉନାହାନ୍ତି। ଫଳରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ମହିଳା ଏବଂ ବୃଦ୍ଧ ବୀମାକାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଉକ୍ତ ସଂସ୍ଥାରେ ଜମା ରଖିଥିବା ବୀମାଧାରୀ ପ୍ରକାଶ ଚନ୍ଦ୍ର ସାହୁ କହିଛନ୍ତି, ସେ ମାସକୁ ୩୦୦ ଟଙ୍କା ଲେଖାଏ ଜମା ରଖିଥିଲେ ମଧ୍ୟ ମାଚ୍ୟୁରିଟି ୨୦୨୦ରୁ ହୋଇଯାଇଛି। ହେଲେ ସଂସ୍ଥା ଅଧିକାରୀମାନେ ତାଙ୍କୁ ଟଙ୍କା ଦେଉନାହାନ୍ତି। ସେହିପରି ବୀମାଧାରୀ ରାମଚନ୍ଦ୍ର ଚୌଧୁରୀ ମଧ୍ୟ ମାସିକ ୬୦୦ ଟଙ୍କା ରଖୁଥିଲେ। ତାଙ୍କ ଟଙ୍କା ପାଇବାର ଅବଧି ଗତ ୨ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ ସଂସ୍ଥା ବିଭିନ୍ନ ଆଳ ଦେଖାଇ ଟଙ୍କା ଦେଉନାହାନ୍ତି। ତେବେ ମେ ୩୦ରେ ଟଙ୍କା ଦେବାକୁ କମ୍ପାନୀ ପକ୍ଷରୁ କୁହାଯାଇଥିଲା। କିନ୍ତୁ ୩ମାସ ହେବ କମ୍ପାନୀ ବନ୍ଦ ରହିଛି। ତେଣୁ ସେ ଟଙ୍କା ପାଇବା ନେଇ ଆଶଙ୍କା କରିଛନ୍ତି। ପୂର୍ବରୁ ମଧ୍ୟ ଜମାକାରୀମାନେ ଟଙ୍କା ନ ପାଇ ବିକ୍ଷୋଭ କରିବାରୁ ସଂସ୍ଥା ଟଙ୍କା ଦେବା ନେଇ ପ୍ରତିଶ୍ରୁତି ଦେଇଥିଲା। ଆଗରୁ ବନ୍ଦ ଥିବାବେଳେ ଏବେ କାର୍ଯ୍ୟାଳୟରେ ତାଲା ଝୁଲୁଛି। ଯାହକୁ ନେଇ ବୀମାଧାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ପ୍ରଶାସନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଜିଲାପାଳଙ୍କୁ ସାକ୍ଷାତ କରିବା ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ବୀମାଧାରୀମାନେ ସୂଚନା ଦେଇଛନ୍ତି।

## ସ୍ୱର୍ଗଦ୍ୱାର ପାଖରେ ମଦ ଦୋକାନକୁ ବିରୋଧ

ପୁରୀ ଅଫିସ, ୩।୮

ସ୍ୱର୍ଗଦ୍ୱାର ଶ୍ମଶାନ ନିକଟରେ ବିଦେଶୀ ମଦ ଦୋକାନ ଖୋଲାଯିବା ନିଷ୍ପତ୍ତିକୁ ବିରୋଧ କରିଛି ପୁରୀ ବିକାଶ ପରିଷଦ। ରାଜ୍ୟର କୋଟି କୋଟି ଲୋକଙ୍କ ଭାବବେଗ ସହ ଜଡ଼ିତ ସ୍ୱର୍ଗଦ୍ୱାର ନିକଟରେ ମଦଦୋକାନ ନିଷ୍ପତ୍ତିକୁ ପ୍ରତ୍ୟାହାର ପାଇଁ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଦାବି କରିଛନ୍ତି। ମଙ୍ଗଳବାର ପରିଷଦ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶ୍ରୀବସ୍ତିଆ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ପୁରୀ ସହରର ଐତିହ୍ୟ ସହ ସ୍ୱର୍ଗଦ୍ୱାର ଶ୍ମଶାନ ଜଡ଼ିତ। ଏଭଳି ସ୍ଥଳରେ ପ୍ରଶାସନ ସ୍ୱର୍ଗଦ୍ୱାରର ଉଭୟ ପାର୍ଶ୍ୱରେ ବିଦେଶୀ ମଦ ଦୋକାନ ଦେବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ତେଣୁ ପୁରୀ ବେଳାଭୂମି ଓ ସ୍ୱର୍ଗଦ୍ୱାର ଶ୍ମଶାନ ନିକଟରେ ୫ଟି ବିଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ପୁରୀ ବିକାଶ ପରିଷଦ ଦାବି କରିଛି।

## ଦଳିତଙ୍କ ନିର୍ଯାତନା ନେଇ ତହସିଲଦାରଙ୍କ ଦ୍ୱାରସ୍ଥ

କଣାସ,୩।୮ (ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମର ଜଣେ ଦଳିତ ଦମ୍ପତି ଏକ ରାସ୍ତାକୁ ନେଇ ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର ଓ ମିଥ୍ୟା ମାମଲା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ସମାଧାନ ପାଇବା ପାଇଁ ଗ୍ରାମବାସୀ ମଙ୍ଗଳବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଯେ, ବଡ଼ାସ ଗ୍ରାମର ଖାତା ନଂ-୩୮୨, ପ୍ଲଟ ନଂ-୪୬୦, କିସମ ରାସ୍ତା (କଚାରାସ୍ତା), ଏ୦.୦୮୦ଡିକୁ ଗ୍ରାମର ଏକ ଦଳିତ ଦମ୍ପତି ଜବରଦଖଲ କରି ଘର କରୁଛନ୍ତି। ଯେହେତୁ ଉକ୍ତ ରାସ୍ତାକୁ ଗ୍ରାମବାସୀ ବ୍ୟବହାର କରିବା ସହିତ ମୌଜାର ସମସ୍ତ ଚାଷୀ ଉକ୍ତ ରାସ୍ତା ଦେଇ ଜମିକୁ ଯାଇ ଚାଷକାର୍ଯ୍ୟ କରୁଛନ୍ତି। ଉକ୍ତ ରାସ୍ତାରେ ଘର ହେଉଥିବାରୁ ଗ୍ରାମବାସୀ ଯାତାୟାତରେ ବାଧାପ୍ରାପ୍ତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଦମ୍ପତ, ପୂର୍ବତନ ତହସିଲଦାର ଓ ପୂର୍ବତନ କଣାସ ଥାନାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିଲେ। ଏପରିକି ଦମ୍ପତି ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା କରିବା ସହିତ ଦଳିତ ମହାସଂଘକୁ ଧରି ନାନା ଧମକ ଦେଉଛନ୍ତି। ଏଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଗ୍ରାମରାସ୍ତାକୁ ମୁକ୍ତ କରିବା ଓ ସମସ୍ୟାକୁ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ସହଦେବ ସାହୁ ଓ ଅନିଲ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

## ମିଶନ ଶକ୍ତି ଭବନ ପାଇଁ ସ୍ଥାନ ନିରୂପଣ

ଡେଲାଙ୍ଗ,୩।୮ (ଡି.ଏନ୍.ଏ.)

ମିଶନ ଶକ୍ତି ଭବନ ପାଇଁ ଡେଲାଙ୍ଗ ବ୍ଲକ ପରିସରରେ ମଙ୍ଗଳବାର ସ୍ଥାନ ନିରୂପଣ କରାଯାଇଛି। ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇଙ୍କ ତତ୍ତ୍ୱାବଧାନରେ ଜାଗାର ମାପଚୁପ କରାଯାଇଛି। ୧୫୦୦ ବର୍ଗଫୁଟରେ ଭବନଟି ନିର୍ମିତ ହେବାକୁ ଥିବାବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀ ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ମାପଚୁପରେ ବିଡିଓ ଦିଲୀପ ଷଡଙ୍ଗୀ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ନନ୍ଦିତା ସ୍ୱାଇଁ, ସିଡିପିଓ ହୀରାମଣି ନାୟକ, ମହିଳା ମିଶନ ଶକ୍ତି ସମ୍ପାଦିକା ବାସନ୍ତୀ ସାହୁ, ସଭାପତି ବିଦ୍ୟୁଲତା ସ୍ୱାଇଁ, ବନିତା ଦାସ, ପ୍ରତିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଇନରହ୍ୱିଲ କ୍ଲବର ବାର୍ଷିକ ସମୀକ୍ଷା

ପୁରୀ ଅଫିସ,୩।୮



ଇନରହ୍ୱିଲ କ୍ଲବର ବୈଠକରେ ଉପସ୍ଥିତ ଅତିଥିମାନେ।

ଇନରହ୍ୱିଲ କ୍ଲବର ଜିଲା ଅଧ୍ୟକ୍ଷା ମନୀଷା ଶ୍ରୀବାସ୍ତବ ପୁରୀ ଗସ୍ତରେ ଆସି ଇନରହ୍ୱିଲ କ୍ଲବ୍ ଶ୍ରୀକ୍ଷେତ୍ର ପୁରୀ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅଧ୍ୟକ୍ଷା ଶ୍ରୀବାସ୍ତବ କ୍ଲବ୍ ସଦସ୍ୟଙ୍କ ସହ ଗିରଳସ୍ଥିତ ଆନନ୍ଦ ଧାମ ଆଶ୍ରମ ଆବାସିକ ଅନୁଷ୍ଠାନ ଯାଇଥିଲେ। ସେଠାରେ ଚାରାରୋପଣ କରିବା ସହ ପାଠାଗାର ଉନ୍ମୋଚନ କରିଥିଲେ। କ୍ଲବ୍ ପକ୍ଷରୁ ଆଶ୍ରମକୁ ଦୁଇଟି ଷ୍ଟିଲ ଆଲମିରା ଦିଆଯାଇଥିଲା। ପରେ ଅଧ୍ୟକ୍ଷା ଶ୍ରୀବାସ୍ତବଙ୍କ ସଭାପତିତ୍ୱରେ ସ୍ଥାନୀୟ ଏକ ହୋଟେଲ ପରିସରରେ କ୍ଲବ୍ ଆସେମ୍ବ୍ଲି ଏବଂ ବାର୍ଷିକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଇନରହ୍ୱିଲ କ୍ଲବ୍ ଶ୍ରୀକ୍ଷେତ୍ରର ସଭାପତି ରୋଜିଦତ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦିକା ମଧୁସ୍ମିତା ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସବିତା ହରିଚନ୍ଦନ, ସ୍ୱରଜା ମେକାପ, ଚାର୍ଟାର୍ଡ ସଭାପତି ପ୍ରସତି ମହାପାତ୍ର ଏବଂ ପୂର୍ବତନ ସଭାପତି ରୂପଶ୍ରୀ ଧଳ, ହେମାଙ୍ଗୀନ ମିଶ୍ର ଏବଂ ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବନ୍ଦନା ରାୟ ଧନ୍ୟବାଦ ଦେଇଥିଲେ।

## ନୋଟିସ ମାନୁନାହାନ୍ତି ଆଇନ ଉଲ୍ଲଂଘନକାରୀ

ପୁରୀ ଅଫିସ,୩।୮:

ଚଳିତବର୍ଷ ରଥଯାତ୍ରାରେ ଅନଧିକାର ପ୍ରବେଶକାରୀଙ୍କ ବିରୋଧରେ ପୁରୀ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି କହି ଏକ ୨୫ଜଣିଆ ତାଲିକା ପ୍ରକାଶ କରିଥିଲେ। ରଥଯାତ୍ରା ସରିଯାଇଥିଲେ ମଧ୍ୟ ଏଯାଏ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାର ସମର୍ଥ ହୋଇପାରି ନାହିଁ। ଅନଧିକାର ପ୍ରବେଶକାରୀମାନଙ୍କ ମଧ୍ୟରେ କେତେଜଣ ବିନା ପାସ୍‌ରେ ପ୍ରବେଶ କରିଥିବା ବେଳେ ଅନ୍ୟକେତେ ସୋସିଆଲ୍ ମିଡିଆରେ ରଥଯାତ୍ରାର ସିଧା ପ୍ରସାରଣ କରିଥିଲେ। ଏଭଳି ଘଟଣାକୁ ନେଇ ରଥଯାତ୍ରା ପରେ ବିରୋଧ ଜୋର ଧରିବାରୁ ପୋଲିସ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରମାଣ ସଂଗ୍ରହ କରି ତାଲିକା ପ୍ରକାଶ କରିଥିଲା। ତାଲିକାରେ

**କଟକଣା ଭାଙ୍ଗି ରଥଯାତ୍ରାରେ ସାମିଲ ପ୍ରସଙ୍ଗ**

ଅଧିକାଂଶ ପୁରୀ ସହରର ନାମୀଦାମୀ ବ୍ୟକ୍ତି ରହିଛନ୍ତି। ପୋଲିସ ଆଇନ ଅନୁଯାୟୀ ସେମାନଙ୍କୁ ନୋଟିସ୍ କରିଛି, ମାତ୍ର ନୋଟିସ୍‌କୁ ଖାତିର ନ କରି ଆଇନ ଉଲ୍ଲଂଘନକାରୀମାନେ ଥାନାରେ ପହଞ୍ଚିନାହାନ୍ତି। ପୋଲିସ ମଧ୍ୟ କେବଳ ଏକ ନୋଟିସ୍ କରି ଚୁପ୍ ବସି ରହିଛି। ଏ ନେଇ ସିଂହଦ୍ୱାର ଥାନା ଆଇଆଇସି ଗେଲ୍ଲି ସାହୁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ନୋଟିସ୍ ହୋଇଥିବାବେଳେ ସେମାନେ ହାଜିର ହୋଇନାହାନ୍ତି। ତଦନ୍ତ ଚାଲୁ ରହିଛି ଓ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ବାହୁଡ଼ା ଯାତ୍ରା ପୂର୍ବରୁ ୨ଜଣ ବ୍ୟକ୍ତି ଜିହ୍ୱ ପିନ୍ଧି ରଥ ଉପରକୁ ଚଢ଼ିଥିଲେ। ପରେ ସେମାନେ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପର୍କୀୟ ବୋଲି ସ୍ପଷ୍ଟ ହେବା ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନର କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଏପରିକି ସେମାନଙ୍କ ବିରୋଧରେ ପୋଲିସ ମାମଲା ମଧ୍ୟ ରୁଜୁ କରି ନାହିଁ। ଅନ୍ୟପକ୍ଷେ ଜୟନ୍ତ ଦାଶ ଅଭିଯୋଗ କରିଛନ୍ତି ଯେ, ପୁରୀ ପୋଲିସ କେବଳ ରଥଯାତ୍ରା ସମୟରେ ବାହାବା ନେବା ପାଇଁ ଆଇନ ଉଲ୍ଲଂଘନକାରୀଙ୍କ ନାମ ପ୍ରକାଶ କରି ନାଟକ ରଚିଥିଲେ। ଏବେ ସବୁ ଶିଥିଳ ହୋଇଯାଇଛି। ଏ ନେଇ ପୁରୀ ସିଟି ଡିଏସପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ଆଇନ ଉଲ୍ଲଂଘନକାରୀଙ୍କୁ ନୋଟିସ୍ ହୋଇଛି। ବ୍ୟକ୍ତିଗତ ଅସୁବିଧା କାରଣରୁ ଅନେକ ହାଜିର ହୋଇପାରିନାହାନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.MSM-CTS-SBP-10-21

**କାର୍ଯ୍ୟର ନାମ:** କ୍ଲିନ୍ ଟ୍ରେନ୍ ଷ୍ଟେସନ (CTS) ସ୍କିମ୍ ଅଧୀନରେ ଦୁଇ ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ରେଳ ଷ୍ଟେସନଠାରେ ଟ୍ରେନ୍‌ଗୁଡ଼ିକର ରହଣୀ ସମୟରେ ଯନ୍ତ୍ରୀକୃତ ସଫେଇ ଏବଂ କୋଚ୍‌ରେ ପାଣି ଭରିବା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 5,36,22,634.76

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 02 (ଦୁଇ) ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.08.2021ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ହାତ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର

PR-257/M/21-22

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare)
Government of Orissa

No.2472/OSACS Dated: 02.08.2021

**NOTICE INVITING TENDER ON N.S. METHOD**

No.CAD-766:- Orissa State AIDS Control Society, BBSR invites sealed tenders from authorized manufacturers / distributors / approved dealers for supply of the following items.
a) Buprenorphine, 0.4 mg Tablet.
b) Buprenorphine, 2mg Tablet.

The detailed terms & conditions and specification of the above Drugs are available in the website of OSACS i.e. www.osacs.nic.in which can be downloaded for use. Interested parties may submit their tenders through post/ courier services superscribing "Tender for supply of Buprenorphine Tablets to OSACS" to the undersigned on or before 5.30 P.M. of 12.08.2021 positively and the same will be opened at 12.30 P.M. of the next working day by the committee in presence of the participants. The undersigned shall have the right to reject all or any of the tenders without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare), Govt. of Odisha
2nd Floor, Oil Orissa Building, F-Nayapalli, Bhubaneswar-12

OIPR-10009/11/0001/2122

**BERHAMPUR UNIVERSITY**
(Accredited with 'A' Grade by NAAC)
**NOTIFICATION FOR ADMISSION**
**POST GRADUATE AND SELF-FINANCING COURSES FOR THE SESSION 2021-23**

Letter No. 596/PGC/BU/21 Date: 02.08.2021

Admission into all Post Graduate Courses including M.C.A. & M.B.A. shall be done through CPET 2021 Course. However, admission into M. Pharma Course shall be done through OJEE 2021.
Interested students are required to visit: https://pg.samsodisha.gov.in/ (for CPET 2021), https://ojee.nic.in (for OJEE 2021) and the Berhampur University website: http://www.bamu.nic.in for further details.

Sd./- Chairman, P.G. Council

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894, Tel. No. : 0674-2395391, Fax No. : 0674-2395291

Tender No. 10707/P-II/76/2021/PDS Dt.03.08.2021

Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2 | Availability of bid document in the portal | From 04.08.2021 |
| 3 | Last Date / Time for receipt of bids in the portal | Dt.14.08.2021 upto 5.00 PM. |
| 4 | Date / Time of opening of Technical Bid | Dt.16.08.2021 at 3.30 PM |
| 5 | Name and address of Officer inviting Tender | Managing Director, OSCSC Ltd., C/2 Nayapalli, Bhubaneswar. |

Tender documents and other details can be seen from the e-procurement portal www.tendersodisha.gov.in, www.oscsc.in, & www.foododisha.in. Amendments / corrigendum / cancellation / retenders etc. if any shall be published in above websites.

Sd/-
Managing Director

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
REGD. OFFICE : C/2, NAYAPALLI, BHUBANESWAR - 751012
CIN : U51211OR1980SGC000894
Tel. No : 0674-2395391, Fax No : 0674-2395291, Website : www.oscsc.in

Tender No. 10705/P-II/77/2021/PDS Dt. 03.08.2021

Managing Director, Odisha State Civil Supplies Corporation Ltd. invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1. | Name of the work | Selection and appointment of handling & transport contractors for handling & transportation of Custom Milled Rice (CMR) from source district to recipient district through Rake in the State of Odisha. |
| 2. | Availability of bid Document in the portal | From 04.08.2021 |
| 3. | Last Date/Time for receipt of bids in the portal | Dt. 14.08.2021 up to 5.00 PM |
| 4. | Date/Time of Opening of Technical Bid | Dt. 16.08.2021 at 3.30 PM |
| 5. | Name and address of the Officer inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal www.tendersodisha.gov.in, www.oscsc.in & www.foododisha.in. Amendments/ corrigendum/cancellation/retenders etc. if any shall be published only in above websites.

Sd/-
Managing Director